

ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନିଶା କାରବାର, ଜଣେ ଗିରଫ

ସମ୍ବଲପୁର,୫।୯(ବ୍ୟୁରୋ)
କଫ ସିରଫ ବିକ୍ରି କରୁଥିବା ଅଭିଯୋଗରେ ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ପ୍ରକାଶ ସିଂ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ପ୍ରକାଶଙ୍କ ପାଖରୁ ବ୍ୟାପକ କଫ ସିରଫ ଓ ୧୨୦ ଟଙ୍କା ଜବତ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା (ନଂ.୨୨୮/୧୯) ରୁଜୁ ହୋଇଛି । ଅଭିଯୁକ୍ତ ପ୍ରକାଶଙ୍କ ନାମରେ ପୂର୍ବରୁ ୫ଟି ମାମାଲା ରହିଛି ।

### ଯୁବକଙ୍କୁ ମାରପିଟ ଅଭିଯୋଗ

ସମ୍ବଲପୁର,୫।୯(ବ୍ୟୁରୋ)
ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳର ଏକ ନିଛାଟିଆ ଗଳିରେ ଗୁରୁବାର ଶିବୁ ସାହୁ ନାମକ ଜଣେ ଯୁବକଙ୍କୁ ମାରପିଟ ହୋଇଛି । ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଶିବୁଙ୍କ ଅଭିଯୋଗ କ୍ରମେ ରତନ ବାଗ ଓ ତାଙ୍କ ସାଙ୍ଗମାନେ ଆସି ତାଙ୍କୁ ମାଡପିଟ କରିଥିଲେ । ଏହି ସମୟରେ ବୃଦ୍ଧ ଦମ୍ପତ୍ତି ସେଠାକୁ ଚାଲି ଆସିବାରୁ ଅଭିଯୁକ୍ତମାନେ ଛାଡି ଚାଲିଯାଇଥିଲେ । ପରେ ପୋଲିସ ପିସିଆର ଭ୍ୟାନ ଆସି ଆହତ ଅବସ୍ଥାରେ ଶିବୁଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ତେବେ ଘଟଣା ସମ୍ପର୍କରେ ଥାନରେ ଅଭିଯୋଗ ହୋଇନାହିଁ । ହେଲେ ଆହତଙ୍କୁ ଚିକିତ୍ସା କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ତାମଣି ସାହୁ କହିଛନ୍ତି ।

■ଚାଷୀ ଆତ୍ମହତ୍ୟା ଘଟଣା

# ରିପୋର୍ଟ ସଂଗ୍ରହ କଲେ ବିଡିଓ, ତହସିଲଦାର

ସମ୍ବଲପୁର,୫।୯(ବ୍ୟୁରୋ)
ସମ୍ବଲପୁର ଜିଲା ଝୁଝୁମୁରା ଥାନା ଖଇରମାଳ ଗ୍ରାମର ଚାଷୀ ଅବଧୂତ ପ୍ରଧାନ (୫୪)ଙ୍କ ମୃତ୍ୟୁକୁ ନେଇ ପ୍ରଶାସନ ପକ୍ଷରୁ ଗୁରୁବାର ରିପୋର୍ଟ ତଲବ କରାଯାଇଛି । ଝୁଝୁମୁରା ବିଡିଓ ସରୋଜ ବିଶ୍ୱାଳ ଓ ତହସିଲଦାର ସୁକାନ୍ତ ନାଏକ ମୃତ ଚାଷୀଙ୍କ ପରିବାର ପାଖରେ ପହଞ୍ଚି ଘଟଣା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରିଛନ୍ତି ଏବଂ ଚାଷ ଜମି, ଋଣ ଓ ଅନ୍ୟ ଦିଗରେ ଆଲୋଚନା କରିଛନ୍ତି। ମୃତ ଚାଷୀଙ୍କ ପରିବାର ବିପିଏଲ ଶ୍ରେଣୀର ହୋଇଥିବାରୁ ଉକ୍ତ ପରିବାରକୁ ନ୍ୟାସନାଲ ଫ୍ୟାମିଲି ବେନିଫିଟ ଯୋଜନାରେ ଆର୍ଥିକ ସହଯୋଗ ଦିଆଯିବ। ଏହାସହ ମୃତକଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା ପ୍ରଦାନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ବିଡିଓ ବିଶ୍ୱାଳ କହିଥିଲେ । ସେହିପରି ତହସିଲଦାର ନାଏକ ଚାଷ ଜମିର ପରିମାଣ, କେତେ ଚାଷ ହୋଇଛି । କେତେ ଜମି ପଡିଆ ରହିଛି । ଋଣ ପରିମାଣ ଉପରେ ପଚାରି ରିପୋର୍ଟ ସଂଗ୍ରହ କରିଥିଲେ । ସୂଚନାଯୋଗ୍ୟ ଯେ, ଚାଷୀ ଅବଧୂତ ଅଗଷ୍ଟ ୨୮ ତାରିଖରେ ବ୍ୟାଙ୍କକୁ ଆସିବା ବାଟରେ କିଟନାଶକ ଖାଇ ଦେଇଥିଲେ । ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ନିଆଯାଇଥିଲା । ସେଠାରେ ଆଇସିୟୁ ଅଭାବରୁ ତାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ୮ ଦିନ ଚିକିତ୍ସା ପରେ ସେପ୍ଟମ୍ବର ୪ ତାରିଖ ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଚାଷୀଙ୍କ ପୁଅ ମନୋଜଙ୍କ କହିବା ଅନୁସାରେ ତାଙ୍କର ସମୁଦାୟ ୮ ଏକର ଜମି ରହିଛି। ବର୍ଷା ଅଭାବରୁ ୭ ଏକର ଜମି ପଡିଆ ପଡିଥିଲା । ଅନ୍ୟପଟେ ସମବାୟ ସମିତି ଓ ମହାଜନଙ୍କ ପ୍ରାୟ ୨ ଲକ୍ଷ ଟଙ୍କା ଋଣ ରହିଛି । ଏ ନେଇ ବାପା ସବୁ ସମୟରେ ଚିନ୍ତାରେ ରହୁଥିଲେ । ତେଣୁ କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ମନୋଜ ଅଭିଯୋଗ କରିଛନ୍ତି ।



ସମ୍ବଲପୁର ଜିଲା ଖଇରମାଲ ଗ୍ରାମର ମୃତ ଚାଷୀ ପରିବାରଙ୍କ ସହ ବିଡିଓ ଓ ତହସିଲଦାର ଆଲେଶଚନା କରୁଛନ୍ତି ।

## ବୁର୍ଲା ଡିଏଭି ପବ୍ଲିକ ସ୍କୁଲ ଏମ୍‌ସିଏଲ୍‌ରେ ଗୁରୁ ଦିବସ ପାଳିତ

ଚିପିଲିମା,୫।୯ (ଡି.ଏନ୍.ଏ.)
ବୁର୍ଲା ଡିଏଭି ପବ୍ଲିକ ସ୍କୁଲ ଏମ୍‌ସିଏଲ୍‌ଠାରେ ଗୁରୁବାର ସ୍କୁଲ ଅଧକ୍ଷା ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଫୁଲ ଚନ୍ଦନ ଦେଇ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ । ଏହା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଆରମ୍ଭ ହେବା ପୂର୍ବରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ଦାୟିତ୍ୱ ବହନ କରିଥିଲେ । ଫଳରେ ଉତ୍ସବର ଶେଷ ପର୍ଯ୍ୟାୟରେ ଉତ୍ତମ ଛାତ୍ର ଶିକ୍ଷକ ଓ ଉତ୍ତମ ଛାତ୍ରୀ ଶିକ୍ଷୟତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୌଭାଗ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

■ବିଜେଡିର ସାଙ୍ଗଠନିକ ବୈଠକ

# ୱାର୍ଡ ସ୍ତରରେ ନୂତନ ସଭ୍ୟ ସଂଗ୍ରହ ହେବ



ସମ୍ବଲପୁର ମହାନଗର ନିଗମ ଧନୁପାଲିରେ ବିଜେଡିର ବୈଠକ।

ସମ୍ବଲପୁର,୫।୯(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଧନୁପାଲି ଠାରେ ବିଜେଡିର ସାଙ୍ଗଠନିକ ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଅଧକ୍ଷତା କରି ପଞ୍ଚାୟତ ଓ ୱାର୍ଡ ସ୍ତରରେ ନୂତନ ସଭ୍ୟ ସଂଗ୍ରହ କରାଯିବାକୁ କହିଥିଲେ । ଏଥିପାଇଁ ୱାର୍ଡ ସ୍ତରରେ ୪ ଜଣିଆ ଟିମ୍ ଗଠନ କରାଯିବ। ୩ ଜଣ ଯୁବକ ଓ ଜଣେ ଯୁବତୀଙ୍କୁ ନେଇ ଏହି ଟିମ୍ ରହିବ । ଏହି ଟିମ୍ ପ୍ରତ୍ୟେକ ପରିବାରକୁ ଯାଇ ଦଳରେ ସାମିଲ ହେବାକୁ ଅନୁରୋଧ କରିବେ । ତାଙ୍କ ଆଧାର କାର୍ଡ ସହ ଲିଙ୍କ ମଧ କରାଯିବ। ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ କିଭଳି ଭାବେ କାର୍ଯ୍ୟକାରୀ ହେଉଛି ସେ ନେଇ କର୍ମୀମାନଙ୍କୁ ଦେଖିବାକୁ ହେବ। ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ହେବ ବୋଲି ପ୍ରଧାନ କହିଥିଲେ। ପ୍ରଶାସନିକ ଅଧିକାରୀମାନେ ଉନ୍ନୟନ କାମରେ ଅବହେଳା କରୁଛନ୍ତି । ତେଣୁ କାମ ଆଗେଇ ପାରୁ ନ ଥିବା କର୍ମୀମାନେ ଅଭିଯୋଗ କରିଥିଲେ। ସମ୍ବଲପୁର ଜିଲାରେ ଅନେକ ଉନ୍ନୟନମୂଳକ କାମ ଆରମ୍ଭ ହୋଇଛି । ହେଲେ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା । ବୈଠକରେ ରେଙ୍ଗାଲି ବିଧାନସଭାର ମାନେଶ୍ୱର, ଧନକଉଡା, ରେଙ୍ଗାଲି ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ । ପୂର୍ବତନ ବିଧାୟକ ରମେଶ ପଟୁଆ, ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି, ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପୀରଞ୍ଜନ ବେହେରାଙ୍କ ସମେତ ରେଙ୍ଗାଲି, ଧନକଉଡା ବ୍ଲକ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

■ଜିଲାସ୍ତରୀୟ ଗୁରୁ ଦିବସ ସମାରୋହରେ ଗୁରୁଶିଷ୍ୟ ପରମ୍ପରାକୁ ଗୁରୁତ୍ୱ

# ୧୯ ଶିକ୍ଷୟିତ୍ରୀ, ଶିକ୍ଷକ ପୁରସ୍କୃତ

ସମ୍ବଲପୁର,୫।୯(ବ୍ୟୁରୋ)
ଜିଲାସ୍ତରୀୟ ଗୁରୁ ଦିବସ ସମାରୋହ ଗୁରୁବାର ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଜିଲାପାଳ ଶୁଭମ ସକସେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ଜରୁରୀ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ଦୂରତ୍ୱ କମିବ। ଶିକ୍ଷୟତ୍ରୀ, ଶିକ୍ଷକମାନେ ଉପଯୋଗୀ ଦିଗ୍‌ଦର୍ଶନ ଦେଇପାରିବେ ବୋଲି ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ମୀନକେତନ ପୁରୋହିତ ମଧ୍ୟ ଗୁରୁଶିଷ୍ୟ ପରମ୍ପରା ବିଷୟକୁ ନେଇ ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନଙ୍କ ଉଦାହରଣ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରାଥମିକ ସ୍କୁଲର କ୍ଷୀତିଶ କୁମାର ପ୍ରଧାନ, କୁରେଶା ବିବି ପ୍ରଧାନ, ଲକ୍ଷପତି ନନ୍ଦ, ପ୍ରହ୍ଲାଦ କୁମାର ସାହୁ, ସୁମୋଦ ପଟେଲ, ସୁନନ୍ଦା ଚାନ୍ଦ, ନମିତା ପ୍ରଧାନ, ବିରଞ୍ଚିନାରାୟଣ ସାହୁ, ଋତୁରାମ ମାଝି, ମାଧ୍ୟମିକ ସ୍କୁଲର ଅନନ୍ତ ନାୟକ, ଗଗନ ବିହାରୀ ସ୍ୱାଇଁ, ପଙ୍କଜ କୁମାର ସାହୁ, କୁଳଧର ପ୍ରଧାନ, କମଳଲୋଚନ ବେହେରା, ଚିତ୍ତରଞ୍ଜନ ପ୍ରଧାନ, ରେବତୀମୋହନ ଦଳବେହେରା, ଶତ୍ରୁଘ୍ନ ସ୍ୱାଇଁ, ଦୁର୍ଗା ପ୍ରସାଦ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡାଙ୍କ ରଚନା ଓ ସ୍ୱର ସଂଯୋଜନାରେ ବୁଢ଼ାରଜା ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବନ୍ଦନା ଗାନ କରିଥିଲେ। ଶିକ୍ଷୟିତ୍ରୀ ସୁନିତା ପତ୍ରି ଉତ୍ସବ ସଂଯୋଜନା କରିଥିଲେ। ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଗୁରୁବାର ସମ୍ବଲପୁର ଜିଲାସ୍ତରୀୟ ଗୁରୁ ଦିବସ ସମାରୋହରେ ଅତିଥିମାନେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

■ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତା

# ସମ୍ବଲପୁର ଦଳକୁ ୧୯ ପଦକ

ସମ୍ବଲପୁର,୫।୯(ବ୍ୟୁରୋ)
ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ସମ୍ବଲପୁର ଦଳ ସବ୍‌ଜୁନିୟର ବିଭାଗରେ ରନର୍ସଅପ୍ ହୋଇଛି। ଏଥିସହ ୧୯ଟି ପଦକ ହାସଲ କରିଛି। ସମ୍ବଲପୁର ଜିଲାପାଳ ଶୁଭମ ସକସେନା ଗୁରୁବାର ସ୍ୱର୍ଣ୍ଣପଦକ ହାସଲ କରିଥିବା ଇଶାନ କୁମାର ପ୍ରଧାନ, କ୍ଷୀତିଶମୋହନ ବେଉରିଆ, ଦିବ୍ୟକରିଶ୍ମା ପୃଷ୍ଟି, ସେହେନାଜ ଖାତୁନ, ରୌପ୍ୟ ପଦକ ବିଜେତା ଆଶିଷ କୁମାର ସାହୁ, ରୋଶନୀ ସିଂ, ଚନ୍ଦନ ଚନ୍ଦ୍ର ଦାଶ, କୋମଳ ଅଗ୍ରୱାଲ, ନିତୁ କେୱଟ, ଅନ୍ୱେଷା ପଣ୍ଡା, ବ୍ରୋଞ୍ଜ ପଦକ ବିଜେତା ଅପର୍ଣ୍ଣା ଜେନାମଣି, ଦୀପେଶ କୁମାର ଦାଶ, ଅର୍ମାନ ମିଶ୍ର, ସ୍ନିଗ୍ଧାରାଣୀ ଭାଜି, ପ୍ରିୟଙ୍କା ମିତ୍ତଲ, ତମନ୍ନା ଗୋପେ, ନାନୁ କେୱଟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ଜୁଡୋ ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥୀ, ଟିମ୍ ମ୍ୟାନେଜର ବିଜୟା ଗୁରୁଙ୍ଗ, ଗାୟତ୍ରୀ ମିଶ୍ର, ଦିବ୍ୟଲକ୍ଷ୍ମୀ ମାଝି, ବୈଷ୍ଣବୀ ପ୍ରସାଦ, ଉକ୍ସିନୀ ପ୍ରସାଦ, ଜିତେନ୍ଦ୍ର ପ୍ରଧାନ, ସୋନୁପ୍ରସାଦ ସୋନାର, ଅରୁଣ କୁମାର ଅଜାଡିୱାଲ, ସୁବ୍ରତ କୁମାର ପଣ୍ଡା, ଦିଲୀପ ପୃଷ୍ଟି, ଅଞ୍ଜନା ପୃଷ୍ଟି, ଶାନ୍ତି ଗୋପେ, ଭୂପତି ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ ରାଜ୍ୟସ୍ତରୀୟ ଜୁଡୋରେ ମେଡାଲ ହାସଲ କରିଥିବା କ୍ରୀଡ଼ାବିତ୍‌ମାନେ।

# ବାମରା: ତାତିଲେ ଚାଷୀ, ମହାବନ୍ଦ ୧୧ରେ

ବାମରା,୫।୯ (ଡି.ଏନ୍.ଏ.)
ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ଚାଷୀମାନେ ଗତ ୨୦୧୮ ଖରିଫ ଋତୁରେ ମରୁଡି ପରିସ୍ଥିତି ସାଙ୍ଗକୁ ଦୁର୍ବିପାକର ସାମନା କରିଥିଲେ। ଏହାକୁ ନେଇ ରାଜ୍ୟ ସରକାର କ୍ଷତିପୂରଣ ବାବଦକୁ ଇନପୁଟ ସବ୍‌ସିଡି ତଥା ଫସଲ ବୀମା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଅନ୍ୟାନ୍ୟ ଜିଲାରେ ଉକ୍ତ ରାଶି ପୈଠ ହୋଇ ସାରିଥିବା ବେଳେ ଜିଲାର କୁଚିଣ୍ଡା ଉପଖଣ୍ଡକୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଉପଖଣ୍ଡ ଚାଷୀ ସଙ୍ଗଠନ ପକ୍ଷରୁ ଉପଜିଲାପାଳ ଅଫିସ ଆଗରେ ଦୀର୍ଘ ଦେଢ଼ ମାସ ଧାରଣା ଦିଆଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଚଳିତବର୍ଷ ମଧ୍ୟ ମରୁଡି ଭଳି ପରିସ୍ଥିତି ରହିଥିବା ବେଳେ ସରକାରଙ୍କ ଚାଷୀମାରଣନୀତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଛି । ଏଥିପାଇଁ ସଙ୍ଗଠନ ପକ୍ଷରୁ ଉପଖଣ୍ଡର ୩ଟି ବ୍ଲକ କୁଚିଣ୍ଡା, ବାମରା ଓ ଜମନକିରାରେ ଥିବା ସମସ୍ତ ସରକାରୀ, ବେସରକାରୀ ଅଫିସ, ବ୍ୟାଙ୍କ, ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟବସାୟୀକ ପ୍ରତିଷ୍ଠାନ ଆଦି ସମ୍ପୂର୍ଣ୍ଣ ବନ୍ଦ ପାଇଁ ମହାବନ୍ଦ ଡାକରା ଦିଆଯାଇଛି । ମାତ୍ର ଏଥିରୁ ଜରୁରୀକାଳୀନ ସେବା ଓ ରେଳ ସେବା ଅବ୍ୟାହତ ରଖାଯାଇଥିବା ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୧୧ରେ ମହାବନ୍ଦ ଲାଗି ଉପଖଣ୍ଡ ସମସ୍ତ ପଞ୍ଚାୟତରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

# ପଧାନପଡ଼ାରେ ସଙ୍ଗୀତ ସନ୍ଧ୍ୟା

ସମ୍ବଲପୁର,୫।୯(ବ୍ୟୁରୋ)
ଗୁରୁ ଦିବସ ଉପଲକ୍ଷେ ସଙ୍ଗୀତ ସନ୍ଧ୍ୟା ଗୁରୁବାର ରାତିରେ ପଧାନପଡ଼ାସ୍ଥିତ ଭଗବତୀ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସଙ୍ଗୀତଜ୍ଞ ଗୁରୁ ଜ୍ଞାନରଞ୍ଜନ ମହାପାତ୍ର ଓ ଶିଷ୍ୟମାନେ ଗୁରୁବନ୍ଦନା ଗାନ କରିଥିଲେ। ପରେ ଶାସ୍ତ୍ରୀୟ ସଙ୍ଗୀତ ମୂର୍ଚ୍ଛନାରେ ଅଞ୍ଚଳ ଝୁମି ଉଠିଥିଲା। ପ୍ରଫେସର କାମଦେବ ସାହୁ, ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଫୁଲ୍ଲ କୁମାର ହୋତା, ଡ. ଦିଲୀପ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତ୍ରିଲୋଚନ ତ୍ରିପାଠୀ ସଂଯୋଜନା କରିଥିଲେ। ଇପ୍‌ସିତା ସାହୁ, ମେଘନା ଦଲାଇ, ମଣ୍ଟୁ ମହାକୁର, ସିମରନ୍ ଚକ୍ରବର୍ତ୍ତୀ, ଆଶୁତୋଷ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ବାଗ, ସ୍ୱୟଂପ୍ରଭା ପଣ୍ଡା, ରାକ୍ଷୀଶାଶ୍ୱତୀ ନନ୍ଦ, ସ୍ୱରାଜ ଦାସ, ସରିତା ରାୟ, ମମତା ଦାଶ, ସପନ ଡାଲି ପ୍ରମୁଖ ସଙ୍ଗୀତ ଗାନ କରିଥିଲେ।




ଗୁରୁବାର ସମ୍ବଲପୁର ଭଗବତୀ ମଣ୍ଡପରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ।

## ଫଟୋରେ ଖବର







ଅଇଁଠାପାଲି ଏଲ୍‌ଆଇସି ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଗୁରୁବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି (ବାମ) । କ୍ଷେତରାଜପୁର ଅଗ୍ରେସନ ଭବନରେ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମ, ନନ୍ଦୋତ୍ସବ (ମଝି) । ଠେମରା ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ନୂଆଁଖାଇରେ ଜଣେ ନୃତ୍ୟ ଶିଳ୍ପୀଙ୍କୁ ପୁରସ୍କୃତ କରାଯାଉଛି ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ନୂଆଁ ଖାଇଲେ ୬୫ ପରିବାର

**ଘଣ୍ଟାପଡା, ୫।୯ (ଡି.ଏନ.ଏ):** କନ୍ଧମାଳ ବ୍ଲକ ଖେମୁଣ୍ଡିଗଡ ଗ୍ରାମବାସୀ ଆଦିବାସୀ ନେତା ସାମନ୍ତ ମାଝୀଙ୍କ ଅନୁରୋଧ ଏବଂ ଗଉଁନ୍ତିଆ ତଥା ଝାଙ୍କର ଅନନ୍ତ ମାଝୀଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏକ ଭିନ୍ନ ପରମ୍ପରାରେ ନୂଆଁଖାଇ ପର୍ବ ପାଳନ କରିଛନ୍ତି । ଲଗ୍ନ ଅନୁସାରେ ମଙ୍ଗଳବାର ଅପରାହ୍ନ ଗୋଟାଏ ସମୟରେ ସମସ୍ତ ଲୋକ ଗାଁ ଦାଣ୍ଡିରେ ଏକାଠି ନବାନ୍ନ ସେବନ କରିଥିଲେ । ପରମ୍ପରା ଅନୁସାରେ ପ୍ରଥମେ ଗାଁର ଆରାଧା ଦେବୀ କନ୍ଧେନବୁଢ଼ୀ ପୀଠରେ ପୂଜା କରାଯାଇ ନୂଆ ଚୁଡାକୁ ଭୋଗ ଲଗାଯାଇଥିଲା। ଏହାପରେ ସମସ୍ତେ ଏହାକୁ ସେବନ କରିଥିଲେ । ନବାନ୍ନ ଭକ୍ଷଣ ପରେ ସମସ୍ତେ ଜୁହାର ଭେଟ ହୋଇଥିଲେ । ସୁଶାନ୍ତ ମାଝୀ, ଗୌର ବିଶ୍ରି, ଲୁବୁନ ମଳିକ, ଯୁଗ ମଲିକ, ବିଶ୍ୱନାଥ, ଧନମତ, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ପ୍ରଥମ ଥର ପାଇଁ ଗ୍ରାମର ୬୫ଟି ପରିବାର ଜାତି, ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ନୂଆଁ ଖାଇଥିବାରୁ ସମସ୍ତେ ଖୁସି ଅନୁଭବ କରିଥିବା କହିଛନ୍ତି ।

### ରେଗଡୋଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଘଣ୍ଟାପଡା, ୫।୯ (ଡି.ଏନ.ଏ):** କନ୍ଧମାଳ ବ୍ଲକ ରେଗଡୋଲାଠାରେ ଉପରପଡା ଯୁବକ ସଂଘ ପକ୍ଷରୁ ଗଣେଷ ପୂଜା ଏବଂ ନୂଆଁଖାଇ ପର୍ବ ଅବସରରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଖବରଦାତା ପ୍ରଭାତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇର ଭାଇଚାରା ଗୋଟିଏ ଦିନ ପାଇଁ ନୁହେଁ ବରଂ ସବୁଦିନ ବଜାୟ ରଖିଲେ ସମାଜରୁ ଅନେକ ସମସ୍ୟା ଦୂରୀଭୁତ ହୋଇପାରିବ ବୋଲି ଉଦ୍‌ବୋଧନ ଦେଇଥିଲେ। ଘଣ୍ଟାପଡା ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ, ସାମାଜିକ କର୍ମୀ ପ୍ରେମରାଜ ରଣା, ପ୍ରଶାନ୍ତ ରଣା, ମନୋଜ ପାଣିଗ୍ରାହୀ, ସ୍ୱଦେଶୀ ରଣା, ବିଦେଶୀ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପରେ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

■ ଧାନକିଣା ଜାଲିଆତି

# ତଦନ୍ତ ଦାବିକଲେ ବିଧାୟକ

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଜିଲାରେ ଗତ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ତଥା ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନ କଳାପାଣି ମାର୍କେଟ୍ ୟାର୍ଡ଼ରେ ଧାନ କିଣାବିକାରେ ବ୍ୟାପକ ଅନିୟମିତତା ହୋଇଥିବା ପଦାକୁ ଆସିଛି। ଅଞ୍ଚଳର ନଈନାଳ, କଟା, ରେଳପଥ, ଗ୍ରାମ୍ୟରାସ୍ତା, କେନାଲ ଆଦିକୁ ଚାଷଜମି ଭାବେ ଉଲ୍ଲେଖ କରି ପରିଚୟପତ୍ର ପ୍ରସ୍ତୁତ କରି ତାହା ମାଧ୍ୟମରେ ଧାନ କିଣାବିକା ହୋଇଛି। ଏ ନେଇ ଗତ ୩୦ତାରିଖ ଧରିତ୍ରୀରେ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ସାମାଜିକ କର୍ମୀ ଦୀପକ ବାରିକ ଏଭଳି ଅନିୟମିତତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି। ବିଧାୟକ ଆଚାର୍ଯ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଟୁଇଟ୍ କରି ଏଭଳି ଅନିୟମିତତା ଉପରେ ଆବଶ୍ୟକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ହେଲେ ପ୍ରକୃତ ଚାଷୀ ସୁରୁଖୁରୁରେ ସେମାନଙ୍କ ଅମଳ ଧାନ ବିକ୍ରି କରିପାରିବେ ବୋଲି ବିଧାୟକ ଆଚାର୍ଯ୍ୟ ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେହିପରି ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସ୍ୱାଇଁ ପ୍ରମୁଖଙ୍କୁ ଟୁଇଟ୍ କରି ଏହି ଅନିୟମିତତା ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିବେଦନ କରିଛନ୍ତି। ନିଜ ଟୁଇଟ୍‌ରେ ଉଭୟ ବିଧାୟକ ଆଚାର୍ଯ୍ୟ ଏବଂ ସାମାଜିକ କର୍ମୀ ବାରିକ ଗତ ୩୦ତାରିଖ ଧରିତ୍ରୀରେ ପ୍ରକାଶିତ ଖବରକୁ ସଂଲଗ୍ନ କରିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଖୋଦ୍ ବିଧାୟକ ଏବଂ ସାମାଜିକ କର୍ମୀ ତଦନ୍ତ ଦାବି କରୁଥିବାବେଳେ ଅନ୍ୟପଟେ ଏହି ଅନିୟମିତତାରେ ପ୍ୟାଚ୍‌ଅପ୍ ମାରିବାକୁ ତଳୁ ଉପର ପର୍ଯ୍ୟନ୍ତ ଅନେକ ବିଭାଗୀୟ ଅଧିକାରୀ ଉଦ୍ୟମ ଚଳାଇଥିବା ସାଧାରଣରେ ଆଲୋଚନା ଚାଲିଛି।

ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ) ଶାନ୍ତନୁ ପାଣିଗ୍ରାହୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ନେଇ ଜାଣିବା ପାଇଁ ସିଇଓ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ମୋବାଇଲ ଫୋନ ଉଠାଇଥିଲେ ମଧ୍ୟ କିଛି କହି ନ ଥିଲେ। ପୁଣି ତାଙ୍କୁ କଲ୍ କରାଯାଇଥିଲା । ମାତ୍ର ଆଉ ସେ ଆଉ ଫୋନ ରିସିଭ୍ କରି ନ ଥିଲେ। ଚାଷୀମାନେ ନିଜ ଅମଳ ଧାନକୁ ଗତ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟା ସମୟରେ ବିକ୍ରି କରି ପାରି ନ ଥିଲେ। ମଣ୍ଡିରେ ଫଲ୍ସ ଏଣ୍ଟ୍ରି ଏବଂ ରେଳପଥ, ନଈନାଳକୁ ଦେଖାଇ ପରିଚୟପତ୍ର ହାସଲ କରି ହଜାର ହଜାର ବସ୍ତା ଧାନ ବିକିବା ଘଟଣାକୁ କେହି ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ସେହିପରି ଏଭଳି ଧାନକିଣା ଜାଲିଆତି ପଦାକୁ ଆସିଥିବାବେଳେ କିଛି ତଥାକଥିତ ରାଜନେତା, ଚାଷୀନେତା ମଧ୍ୟ ହାତବାନ୍ଧି ବସିଥିବାରୁ ଏଥିରେ ସେମାନଙ୍କ ଭୂମିକାକୁ ନେଇ ମଧ୍ୟ ନାନା ସନ୍ଦେହ ଉପୁଜିଛି। ଅପରପକ୍ଷେ ଜଣେ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କ ହାତରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଭାର ନ୍ୟସ୍ତ କରିବା ଆଦୌ ସମୀଚୀନ ନୁହେଁ। ଅନ୍ୟ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସଚେତନ ନାଗରିକ ମହଲରେ ଦାବି ହୋଇଛି ।


Tweet
Debesh Acharya
@debesh_bjd
@rajaaswain Sir this need a strong enquiry and action so that the original farmers will sell their paddy smoothly

ଧାନକିଣା ଜାଲିଆତିର ଗୁମର ଫିଟିଲା
ନଈନାଳ, ରେଳପଥ ପାଲଟିଛି ଚାଷଜମି

ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ବିଧାୟକ କରିଥିବା ଟୁଇଟ୍‌ର ନକଲ।



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ପୁଅକୁ ପର ଝିଅ**
**ଏଠୁ ଉଠେଇ ସେଠି ଥୁଅ ।**

ଝିଅଟିଏ ଘରଯୋଗ୍ୟା ହେଲେ ତାକୁ ହାତକୁ ଦି'ହାତ କରିଦିଆଯାଇଥାଏ। ଅଜଣା ଅଦେଖା ହାତ ତା' ପାଇଁ ଜୀବନ ସର୍ବସ୍ୱ ପାଲଟିଯାଇଥାଏ। କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ପରପୁଅକୁ ପରଝିଅ ଭଳି ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଇଲି ହେଲେ ଖଟିବି,**
**ମାଇପ ହେଲେ ସୁହାଗୀ ହେବି,**
**ଦେବୀ ହେଲେ ତୋଷିବି ।**

ନାରୀଟିଏ କେତେବେଳେ ଦାସୀ ହୋଇ ଖଟିଥାଏ ତ କେତେବେଳେ ପତ୍ନୀ ହୋଇ ପତି ସୁହାଗିନୀ ପାଲଟିଯାଇଥାଏ। ସେହିପରି କେତେବେଳେ ଆଦର୍ଶ ନାରୀ ହୋଇ ସଭିଙ୍କୁ ପ୍ରୀତ କରାଇଥାଏ ବା ମନ ତୋଷିଥାଏ। ନାରୀ ନିଜ ଜୀବନ କାଳରେ ବହୁ ଭୂମିକା ତୁଲାଇ ପାରିଲେ ନାରୀ ଜୀବନ ସଫଳ ବା ସାର୍ଥକ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଶିଶୁ ମନ୍ଦିରରେ ଗୁରୁ ଦିବସ

**ମନମୁଣ୍ଡା, ୫।୯ (ଡି.ଏନ.ଏ)**

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି । ବାସୁଦେବ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରଜମୋହନ କର୍ମୀ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳି, ବରିଷ୍ଠ ଆଚାର୍ଯ୍ୟ ନେପାଳ ଭୋଇ, ମମତା ମେହେର, ଅନୁସୂୟା ନାଏକ, ଶକୁନ୍ତଳା ପ୍ରଧାନ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ଛାତ୍ର ଆଶୁତୋଷ ପ୍ରଧାନ ସୂଚନା ଓ ସିନ୍ଧୁସୂତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମୃତଭଣ୍ଡାରେ ଗଣେଶଙ୍କ ପ୍ରତିକୃତି

**ବରଗଡ଼ ଅଫିସ୍,୫।୯**

ଗତ ମଙ୍ଗଳବାର ବିଘ୍ନ ବିନାଶନ ଗଣେଶଙ୍କ ପୂଜନୋତ୍ସବ ଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। କେତେକ ସ୍ଥାନରେ ଗଣେଶ ବିସର୍ଜନ ସରିଥିବାବେଳେ ଆହୁରି ଅନେକ ସ୍ଥାନରେ ପୂଜନୋତ୍ସବ ଚାଲିଛି। ଏଭଳି ସ୍ଥଳେ ଗୁରୁବାର ସ୍ଥାନୀୟ ତଳିପଡ଼ାରେ ଗିରିଧାରୀ ବର୍ମାଙ୍କ ପରିବାର ଲୋକେ ଏକ ଅମୃତଭଣ୍ଡା କାଟିବା ପରେ ସେଥିରେ ଗଣେଶଙ୍କ ପ୍ରତିକୃତି ଦେଖାଯିବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ଘଟଣାଟି ପ୍ରଘଟ ହେବା ପରେ ସେଠାକୁ ଶତାଧିକ ଲୋକ ପହଞ୍ଚି ଗଣେଶଙ୍କ ସେହି ପ୍ରତିକୃତିଙ୍କୁ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଦୀର୍ଘ ସମୟ ଧରି ଗିରିଧାରୀଙ୍କ ଘର ଲୋକାରଣ୍ୟ ହୋଇ ପଡ଼ିଥିଲା।


ଅମୃତଭଣ୍ଡାରେ ଗଣେଶଙ୍କ ପ୍ରତିକୃତି।

## ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋଚନା

**କନ୍ଧମାଳ, ୫।୯(ଡି.ଏନ.ଏ.)**

କନ୍ଧମାଳର ବାଲ୍ୟବନ୍ଧୁ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସ୍ଥାନୀୟ ହାଇସ୍କୁଲ ପରିସରରେ ଗୁରୁଦିବସ ଅବସରରେ ଗୁରୁସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା, ଶିକ୍ଷକ ତଥା ବାଲ୍ୟବନ୍ଧୁ ପରିବାରର ଦିବଙ୍ଗତ ସଦସ୍ୟମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରର୍ଥନା କରାଯାଇଥିଲା। ବାଲ୍ୟବନ୍ଧୁର ସତୀଶ କୁମାର ମାହାଣା ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦିବ୍ୟଶଙ୍କର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଡିଓ ରବିନ୍ଦ୍ରନାଥ କହଁର, ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁ, କନ୍ଧମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁମନ୍ତ ଖଟୁଆ, ଅଧ୍ୟାପକ ସନ୍ତୋଷ କୁମାର ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦେବାଧୀ ମଲିକ, ବୃନ୍ଦାବନ ପୃଷ୍ଟିଙ୍କ ସମେତ ଉପସ୍ଥିତ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆରାଧ୍ୟ ନାରାୟଣ ଭୋଇଙ୍କୁ ନରସିଂହ ଖଟୁଆ ସ୍ମୃତି ସମ୍ମାନ, ପୂର୍ଣ୍ଣିମା ସ୍ୱାଇଁଙ୍କୁ ଦ୍ୱିଜବର ସାହୁ ସ୍ମୃତି ସମ୍ମାନ, ଦଳଗଞ୍ଜନ ସୁନାଙ୍କୁ ଭାଗରଥୀ ସାହୁ ସ୍ମୃତି ସମ୍ମାନ, ସାଗରିକା ବେହେରାଙ୍କୁ ରାଜକିଶୋର ପ୍ରଧାନ ସ୍ମୃତି ସମ୍ମାନ ଏବଂ ବବିତା ସାହୁଙ୍କୁ ବିଜୟ ଗୁପ୍ତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ-ଏ ପରାସ୍ତ

**ଥିରୁଭାନନ୍ତପୁରମ, ୫।୯ (ପି.ଟି.)**

ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୪ର୍ଥ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ବରିଷ୍ଠ ଓପନର୍ ଶିଖର ଧାୱନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ-ଏ ଦଳ ଭିଜେଡି ପଦ୍ଧତିରେ ୪ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ନିକଟରୁ ପରାସ୍ତ ହୋଇଛି। ସିରିଜରେ ଘରୋଇ ଭାରତ-ଏ'ର ଏହା ପ୍ରଥମ ପରାଜୟ ଥିଲା। ଏହି ପରାଜୟ ସତ୍ତ୍ୱେ ଭାରତ-ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୩-୧ରେ ଅଗ୍ରଣୀ ରହିଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶୁକ୍ରବାର ଖେଳାଯିବ।

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା-ଏ ଦଳ ୨୨ ଓଭରରେ ଗୋଟିଏ ଉଇକେଟ୍ ହରାଇ ୧୨୨ ରନ କରିଥିଲା। ଏହି ସମୟରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ଏହାକୁ ୨୫ ଓଭରକୁ କମାଇ ଦିଆଯାଇଥିଲା। ବର୍ଷା ଛାଡ଼ିବା ପରେ ଦକ୍ଷିଣ ଆଫ୍ରିକା-ଏ ୨୫ ଓଭରରେ ଗୋଟିଏ ଉଇକେଟ୍ ହରାଇ ୧୩୭ ରନ କରିଥିଲା। ଏହାପରେ ଭିଜେଡି ପଦ୍ଧତିରେ ଭାରତ-ଏ ସମ୍ମୁଖରେ ୨୫ ଓଭରରେ ୧୯୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭାରତ-ଏ ୭.୪ ଓଭରରେ ଗୋଟିଏ ଉଇକେଟ୍ ହରାଇ ୫୬ ରନ କରିଥିବାବେଳେ ପୁଣିଥରେ ବର୍ଷା ହେବାରୁ ଏହାକୁ ରିଜର୍ଭ ଦିବସ ଅର୍ଥାତ୍ ଗୁରୁବାରକୁ ଘୁଞ୍ଚାଇ ଦିଆଯାଇଥିଲା। ଗୁରୁବାର ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ଭାରତ-ଏ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୮୮ ରନ କରିବା ସହ ୪ ରନରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଅଭିଜ୍ଞ ଓପନର୍ ଧାୱନ ୪୩ ବଲରୁ ୮ ଚୌକା ସହାୟତାରେ ସର୍ବାଧିକ ୫୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଭମ ଦୁବେ ୩୧, ଅଧିନାୟକ ଶ୍ରେୟାସ ଆୟାର ୨୬ ଓ ପ୍ରଶାନ୍ତ ଚୋପ୍ରା ୨୬ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏନ୍‌ରିଚ୍ ନର୍ଟେଜ ଓ ମାର୍କୋ ଜନସନ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡକ୍‌ୱର୍ଥ ଲୁଇସ୍ ପଦ୍ଧତି ଭଳି ଭାରତର ଘରୋଇ କ୍ରିକେଟ୍‌ରେ ଭିଜେଡି ପଦ୍ଧତି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ବ୍ୟବହାର କରାଯାଇଥିଲା। ଭାରତୀୟ ଇଞ୍ଜିନିୟର ଭି. ଜୟଦେବନ ଏହାକୁ ଆବିଷ୍କାର କରିଥିଲେ।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶିଖର ଧାୱନ।

## ୨୦୨୦ ସୁଦ୍ଧା ସବୁ ଶିକ୍ଷାନୁଷ୍ଠାନକୁ ମିଳିବ ନାକ୍ ମାନ୍ୟତା

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାରମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି 'ନାକ୍' ମାନ୍ୟତା ହାସଲ କରିପାରିବେ ସେ ଦିଗରେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି । ଗୁରୁବାର ସନ୍ଧ୍ୟାରେ 'ନାକ୍'ର ସଦସ୍ୟ ଏବଂ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ନେଇ ଆୟୋଜିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ନାକ୍ ମାନ୍ୟତା ପାଇବା ପାଇଁ ଯେଉଁସବୁ ମାନଦଣ୍ଡ ରଖାଯାଇଛି, ସେହି ଆବଶ୍ୟକତାକୁ ପୂରଣ କରିବା ଦିଗରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପଦକ୍ଷେପ ନେବା ଜରୁରୀ। ରାଜ୍ୟର ସବୁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ୨୦୨୨ ସୁଦ୍ଧା 'ନାକ୍' ମାନ୍ୟତା ପାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଅରୁଣ କହିଛନ୍ତି। ଏଥିଲାଗି ମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ପ୍ରତି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ପ୍ରତିଷ୍ଠା କରାଯିବା ସହିତ ଏହାକୁ ସୁଦୃଢ଼ କରାଯିବ। ଏହି ସେଲ୍ ଶିକ୍ଷାନୁଷ୍ଠାନର 'ନାକ୍' ମାନ୍ୟତା ହାସଲ ଦିଗରେ ସମସ୍ତ ଦସ୍ତାବିଜ୍ ପ୍ରସ୍ତୁତ କରିବ। ଏଥିସହିତ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସ୍ତରରେ କର୍ମଶାଳା ଆୟୋଜନ ସହ ଏକ ମାଷ୍ଟର ଡାଟାବେସ୍ ମଧ୍ୟ ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ଗୁରୁଦିବସ ଅବସରରେ ମନ୍ତ୍ରୀ ସାହୁ ସମସ୍ତ କୁଳପତିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।

## ଘଣ୍ଟାପଡାରେ ଗୁରୁ ଦିବସ ପାଳିତ

**ଘଣ୍ଟାପଡା, ୫।୯ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁ ଦିବସ ପାଳନ କରାଯାଇଛି। ଏଥିରେ ଧର୍ମାନନ୍ଦ ସାହୁ ମୁଖ୍ୟଅତିଥି, ଦେବାଧି ମଲିକ ଓ କାର୍ତ୍ତିକେଶ୍ୱର ବେହେରା ସମ୍ମାନିତ ଅତିଥି ଏବଂ ମନ୍ଦରଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁ ସମ୍ମାନ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଭଉଣୀଭାଇ ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ, ଗୁରୁମା ଝରଣା ପ୍ରଧାନ, ସନ୍ଧ୍ୟାରାଣୀ ମନହିରା, ସଂଯୁକ୍ତା ବେହେରା, ବେଦମତୀ କୁଦେଇଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରିଥିଲେ। ଘଣ୍ଟାପଡା ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀ, ସମଲେଶ୍ୱରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଦିଗମ୍ବର ସାହୁ ବକ୍ତବ୍ୟ ରଖିଥିଲେ। ସେହିପରି ଡିଗ୍ରୀ କଲେଜ, ଏମଇ ସ୍କୁଲ ଏବଂ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି ।

## ଚାଇନାର ଗ୍ୱାଙ୍ଗଝ୍ୱାଓଠାରେ ଓଡ଼ିଶାର ରୋଡ ଶୋ'

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଶିଳ୍ପୋଦ୍ୟୋଗୀଙ୍କୁ ନେଇ ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ଓଡ଼ିଶାରେ ପୁଞ୍ଜିନିବେଶର ଅଭିବୃଦ୍ଧି ଲକ୍ଷ୍ୟ ନେଇ ଚାଇନାର ଗ୍ୱାଙ୍ଗଝ୍ୱାଓଠାରେ ଏକ ରୋଡ ଶୋ'ର ଆୟୋଜନ କରିଛନ୍ତି। ଏହି ରୋଡ ଶୋ' ମାଧ୍ୟମରେ ଚାଇନାରେ ଡାଙ୍ଗଓ୍ୱାଂଠାରେ ପ୍ରତିଷ୍ଠିତ ନାଇନ୍ ଡ୍ରାଗନ ପେପର(ହୋଲଡିଂ) କମ୍ପାନୀ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିବା ସରକାର ସୂଚନା ଦେଇଛନ୍ତି। ରୋଡ ଶୋ'ରେ ଚାଇନାର ବହୁ ସଂଖ୍ୟକ ଶିଳ୍ପୋଦ୍ୟୋଗୀ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ଭାରତ ଏବଂ ଚାଇନାର ସମ୍ପର୍କ ବହୁ ପୁରାତନ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବହୁ ପ୍ରଗତି ଘଟିଛି। ବର୍ତ୍ତମାନ ଉନ୍ନତ ଭିତ୍ତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ଚାଇନାର ଶିଳ୍ପୋଦ୍ୟୋଗୀଙ୍କୁ ରାଜ୍ୟକୁ ନିମନ୍ତ୍ରଣ କରିବା ସହ ଶିଳ୍ପ ପ୍ରତିଷ୍ଠା ଦିଗରେ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ନୀତିନ୍ ଜୱାଲେ କହିଛନ୍ତି, ଓଡ଼ିଶାରେ ପୁଞ୍ଜିନିବେଶ ଦିଗରେ ଅନୁକୂଳ ବାତାବରଣ ସହ ପର୍ଯ୍ୟାପ୍ତ ସୁଯୋଗ ମହଜୁଦ୍ ରହିଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ଚାଇନାର ଶିଳ୍ପୋଦ୍ୟୋଗୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ରାଜ୍ୟ ପ୍ରତିନିଧି ଦଳ ସେମାନଙ୍କ ସନ୍ଦେହ ଦୂର କରିଥିବା ସେ କହିଛନ୍ତି। ମୋବାଇଲ୍ ଫୋନ୍‌ରେ ବ୍ୟବହୃତ ହେଉଥିବା ଫନିକ୍ସ ବ୍ୟାଟେରୀ ଆଦି ଚାଇନାର ବିଭିନ୍ନ ଶିଳ୍ପୋଦ୍ୟୋଗୀଙ୍କୁ ଓଡ଼ିଶାରେ ଉଦ୍ୟୋଗ ପ୍ରତିଷ୍ଠା କରିବା ଦିଗରେ ଆକୃଷ୍ଟ କରି ପାରିଥିଲା ବୋଲି ମଧ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି।

## ସଂହତିର ବାର୍ତ୍ତାବହ ସାଜିଲା ମହାଆଳତି

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଶକ୍ତିନଗରସ୍ଥିତ ନେହେରୁ ଆସୋସିଏଶନ ପକ୍ଷରୁ ଚାଲିଥିବା ଗଣେଶ ପୂଜା କେବଳ ଆଧ୍ୟାତ୍ମିକ ନୁହେଁ, ସାମାଜିକ ଓ ସଂହତିର ବାର୍ତ୍ତାବହ ସାଜିଛି। ଏଥିରେ ସବୁ ସମ୍ପ୍ରଦାୟର ଲୋକେ ଏକାକାର ହୋଇ ଗଜାନନଙ୍କ ପୂଜାରେ ସାମିଲ ହୋଇଛନ୍ତି। ବୁଧବାର ଗଣେଶ ପୂଜା ପାଳନ ଅବସରରେ ଏଠାରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ହିନ୍ଦୁ, ଶିଖ୍, ମୁସଲିମ, ଖ୍ରୀଷ୍ଟିୟାନ ସବୁ ସମ୍ପ୍ରଦାୟର ମହିଳା, ପୁରୁଷ ଏକାଠି ଗଜାନନଙ୍କ ସମ୍ମୁଖରେ ମହାଆଳତି କରିଥିଲେ । ଯାହାକି ବନ୍ଧୁତ୍ୱ, ଭାଇଚାରାର ନିଦର୍ଶନ ସାଜିଥିଲା। ମୁସଲିମ ସମ୍ପ୍ରଦାୟର ନାସିର୍ ଖାଁ କହିଥିଲେ, ପିଲାବେଳୁ ହିନ୍ଦୁ ଭାଇଙ୍କ ସହିତ ମିଳାମିଶା କରି ଆସୁଛି। ନେହେରୁ ଆସୋସିଏଶନର ଗଣେଶପୂଜାରେ ସାମିଲ ହୋଇ ନିଜକୁ ଗର୍ବିତ ଅନୁଭବ କରୁଛି। ସେହିପରି ଶିଖ୍ ସମ୍ପ୍ରଦାୟର ପ୍ରୀତମ ସିଂ କହିଥିଲେ, ସାମୂହିକ ଆଳତି ସମାଜ ପାଇଁ ଏକ ଭଲ ବାର୍ତ୍ତା। ସବୁ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ଖୁସି ଅନୁଭବ କରୁଛି । ସେହିପରି ଈସାଇ ଧର୍ମାବଲମ୍ବୀ ସୁକାନ୍ତ ବାଗ ଅନୁରୂପ ମନ୍ତବ୍ୟ ରଖିଥିଲେ। ତାଙ୍କ ମତରେ ଏଭଳି ପୂଜନୋତ୍ସବ ସମାଜକୁ ଏକତାର ବାର୍ତ୍ତା ଦେଉଛି ଏବଂ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ରାହା ମଧ୍ୟ ଯୋଗାଉଛି । ଏହି ଅବସରରେ ସମସ୍ତେ ଏକାଠି ପ୍ରସାଦ ସେବନ କରିଥିଲେ ଏବଂ ଅନୁଷ୍ଠାନର ସଭାପତି ଆନନ୍ଦ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

■ ଲଘୁଚାପ ବରଷା ପରଭାବ

# ବାସହରା ହେଲେ ଅନେକ ଗରିବ୍‌ଦୁଃଖି

**ଗଣ୍ଡତୁରୁମ, ୫।୯ (ଡି.ଏନ୍.ଏ.)**

ଗଲା ମଙ୍ଗଲବାରନୁ ଲାଗି ରହିଥିବାର ଲଘୁଚାପ ବରଷାରେ ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଲୁକ୍‌କର ବହୁତ୍ କ୍ଷୟକ୍ଷତି ହେଇଛେ। ବରଷାରେ ଅନେକ ଗରିବ୍ ଖଟିଖିଆ ଲୁକ୍‌କର ମାଏଟ୍ କୁରିଆ, ଗୁହାଲମାନ୍ ଭାଂଗି ଯାଇଛେ। ଏନ୍ତାଥି ସେମାନକର ଧାନ୍, ଚାଉଲ ଜିନିଷପାତି ବରଷା ପାଏନ୍‌ରେ ଭିଜି ଯାଇଛେ। ଇଆଡ଼େ ଅନେକ ଲୁକ୍‌କର ଗୁହାଲ ଭାଂଗିଯିବାର ଲାଗି ଗାଇବଲଦ, ଛେଲମେଢ଼ି କେନ୍ଠାନେ ରଖବେ ସେ ଚିନ୍ତାରେ ସେମାନେ ଘାରି ହେଉଛନ୍। ଅନେକ ପରିବାରର ଘର ଭାଂଗିଯିବାର ଲାଗି ସେମାନେ ନିଜର ଲାଗେଲେସର ଘରମାନକେ ମୁଡ଼ ଗୁଁଜିଛନ୍। ସେନ୍ତା ଆରକେତେ ଗାଁରେ ଲୁକ୍‌କର ବାରନ୍ଦା, କ୍ଲବଘରେ ଆଶ୍ରେ ନେଇଛନ୍। ହେଲେ ଗାଇବଲଦ, ଛେଲମେଢ଼ି ଗୁହାଲ ଅଭାବୁ ଏହେଦେ ବି ବରଷାରେ ଭିଜୁଛନ୍। ଇ ଅସାହା ଦୁଖି ପରିବାରମାନେ ବରଷା ପାଏନ୍‌ରୁ ବଁଚ୍‌ବାର ଲାଗି ପଲିଥିନ୍ ଖଁଡ଼େ ପାଏବାକେ ରାଜସ୍ୱ ନିରୀକ୍ଷକକଁର ଅଫିସକେ ଯାଇ ନିରାଶ ହେଇ ଘରକେ ଫିରୁଥିବାର କହିଛନ୍। ମହୁଲପାଲି ପଁଚେତ୍‌ର ବୁଦେଲବାହାଲ ଗାଁର ସୁରେଶ ଭୁଏ, ଉର୍ଦ୍ଧୁଲୁ ଭୁଏ, ପ୍ରମୋଦ କୁମୁରା, ରାଧେଶ୍ୟାମ ଭୁଏ, ମୁରଲୀ ଭୁଏ, ଗଣ୍ଡତୁରୁମ ଗାଁର ଜୟରାମ ରାଉତିଆ, କଏରା ରାଉତିଆ, ହେମବନ୍ତ ଷଡ଼ଙ୍ଗୀ, କପିଳ ସୁନା, ରାତ୍ର ବଣ୍ଡକି, ବ୍ରାହ୍ମଣତୁରୁର ତାରାଚାନ୍ଦ ସେଟ୍, ଦିଲୀପ ଦାଶ, ନାମ ମେହେର ସମେତ ମେହେନା, ଭୁତଲୋଡ଼, ଜାମପାଲି, ପଧାନପାଲି, କେଶଡ଼ିହି, ଟିହିକିପାଲି ଗାଁର ଅନେକ ଲୁକ୍‌କର ଘର ଗୁଟାମୁଟା ଭାଂଗି ଯାଇଛେ। ବଡ଼ଭାରି ହିସାବେ ମହୁଲପାଲି ଗାଁର ରୂପେଶ ପେରା ଆର ସମ୍ପଦ ଛୁଟିକଁର ଘର ଭାଂଗି ବିପଦ ଅବସ୍ତାରେ ରହିଛେ। ଇ ଦୁଇ ପରିବାରର ଲୋକ୍ ଉପେ ଶୁଇନ୍ ହେଇ ଭଂଗା ଘରେ ବିପଦ୍ ଅବସ୍ତାରେ ରହୁଛନ୍। ସେନ୍ତା ଖପରି ହିଟା ବରଷାରେ ଗଣ୍ଡତୁରୁମ କେନାଲରେ ଘାଇ ହେବାର ସଂଗେ ଫଟାମୁଣ୍ଡା ନାଲର ଉଛଲା ପାଏନ୍ ପଶି ଶତାଧିକ ଏକର ଜମିରେ ବାଲି ପାଟି ଦେଇଛେ। ଇ ବାବ୍‌ଦେ ମତାମତ ନେବାର ଲାଗି ଭେଡ଼େନ ତହସିଲଦାରକୁଁ ତାକର ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ବି ମୋବାଇଲ ସୁଇଚ୍ ଅଫ୍ ଥିବାରଲାଗି ମତାମତ ନାଇଁ ମିଳିପାରି। ହେଲେ ଥାନୀୟ ପରଶାସନ ଅଂଚଲବାସୀକର କ୍ଷୟକ୍ଷତିର ସଠିକ୍ ଆକଳନ କରି ଯେତେ ଜଲଦି ହେବା ସରକାରୀ ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।


ବରଷାରେ ମହୁଲପାଲି ଗାଁର ଝନ୍‌କର ଘର ଭାଂଗିଯାଇଛେ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ



### ସରାପାଲିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ନାକଟିଦେଉଳ,୫।୯ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ଭୀମ ଭୋଇ ସ୍ମାରକୀ କ୍ଲବ ପକ୍ଷରୁ ବୁଧବାର ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ସୌଭାଗ୍ୟ ପ୍ରଧାନ, ସମ୍ପାଦକ ଜଗଦୀଶ କୁମାର ସାହୁଙ୍କ ନେତୃତ୍ୱରେ ସଭ୍ୟମାନେ ଗ୍ରାମର ବିଭିନ୍ନ ସାହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଆବର୍ଜନା ସଫା କରିଥିଲେ। ଏଥିସହ ଗ୍ରାମକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ଗ୍ରାମବାସୀ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଧୀରେନ ସାହୁ, ଦନାର ପ୍ରଧାନ, ସମୀର ପ୍ରଧାନ, ଦଶରଥ ମାଝି, ଆଲୋକ ସାହୁ, ଶୁଭେନ୍ଦୁ ବୀର, ବାପୁନ ଦାଶ, ଯୋଗେଶ ମହାକୁଡ଼, ଅମିୟ ସାହୁ, ଲୁଲୁ ପ୍ରଧାନ, ଲୁକେଶ ଜାନୀଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

### ଦୁର୍ଗାପୂଜା କମିଟି ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୫।୯ (ବ୍ୟୁରୋ)-** କୁମ୍ଭାରପଡ଼ା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଗୁରୁବାର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଖଗେଶ୍ୱର ରଣା ସଭାପତି, ଦେବାଶିଷ ପରିଡ଼ା, ସୁଦୀପ ପଟ୍ଟନାୟକ, ଅଜିତ ବନଛୋର, ସଞ୍ଜୟ ସେଠ ଉପସଭାପତି, ପ୍ରଭାତ ମେହେର ସମ୍ପାଦକ, କେ. ବନଛୋର ସହସମ୍ପାଦକ, ହିମାଂଶୁ ପ୍ରଧାନ କୋଷାଧ୍ୟକ୍ଷ ଓ ଅଜୟ ଘୋଷ ସହକୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ଉଜ୍ଜ୍ୱଳ ମେହେର, ମନୋହର ଘୋଷ, ଶତ୍ରୁଘ୍ନ ମେହେର, ଚିଣ୍ଟୁ ଶୁକ୍ଲା, ରୋହିତ ସାହା, ଶୁଭମ ଭୋଇ, ଶିବରଞ୍ଜନ ଘୋଷ, ପ୍ରଶାନ୍ତ ଶତପଥୀ, ଶୁକଦେବ ସାଲିମା, ଅଶୋକ ସୋନୀ, ସନ୍ତୋଷ ରଣା ଓ କିଶୋର ନାୟକ ରହିଛନ୍ତି। ଆଖଡ଼ା ପରିଚାଳନା କମିଟିରେ ତେଜରାମ ସେଟ, କ୍ଷୀରୋଦ ଖାଡି, ନେପାଳ ବଘାର, ରାମଚନ୍ଦ୍ର ମେହେର, ଦୁର୍ଲଭ ରଣା ଓ ପଦ୍ମନାଭ ମେହେର ରହିଛନ୍ତି।

### ସାଲଡରେ ନୂଆଁଖାଇ ଭେଟଘାଟ

**ରେଙ୍ଗାଲି,୫।୯(ଡି.ଏନ୍.ଏ.)-** ରେଙ୍ଗାଲି ବ୍ଲକ ସାଲଡ ଗ୍ରାମରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନାଟ୍ୟ ଶ୍ରୀ ଡ. ପଞ୍ଚାନନ ମିଶ୍ର ଏବଂ ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଅନ୍ତର୍ଯ୍ୟାମୀ ପାଣି ସଭାପତିତ୍ୱ କରିଥିଲେ। ବିରଞ୍ଚି ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ବିଶ୍ୱକେତନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ।

### ମୁଦିପଡ଼ା ଦୁର୍ଗାପୂଜା କମିଟି ଗଠିତ

**ସମ୍ବଲପୁର,୫।୯ (ବ୍ୟୁରୋ)-** ମୁଦିପଡ଼ା ସାର୍ବଜନୀନ ଦୁର୍ଗାପୂଜା ଓ ନବରାତ୍ର ପୂଜା ପରିଚାଳନା କମିଟି ଗଠନ କରାଯାଇଛି। ନୀଳମଣି ପ୍ରଧାନ ସଭାପତି, ଆନନ୍ଦ ଜେନା ମୁଖ୍ୟ ଉପଦେଷ୍ଟା, ନବକିଶୋର ଦାସ ପ୍ୟାଟ୍ରନ୍, ବନମାଳୀ ପଟେଲ, ନିମାଇଁଚରଣ କର, ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଦୀପ ପ୍ରଧାନ, ଲକ୍ଷ୍ମୀନାରାୟଣ ପଟେଲ ଉପସଭାପତି, ବିଚିତ୍ର ସାହୁ ସାଧାରଣ ସମ୍ପାଦକ, ରୋହିତ ଗହିର, ଡିସେମ୍ବର ପାଣ୍ଡେ, ଭବାନୀଶଙ୍କର ପଣ୍ଡା, ଅତିକେଶ ଜେନା, ସୁରଜ ଭିତ୍ରିଆ ସମ୍ପାଦକ ଓ ଶ୍ରୀବତ୍ସ ଜେନା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଫକୀର ପଟେଲଙ୍କୁ ସହକୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହି ଅବସରରେ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନରସିଂହ ଦାଶ, ଗଣ୍ଡା ପାଣ୍ଡେ, ପ୍ରକାଶ ପ୍ରଧାନ, ପଦ୍ମଲୋଚନ ନାୟକ, ପ୍ରଦୀପ କର, ବାବୁଲୁ ଜେନା, ଅବିନାଶ ଜେନା, ପ୍ରମୋଦ କର, ସନ୍ତୋଷ କାଣ୍ଡ, ଦେବାନନ୍ଦ ଭିତ୍ରିଆ, ଈଶ୍ୱର ସାହୁ, ଅକ୍ଷୟ ପ୍ରଧାନ, ଦୀନବନ୍ଧୁ ପରିଡ଼ା, ରାହାସୁ ପଣ୍ଡା, ବିଦ୍ୟାଧର କାଣ୍ଡ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ସାନସିଂହାରୀରେ ନୂଆଁଖାଇ ଭେଟଘାଟ

# ସମ୍ବଲପୁରୀ ନାଚଗୀତରେ ବିଭୋର ଦର୍ଶକ

**ଚିପିଲିମା,୫।୯ (ଡି.ଏନ୍.ଏ.)**

ସମ୍ବଲପୁର ମହାନଗର ନିଗମ ବୈଜାମୁଣ୍ଡା ସାନସିଂହାରୀ ଗ୍ରାମରେ ଜୟ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ନେତା ସିନ୍ଧୁ ସାହା, ମୁଖ୍ୟବକ୍ତା ଭାବେ ସାନସିଂହାରୀ ସେବାଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଜଗତ ପ୍ରସାଦ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଧନକଉଡ଼ା ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ଶିବ ବାରିକ, ଅନୁପ୍ରାସ ମହାନ୍ତି, ହାସ୍ୟକବି ଗୁଣରଞ୍ଜନ ଶାଲିମାର, ଅତାବିରା ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନର ଗୌରୀଶଙ୍କର ମେହେର ଯୋଗଦେଇଥିଲେ। ଅଯୋଧ୍ୟା ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିଥିମାନେ ନୂଆଁଖାଇ ଉପରେ ବକ୍ତବ୍ୟ ରଖିଥିଲେ। ହାସ୍ୟକବି ଶାଲିମାର ବକ୍ତବ୍ୟ ମାଧ୍ୟମରେ ଲୋକଙ୍କୁ ହସାଇଥିଲେ। ପରେ ଦୁଲଦୁଲି ତାଳେ ତାଳେ ସମ୍ବଲପୁରୀ ନାଚ ଗୀତ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନ ସଭାପତି ଦେବେନ୍ଦ୍ର ଠେଟୁଆର, ସମ୍ପାଦକ ରଞ୍ଜନ ଦାସ, ଭାବଗ୍ରାହୀ ପଣ୍ଡା, ପ୍ରମୋଦ ମିଶ୍ର, ଗୋପାଳ ଚନ୍ଦ୍ର ମେହେର, ଚନ୍ଦନ ନାୟକ, ପବିତ୍ର ସ୍ୱାଇଁ, ରାକେଶ ରାଉତ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଜଗତ ପ୍ରସାଦ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଜୁ ଯୁବବାହିନୀ ସଦସ୍ୟ ଏବଂ ଅତିଥି।

# ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ

**ନାକଟିଦେଉଳ,୫।୯ (ଡି.ଏନ୍.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦରେ ଗୁରୁବାର ନାକଟିଦେଉଳ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ପ୍ରାଣୀଧନ ଚିକିତ୍ସାଳୟ ଚାରିପାଖରେ ବିଭିନ୍ନ ପ୍ରଜାତିର ୮୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଏଥିରେ ନାକଟିଦେଉଳ ବିଡିଓ ମେଥୋଡିୟସ ଲାକ୍ରା, ଜିପିଇଓ ପ୍ରଜ୍ଞା ପାଣିଗ୍ରାହୀ ଯୋଗଦେଇ ଚାରାରୋପଣ କରିଥିଲେ। ବିଜୁ ଯୁବବାହିନୀ ସଭାପତି ବିଶ୍ୱାମିତ୍ର ସାହୁ, ଲିଟୁ ବେହେରା, ଆଲୋକ ପ୍ରଧାନ, ରଞ୍ଜିତା ବିଶ୍ୱାଳ, ଅନ୍ତର୍ଯ୍ୟାମୀ ରଣାଙ୍କ ସମେତ ୨୫ ସଭ୍ୟ ଯୋଗଦେଇଥିଲେ। ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାକଟିଦେଉଳ କଲେଜ ପ୍ରତିଷ୍ଠା ଦିବସ

**ନାକଟିଦେଉଳ,୫।୯ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ସଂଯୁକ୍ତ ମହାବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ ତଥା ପବିତ୍ର ଗୁରୁଦିବସ ଗୁରୁବାର କଲେଜ ପରିସରରେ ପାଳିତ ହୋଇଛି। କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ କନ୍ଦର୍ପ ରାଉଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ମୁଖ୍ୟବକ୍ତା ଭାବେ ରେଢ଼ାଖୋଲ ଭୀମ ଭୋଇ କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦିବ୍ୟଲୋଚନ ରାଉତ ଯୋଗଦେଇ ଗୁରୁଶିଷ୍ୟ ପରମ୍ପରା ଓ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। କଲେଜର ପ୍ରତିଷ୍ଠାତା ସଦସ୍ୟ ଅବଧୂତ ବିଶ୍ୱାଳ କଲେଜ ଆରମ୍ଭ ଦିନଠାରୁ ଆଜିପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କହିଥିଲେ। ସ୍ନାତକ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାପିକା ସରସ୍ୱତୀ ପଣ୍ଡା, ଅଧ୍ୟାପକ ଭଜମୋହନ ପ୍ରଧାନ, ଛାତ୍ରୀ ଲିପ୍ସାରାଣୀ ସାହୁ, ଅନୁପମା ପ୍ରଧାନ, ସିପ୍ରା ସାହୁ, ଗୀତାଞ୍ଜଳି ବାନାର୍ଜୀ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କନିଷ୍ଠ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦୀପେନ ପଟ୍ଟନାୟକ କବିତା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ।




ନାକଟିଦେଉଳ କଲେଜ ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ରେଢ଼ାଖୋଲ,୫।୯ (ଡି.ଏନ୍.ଏ.)**

ରେଢ଼ାଖୋଲ ଥାନା ଟାଲ ଗ୍ରାମର ପରମାନନ୍ଦ ସାହୁ (୬୫) ଗୁରବାର ଅପରାହ୍ନ ୪ଟା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ତାଙ୍କ ଚାଷଜମିରୁ ଫେରୁଥିବା ବେଳେ ଭାଲୁରୁ ଅତର୍କିତ ଆକ୍ରମଣ କରିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଠିକ୍ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ରେଢ଼ାଖୋଲ ବନଖଣ୍ଡରେ ହାତୀ, ଭାଲୁ, ବାରହା ଆଦି ବନ୍ୟଜନ୍ତୁଙ୍କ ଉପଦ୍ରବରେ ବହୁ ଫସଲ ନଷ୍ଟ ହେଉଥିବା ବେଳେ ଚାଷୀ ମଧ୍ୟ ମୃତାହତ ହେଉଛନ୍ତି। ହେଲେ ସରକାରଙ୍କ ଘୋଷିତ ଉପଯୁକ୍ତ କ୍ଷତିପୂରଣ ପୀଡ଼ିତ ପରିବାରଗୁଡ଼ିକ ଠିକ୍ ସମୟରେ ପାଇପାରୁନାହାନ୍ତି। ସରକାରୀ ସାହାଯ୍ୟ ପାଇଁ ବନ ବିଭାଗ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେମାନେ ନୟାନ୍ତ ହେଉଥିବା ଅଭିଯୋଗ ହେଉଛି।

ଜିଲା ପର୍ଯ୍ୟଟନ ପରିଷଦ ବୈଠକ

# ବିକାଶ ସହ ପର୍ଯ୍ୟଟକ ବୃଦ୍ଧିକୁ ଗୁରୁତ୍ୱ

**ସମ୍ବଲପୁର,୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ପର୍ଯ୍ୟଟନ ପରିଷଦର ପ୍ରଥମ ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲାପାଳ ଶୁଭମ ସକାସେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଓ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ନେଇ ଏଥିରେ ଆଲୋଚନା କରାଯାଇଥିଲା।

ହୀରାକୁଦ ଡ୍ୟାମ ଓ ଏହାର ପାରିପାର୍ଶ୍ୱିକ ଉନ୍ନୟନ, ହୁମା ବ୍ରକ ମନ୍ଦିର, ଦେବଝରନ, ଘଣ୍ଟେଶ୍ୱରୀ, କୁଚିଣ୍ଡାର ଗୁଦଗୁଦା ଭଳି ପର୍ଯ୍ୟଟନସ୍ଥଳୀରେ ଭିତ୍ତିଭୂମି ନିର୍ମାଣ, ପର୍ଯ୍ୟଟକଙ୍କ ଖାଇବା, ବିଶ୍ରାମ, ପାର୍କିଂ ବ୍ୟବସ୍ଥା ଦିଗରେ ଆଲୋଚନା ହୋଇଥିଲା। ତେବେ ଏହା ପ୍ରଥମ ବୈଠକ ହୋଇଥିବାରୁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ପାରି ନ ଥିଲା। ଜିଲାର ହୋଟେଲ ବ୍ୟବସାୟ ଓ ଟ୍ରାଭେଲ ଏଜେନ୍ସିଗୁଡ଼ିକୁ ମଧ୍ୟ ଏଥିପ୍ରତି ସହଯୋଗ କରିବାକୁ କୁହଯାଇଥିଲା। ସେହିପରି ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବସ୍ ସେବା ଯୋଗାଇ ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ମହାନଗର ନିଗମ ଡେପୁଟି କମିଶନର ଶୁଭଙ୍କର ମହାନ୍ତି, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ଗୋପୀରଞ୍ଜନ ବେହେରାଙ୍କ ସମେତ ଆର୍‌ଡି ଓ ଆର୍‌ଆଣ୍ଡବି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଧମାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

**ଧମା, ୫।୯ (ଡି.ଏନ୍.ଏ.)**

ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମା ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଚାରକ ଭାବେ କ୍ଷିତିଶ ଚନ୍ଦ୍ର ପୁରୋହିତ, ଅମୂଲ୍ୟ ପ୍ରଧାନ ଓ ଅଲେଖ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଅଭିନେତା ଗୋପାଳଚନ୍ଦ୍ର ପଣ୍ଡା, ସ୍ଥାନୀୟ ସରପଞ୍ଚ ନରେଶ ସେଠ୍, ସତ୍ୟସ୍ୱରୂପ ସିଠ୍, ରାହୁଲ ମୋଦକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ୟାମ ମିରିଗ ମଞ୍ଚ ପରିଚାଳନା କରିଥିଲେ।



ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମା ଗାଁରେ ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି।

### ତାଲବ ବଏଲ୍ ଯାତ୍ରା ପ୍ରସ୍ତୁତି ବୈଠକ

**ସମ୍ବଲପୁର,୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ତାଲବ ବଏଲ ଯାତ୍ରା ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ନୀଳମଣି ଚଇନିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଗତବର୍ଷର ପୂଜା ବିଷୟରେ ସଭ୍ୟ ଓ କର୍ମକର୍ତ୍ତା ଆଲୋଚନା ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମହେନ୍ଦ୍ର କୁମାର ଭୋଇ ସଭାପତି, ପରେଶ ପଟେଲ ଉପସଭାପତି, ଆନନ୍ଦ କୁମାର ସାହୁ ସମ୍ପାଦକ, ଆଦିତ୍ୟ କୁମାର ଭୋଇ ସହସମ୍ପାଦକ, କେଦାରନାଥ ଭୋଇ କୋଷାଧ୍ୟକ୍ଷ ଓ ରାଜେଶ ଚଇନି ମୁଖ୍ୟ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳିରେ ତରଣୀସେନ ଭୋଇ, ଅକ୍ଷୟ କୁମାର ଭୋଏ, ବ୍ୟୋମକେଶ ଠାକୁର, ଯୋଗେଶ ଚନ୍ଦ୍ର ଭୋଇ, ସରୋଜ କର, ଉଦିତ କୁମାର ଭୋଇ, ଶ୍ୟାମସୁନ୍ଦର ସେଠ, ଅରୁଣସେନ ଭୋଇ, ରାମପ୍ରସାଦ ପ୍ରଧାନ, ମନୋରମଣ ଭୋଇ, ଶେଷ କୁମାର ପଟେଲ, ଭଗବାନ ପଟେଲ ଓ ଉଜାଗର ପ୍ରଧାନ ରହିଛନ୍ତି।

# କୁଟୁରାଚୁଆଁ କଲେଜ ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ କଲେଜରେ ଗୁରୁବାର ବିଦ୍ୟାରମ୍ଭ ସହ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ସୁବାସ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ପାଠ ପଢ଼ିବା ସମୟରେ ଛାତ୍ରୀଛାତ୍ର ସାକାରତ୍ମକ ମନୋଭାବ ରଖିବା ଉଚିତ। ସୁଦୂରପ୍ରସାରୀ ଲକ୍ଷ୍ୟ ନେଇ ପାଠ ପଢ଼ିଲେ ନିଶ୍ଚୟ ସଫଳତା ମିଳିବ ବୋଲି ମୁଖ୍ୟଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ରୋହିତ ପଟେଲ ଯୋଗଦେଇ ଶିକ୍ଷା ବ୍ୟକ୍ତିକୁ ବିକାଶ ଦିଗରେ ଆଗେଇ ନେଇଥାଏ ବୋଲି କହିଥିଲେ। କଲେଜ ପ୍ରତିଷ୍ଠାତା କାର୍ତ୍ତିକେୟ ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।




କୁଟୁରୁଚୁଆଁ କଲେଜ ପ୍ରତିଷ୍ଠା ଦିବସରେ ଅତିଥି।

ଅଧ୍ୟାପକ ନୀଳାଞ୍ଚଳ ତିୱାରୀ ବିବରଣୀ ପାଠ, ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ୫ ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଏଥିରେ ପ୍ରତିଷ୍ଠାତା କମିଟି ସଭାପତି ବୃନ୍ଦାବନ ମାଝି, ପୂର୍ବତନ ସମ୍ପାଦକ ହିମାଂଶୁ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ନୃପଲାଲ ପଟେଲ, ରାଜେନ୍ଦ୍ର ମହାପାତ୍ର, ଅରୁଣ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଶିଷ୍ୟଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

**ସମ୍ବଲପୁର,୫।୯ (ବ୍ୟୁରୋ)**

ଗୁରୁ ଦିବସରେ ଗୁରୁବାର ଶିଷ୍ୟଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ପାଳିତ ହୋଇଛି। ବିଭିନ୍ନ ସ୍କୁଲ, କଲେଜ, କ୍ଲବ, ସଙ୍ଗୀତ, ନୃତ୍ୟାନୁଷ୍ଠାନରେ ଶିଷ୍ୟମାନେ ଗୁରୁପୂଜନ କରିଛନ୍ତି। ଦୈନିକ ନିଃଶୁଳ୍କ ପତଞ୍ଜଳି ଯୋଗକେନ୍ଦ୍ରରେ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ପତଞ୍ଜଳି ଯୁବ ସମିତି ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ ଯୋଗଶିକ୍ଷା ପ୍ରଦାନ କରି ୮ ପ୍ରାଣାୟମର ଉପକାରିତା ବିଷୟରେ କହିଥିଲେ। ଶେଷରେ ସମସ୍ତଙ୍କୁ ଚାରା ବଣ୍ଟନ କରାଯାଇଥିଲା। ପଦ୍ମିନୀ ମୁଣ୍ଡା, ଉର୍ମିଳା ସାହୁ, ସୁସ୍ମିତା ଓରାମ, ପ୍ରଶାନ୍ତ ମେହେର, ଅଶୋକ ମହାପାତ୍ର, ଏକାମ୍ବର ପତି, ସୁଶାନ୍ତ ସାହୁ, ମୁନୁକାନ୍ତି ପଟେଲ, ପଙ୍କଜିନୀ ରାଉତ, ସୌଭାଗିନୀ ପଣ୍ଡା, ରୋଟାରି କ୍ଲବ ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହା, ଅରୁଣା ସାହା ପ୍ରମୁଖ ଉପସ୍ଥିତ ଥିଲେ। ଭୀମଭୋଇନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଉତ୍ସବରେ ଆଇନଜୀବୀ ଜୟକୃଷ୍ଣ ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମଲାଲ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବ୍ରଜମୋହନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋକୁଳ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରି ଇନରହ୍ୱିଲ କ୍ଲବ ସମ୍ବଲପୁର ହ୍ୟାଣ୍ଡଲୁମ୍ ସିଟି ପକ୍ଷରୁ ବ୍ରଜମୋହନ ପଟ୍ଟନାୟକ ସ୍କୁଲରେ ୭ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାନେତ୍ରୀ ସୂର୍ଯ୍ୟକାନ୍ତୀ ମେହେର, ସମ୍ପାଦିକା ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁନିତା ରଥ, ସୁଜାତା ପାଢ଼ୀ, ଦୀପ୍ତିବାଳା ରଥ, ପ୍ରତିମା କୁମ୍ଭାର, ସ୍ମିତା ହାଉ, ବୈଜୟନ୍ତୀ ମେହେର, ଲକ୍ଷ୍ମୀପ୍ରିୟା ଦୋରା, ଅମରଜିତ କୌର, ସଞ୍ଜୁକ୍ତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାରତ ବିକାଶ ପରିଷଦ ପକ୍ଷରୁ ମାଝିପାଲି ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁବନ୍ଦନା, ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ହୋଇଥିଲା।

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତି ନାୟକ, ରବିନାରାୟଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ସାଲେନି ନାଏକ, ଶିବାଞ୍ଜଳି ପାତ୍ର, ପ୍ରିୟଙ୍କା ସାହୁ, ସ୍ୱୟଂସମ୍ପୂର୍ଣ୍ଣା ଭୋଇ, ନିହାରିକା ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଡ. ବିନୋଦ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ପାଦକ ସତ୍ୟବ୍ରତ ପତି ଧନ୍ୟବାଦ ଅର୍ପଣ କରିଥିଲେ। ମ୍ୟୁନିସିପାଲିଟି ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ସମଲେଶ୍ୱରୀ ମଣ୍ଡପରେ ଗୁରୁପୂଜନ ଉତ୍ସବ ହୋଇଥିଲା। ଡ. ଲକ୍ଷ୍ମୀନାରାୟଣ ରଥ ସଭାପତିତ୍ୱ କରିଥିଲେ। ପୂର୍ବତନ ଶିକ୍ଷକ ସୁରେନ୍ଦ୍ର ପୁରୋହିତ, ନବକିଶୋର ନନ୍ଦ, ବାଳକୃଷ୍ଣ ମିଶ୍ର, ଅମ୍ବିକା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ଧର ଓ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁ ନାନକ ପବ୍ଲିକ ସ୍କୁଲ ପ୍ରଧାନ ଶିକ୍ଷକ ଡ. ରବୀନ୍ଦ୍ରନାଥ ଦାଶଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଥୋମାସ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲାୟନ୍ସ କ୍ଲବ ଅଫ ସମ୍ବଲପୁର ସିଲ୍କ ପକ୍ଷରୁ କୁମ୍ଭାରପଡ଼ାରେ ଉତ୍ସବ ହୋଇଥିଲା। ସି.ଆର୍. ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ରୋଟାରି ଇନରହ୍ୱିଲ କ୍ଲବ ହ୍ୟାଣ୍ଡଲୁମ୍ ସିଟି ପକ୍ଷରୁ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ସମ୍ବଲପୁର ମ୍ୟୁନିସିପାଲିଟି ହାଇସ୍କୁଲ ପୁରାତନ ଛାତ୍ର ସଂଘ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ, ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।

-କନଫୁସିୟସ



## ସଂକ୍ଷେପରେ

### ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଡ୍ରାଇଭର

**ଜହ୍ନାପଙ୍କ, ୫।୯ (ଡି.ଏନ.ଏ):** ବୁଧବାର ବିଳମ୍ବିତ ରାତିରେ ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ତେଲିବନ୍ଧବାହାଲ ପୋଲ ନିକଟରେ ଏକ ବାଇଗଣ ବୋଝେଇ ଟ୍ରକ (ନଂ.ଓଡି୦୨ ବିସି/୯୭୨୧) ଭାରସାମ୍ୟ ହରାଇ ରାସ୍ତାର ବାମ ପାର୍ଶ୍ୱକୁ ଓଲଟି ପଡିଥିଲା । ତେବେ ଏହି ଦୁର୍ଘଟଣାରୁ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ଉକ୍ତ ଟ୍ରକ୍ ସମ୍ବଲପୁର ରେଙ୍ଗାଲିରୁ ବାଇଗଣ ବୋଝେଇ କରି ସୁନାଖଲା ଯାଉଥିବା ବେଳେ ହଠାତ ଏକ ବାଇକ୍ ରାସ୍ତା ଉପରକୁ ଚାଲିଆସିବାରୁ ଡ୍ରାଇଭର ଗାଡିକୁ ବାମପଟକୁ ମୋଡି ଦେବାରୁ ଏହି ଦୁର୍ଘଟଣା ଘଟିଥିଲା ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାଇକମାଳ, ୫।୯ (ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଖରାମାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅର୍ଜୁନ ସାହୁଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ନରସିଂହ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଇଓ ଡୋଲାମଣି ବାରିକ ମୁଖ୍ୟଅତିଥି, ସିଆରସିସି ତରଣୀସେନ ଡନସନା ସମ୍ମାନୀତ ଅତିଥି, ସିଆରସିସି ପ୍ରମୋଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଶିକ୍ଷକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପରେ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦାୟୀ ଶିକ୍ଷକ ଅର୍ଜୁନ ସାହୁ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଦାନ କରି ଭଲ ମଣିଷ ଗଢ଼ିବା ପାଇଁ ଆହ୍ୱାନ ଦେଇଥିଲେ । ଶେଷରେ ଲଦ୍ରୋ ଗଏଁତା ଧନ୍ୟବାଦ ଅର୍ପଣ କରିଥିଲେ ।





ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।



ବ୍ଲକସ୍ତରୀୟ ଗୁରୁ ଦିବସରେ ବରିଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୁନାଗରିକ ଗଠନରେ ଶିକ୍ଷକଙ୍କ ଭୂମିକା ରହିଛି

**ବିଜେପୁର, ୫।୯ (ଡି.ଏନ.ଏ)**

ବିଜେପୁର ବ୍ଲକ ଶିକ୍ଷକ ଭବନରେ ଗୁରୁବାର ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏହାକୁ ଉଦଘାଟନ କରିଥିଲେ। ପୃଥ୍ୱୀରାଜ ବାରିକଙ୍କ ଅଧ୍ୟକ୍ଷତାରେ ଏବିଇଓ ସୁଶାନ୍ତ କୁମାର ପାଣ୍ଡେ, ଅମୂଲ୍ୟ ପଧାନ, ଦିବାକର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦେଶର ସମୃଦ୍ଧି ତଥା ଗୌରବ ବୃଦ୍ଧି ପାଇଁ ନାଗରିକମାନଙ୍କ ଯଥେଷ୍ଟ ଅବଦାନ ରହିଛି। ତେଣୁ ବିଦ୍ୟାଳୟରେ ପିଲାମାନଙ୍କ ବୌଦ୍ଧିକ ଶିକ୍ଷା ସହ ନୈତିକ, ଚାରିତ୍ରିକ ଗଠନ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସୁତରାଂ ଶିକ୍ଷାର୍ଥୀମାନଙ୍କ ଏହି ଗୁଣକୁ ବିକଶିତ କରି ସୁନାଗରିକ ନିର୍ମାଣରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତ ନିର୍ମାଣରେ ଶିକ୍ଷୟତ୍ରୀ, ଶିକ୍ଷକମାନଙ୍କ ଭୂମିକା ଶୀର୍ଷକ ଆଲୋଚନାରେ ଏହି ମତପ୍ରକାଶ ପାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ କେଶବ ଚନ୍ଦ୍ର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ବିଭୂତି ଭୂଷଣ ସାହୁ ସଭା ସଂଯୋଜନା ଓ ପ୍ରକାଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗୁରୁ ଦିବସ ପାଳିତ ହୋଇଛି। ତୁଳସୀରାମ ପଣ୍ଡା ପ୍ରାଚୀନ ଗୁରୁକୁଳ ପରମ୍ପରା ଓ ପଦ୍ମାବତୀ ସାହୁ ଶିଶୁର ଜୀବନକୁ ଗଢ଼ିବାରେ ଗୁରୁର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁମା ମନ୍ଦାକିନୀ ସାହୁ ସଭା ସଞ୍ଚାଳନ ଓ ଜୟଶ୍ରୀ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଲାଉମୁଣ୍ଡା ନୋଡାଲ ହାଇସ୍କୁଲରେ ପ୍ରଧାନଶିକ୍ଷକ ଯଯାତି କେଶରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଥିଲା।

**ସୋହେଲା,(ଡି.ଏନ.ଏ):** ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ପାଳନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ସଭାରେ ସ୍କୁଲ ପରିଚାଳନା ସମିତି ସଭାପତି ବିରେନ୍ଦ୍ର କିଶୋର ଠାକୁର ସଭାପତିତ୍ୱ କରିଥିଲେ। ପରିଚାଳନା ସମିତି ଉପସଭାପତି ଗୌତମ ପଧାନ ଓ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ମଞ୍ଚାସୀନ ଥିଲେ। ଗୁରୁଜୀ ଓ ଗୁରୁମାମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଦଶମ ଶ୍ରେଣୀର ପ୍ରଥମ ଏକକ ପରୀକ୍ଷାରେ ସର୍ବାଧିକ ମାର୍କ ପ୍ରାପ୍ତ କରିଥିବା ଭଉଣୀ ଜସ୍ମିନ ବିଶିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବାବୁଲୁ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଭଟଲି,(ଡି.ଏନ.ଏ):** ବରଗଡ଼ ଜିଲା ଭଟଲି ସତୀହାରି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଗୁରୁ ଦିବସ ଅନୁଷ୍ଠିତ ହୋଇଯାଇଛି। ଭଟଲି ବ୍ଲକ ସମନ୍ୱିତ ଶିକ୍ଷକ ସଂଘ ବ୍ଲକ ସଭାପତି ତିୟାରମ ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଟଲି ବିଇଓ ଛତ୍ରପତି ସାହୁ ମୁଖ୍ୟଅତିଥି, ଭଟଲି ଦଧିବାମନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁଖ୍ୟବକ୍ତା, ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ, ଏବିଇଓ ଅରୁଣ କୁମାର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବି ନାରାୟଣ ଭୋଇ, ବ୍ଲକ ସମନ୍ୱିତ ଶିକ୍ଷକ ସଂଘ ସମ୍ପାଦକ ବିଭୂତି ଚରଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ତିନି ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୯ ଶିକ୍ଷା ବର୍ଷ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୨୫ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୪ଜଣ ନୂତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉପେନ୍ଦ୍ର ଖମାରୀ ସଭା ପରିଚାଳନା ଓ ସିଆରସିସି ବୈରାଗୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ରୀଙ୍କୁ ଅସଦାଚରଣ ମାମଲା

## ଅଭିଯୁକ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

**ପୁରୁଣାକଟକ,୫।୯ (ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଧଳପୁର ପଞ୍ଚାୟତର ଏକ ସ୍କୁଲରେ ଗଣେଶ ପୂଜା ଦିନ ସ୍କୁଲର ପ୍ରଧାନଶିକ୍ଷକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିବାର ୪ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇନାହିଁ।

**ବହିଷ୍କାର, ଗିରଫ ଦାବିରେ ସ୍କୁଲରେ ପଡ଼ିଲା ତାଲା**

ଫଳରେ ଏହି ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଏସ୍‌ଡିଜେଏମ କୋର୍ଟରେ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଉକ୍ତ ନାବାଳିକା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ପ୍ରଧାନଶିକ୍ଷକ ଧନଞ୍ଜୟ ପାତ୍ରଙ୍କ ଗିରଫ ଓ ବହିଷ୍କାର ଦାବିରେ ଗୁରୁବାର ଅଭିଭାବକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ଘଟଣାର ଗୁରୁତ୍ୱକୁ ଦେଖି ହରଭଙ୍ଗା ବିଇଓ ସନାତନ ଗାହାଣ ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା କହିଛନ୍ତି। ତୁରନ୍ତ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର ଓ ଗିରଫ କରା ନ ଗଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ସିପିଆଇ ନେତା ଅବକାଶ ସାହୁ ଚେତାବନୀ ଦେଇଛନ୍ତି।

# ନୂଆଁ ଖାଇଲେ, ନାଚଗୀତରେ ଝୁମିଲେ

**ସୋହେଲା/ପାଇକମାଳ, ୫।୯(ଡି.ଏନ.ଏ)**

ସୋହେଲା ନିକଟସ୍ଥ ଧୂସରବାହାଲ ଗ୍ରାମରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଖାଇ ତଥା ପଶ୍ଚିମ ଓଡିଶାର ପରମ୍ପରା ଉପରେ ଆଲୋଚନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ପଧାନ ସଭାପତିତ୍ୱ ଓ ଅମାତ୍ୟ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗଳ କିଶୋର ପଧାନ ନୂଆଖାଇର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ମହିଳା ନାଗରିକ ଉଜ୍ଜ୍ୱଳି ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରଦ୍ଧା ଛତରଙ୍କୁ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରାଯାଇଥିଲା। ନୂଆଖାଇ ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଦିଲୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ବାରିକ, ଅମିଲାଲ ପଧାନ, ଦୀପ୍ତି ବିଶ୍ୱାଳ ଓ ଶିବିନୀ ବେହେରା ସହଯୋଗ କରିଥିଲେ। ସେହିପରି ସୋହେଲା ବ୍ଲକ କଠାରପାଲି ଗ୍ରାମବାସୀ ସାମୂହିକ ଭାବେ ଗୋଟିଏ ଜାଗାରେ ନୂଆଁ ଖାଇଛନ୍ତି। ସକାଳେ ଗ୍ରାମର ପୂଜକ ଗ୍ରାମର ଦେବୀ ଦେବତା ପଣ୍ଡରୀଚୁଏନ, ଗ୍ରାମପତି, ଘଣ୍ଟେଶ୍ୱରୀଙ୍କୁ ନୂଆଁଚରା ଲାଗି କରିବା ପରେ ସେ ଘର ଘର ବୁଲି ନୂଆଁ ସରିଆ ଧାନ ବଣ୍ଟନ କରିଥିଲେ । ନୂଆଁ ଧାନକୁ ଗୁଣ୍ଡ କରି ଘିଅ, ମହୁ, ଗୁଡ ଆଦି ଦେଇ ଚରା ତିଆରି କରି ଲୋକେ ସେମାନଙ୍କ ଇଷ୍ଟଦେବୀଙ୍କଠାରେ ଅର୍ପଣ କରିଥିଲେ। ଘରର ଦେବଦେବୀଙ୍କୁ ପୂଜା କରି ସାରିବା ପରେ ଗ୍ରାମଦାଣ୍ଡକୁ ଆସି ନୂଆଁ ଖାଇଥିଲେ। ନୂଆଁଖାଇ ସାରିଲା ପରେ ଜୁହାର ଭେଟ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନୂଆଖାଇ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଗୌନ୍ତିଆ ପ୍ରକାଶ ଭୋଇ ସଭାପତିତ୍ୱ କରିଥିଲେ। ରଥ ପୋଢ଼, ମନୋଜ ପୋଢ଼, ନେପାଳ ପୋଢ଼, ଭାଗିରଥୀ ପଧାନ, ସୋମନାଥ ଭୋଇ, ବାହାଦୁର ଦୀପ, ଭୁସୁ ମହାନନ୍ଦ ପ୍ରମୁଖ ନୂଆଁଖାଇ ଉପରେ ଆଲୋଚନା କରିଥିଲେ। କୌତୁକ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳର ନୃସିଂହନାଥ ସ୍ଥିତ ସମଲେଶ୍ୱରୀ ମନ୍ଦିର ପରିସରରେ ଗୁରୁବାର ଯାଦବ ସମାଜ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ସଭାରେ ଡୋଲାମଣି ମାହାର ସଭାପତିତ୍ୱ କରିଥିଲେ। ଏଥିରେ ପାଇକମାଳ ଓ ଝାରବନ୍ଧ ବ୍ଲକସ୍ତରୀୟ ସମାଜର କର୍ମକର୍ତ୍ତା ଯୋଗଦାନ କରିଥିଲେ। ଇଷ୍ଟଦେବୀ ମାଁ ସମଲାଇଙ୍କୁ ପ୍ରଥମେ ପୂଜାର୍ଚ୍ଚନା କରି ନବାନ୍ନ ଲାଗି କରିଥିଲେ। ପଦ୍ମନାଭ ମାହାର, ଉକଳ ହଂସ, ଲକ୍ଷ୍ମୀପ୍ରସାଦ ବାଗ, ବନମାଳୀ ଚନ୍ଦନ, ଗାନ୍ଧୀ ବାଗ, ଯତିନ ବନଛୋର, ମଧୁ ପାଣ୍ଡେ, ରାମ କିଶାନ ହଂସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ପ୍ରସାଦ ପାଇବା ପରେ ଜୁହାର ଭେଟ ହୋଇଥିଲା। ଶେଷରେ ସୁବାଷ ଚନ୍ଦ୍ର ହଂସ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଖାଇ ଅବସରରେ ଉପସ୍ଥିତ ଯାଦବ ସମାଜର କର୍ମକର୍ତ୍ତା।



ଲୋକମାନେ ଗାଁ ଦାଣ୍ଡରେ ଏକାଠି ବସି ନବାନ୍ନ ଖାଉଛନ୍ତି।

■ ଚାଷୀ ସଙ୍ଗଠନ ସମନ୍ୱୟ ସମିତି ବୈଠକ

# ମରୁଡ଼ିର ସାଟେଲାଇଟ ଅନୁଧ୍ୟାନକୁ ବିରୋଧ

**ସୋହେଲା,୫।୯(ଡି.ଏନ.ଏ)**

ସୋହେଲା ଡାକ ବଙ୍ଗଳାଠାରେ ଗୁରୁବାର ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ଏକ ବୈଠକ ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଉପଖଣ୍ଡ ଓ ବରଗଡର ଚାଷୀନେତାମାନେ ଯୋଗ ଦେଇଥିଲେ। ସଭାପତି ଜୟକୃଷ୍ଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ କୃଷି ବୀମା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ପଦ୍ମପୁର ସବଡିଭିଜନ ଏକ ମରୁଡି ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ବାରମ୍ବାର ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଚାଷୀମାନେ କୃଷି ବୀମା ପାଇଁ ପ୍ରିମିୟମ ଭରୁଥିଲେ ମଧ୍ୟ କେତେକ ଅଞ୍ଚଳର ଚାଷୀ ଫସଲ ବୀମାର କ୍ଷତିପୂରଣ ପାଉନାହାନ୍ତି। ଆଗାମୀ ବର୍ଷଠାରୁ କେନ୍ଦ୍ର ସରକାର ଏମଏନସିଏଫସି (ସାଟେଲାଇଟ) ମାଧ୍ୟମରେ ମରୁଡି ପରିସ୍ଥିତିର ଅନୁଧ୍ୟାନ କରି କ୍ଷୟକ୍ଷତି ଆକଳନ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ଚାଷୀମାନେ ବିରୋଧ କରିଛନ୍ତି। ଏହି ଏମଏନସିଏଫସି ରିପୋର୍ଟ ଉଚ୍ଛେଦ କରାଯିବାକୁ ସଭାରେ ଦାବି କରାଯାଇଥିଲା। ଜୟକୃଷ୍ଣ ସାହୁ, କିଶୋର ଚନ୍ଦ୍ର ଦେବତା, ସରୋଜ କୁମାର ବହିଦାର, ରାମେଶ୍ୱର ସାହୁ, ସଦାନନ୍ଦ ପୂଜାହାରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ହେମଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀମାନଙ୍କ ଦାବିକୁ ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଆସନ୍ତା ୧୦ ତାରିଖଠାରୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ଏକ ବିରାଟ ଆନ୍ଦୋଳନ ବରଗଡ ଜିଲାପାଳ ଅଫିସ ସମ୍ମୁଖରେ କରାଯିବ। ଏଥିରେ ଜିଲାର ଚାଷୀମାନେ ଯୋଗଦେବେ ବୋଲି ସମନ୍ୱୟ ସମିତିପକ୍ଷରୁ ସୂଚନା ଦିଆଯାଇଛି ।



ଶିବିରରେ ମହିଳମାନେ ରକ୍ତଦାନ କରୁଛନ୍ତି ।

# ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ

**ସରଣ୍ଡା, ୫।୯ (ଡି.ଏନ.ଏ)**

ଅତବିରା ବ୍ଲକ ଦେବାହାଲ ସ୍ଥିତ ଜୟ କିସାନ ପାଠାଗାର ଆନୁକୂଲ୍ୟରେ ଗୁରୁବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପାଠାଗାରର ସଦସ୍ୟ ତଥା ବରଗଡ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ମୁଖ୍ୟଅତିଥି, ଅତାବିରା ରାଜସ୍ୱ ବିଭାଗର ଉପନିବନ୍ଧକ ଶମ୍ଭୁଭୂଷଣ ମିଶ୍ର ସମ୍ମାନିତ ଅତିଥି ଓ ସମତା ବିନ୍ଦୁର ସଂଯୋଜକ ରମେଶ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପାଠାଗାର ଗ୍ରନ୍ଥାଗାରୀ ବିନୟ କୁମାର ସାହୁ ଅତିଥି ପରିଚୟ ଓ ଜତିନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନୂଆଁଖାଇ ଦିନ ଗ୍ରାମରେ ଏକ ଜନସଚେତନତା ଶୋଭାଯାତ୍ରା ହୋଇ ରକ୍ତଦାନ ପାଇଁ ଉତ୍ସାହିତ କରାଯାଇଥିଲା।

■ କେଶାଇପାଲିରେ ନୂଆଁଖାଇ ଭେଟଘାଟ୍

# ‘ପିଟ୍‌ଲା ଚୂରୀ ସତି ସାବିତ୍ରୀ’ ନାଟକ ମଞ୍ଚସ୍ଥ

**ଭଟଲି,୫।୯(ଡି.ଏନ.ଏ)**

ଦିନ ଥିଲା ସାବିତ୍ରୀ ସତ୍ୟବାନଙ୍କୁ ଯମ ମୁହଁରୁ ଫେରାଇ ଆଣିଥିଲେ। ଆଜି ମଧ ସେହି ପରମ୍ପରା ଜୀବିତ ରହିଛି। ଅଦ୍ୟାବଧି ସାବତ୍ରୀ ଅମାବାସ୍ୟା ଦିନ ମହିଳାମାନେ ସ୍ୱାମୀଙ୍କ ଶୁଭ ମନାସି ଉପବାସ ରହି ପୂଜା କରନ୍ତି। ସେ କାଳର ସାବିତ୍ରୀ ସତ୍ୟବାନଙ୍କ ମଧ୍ୟରେ ଥିଲା ନୀବଡ଼ ସମ୍ପର୍କ ଓ ବିଶ୍ୱାସ। ମାତ୍ର ଆଜିର ସତ୍ୟବାନଙ୍କ ଉପରେ ସାବିତ୍ରୀ ମାନଙ୍କର ଯେତେ ଭରସା ରହିଛି ସେଭଳି ଭରସା ସତ୍ୟବାନ ଦେଇ ପାରୁନାହାନ୍ତି। ତେଣୁ ଆଜିର ସାବିତ୍ରୀ ସତ୍ୟବାନକୁ ଯମଙ୍କ ପାଖରୁ ଫେରାଇବା ବଦଳରେ ନେଇଯିବାକୁ ଅନୁରୋଧ କରୁଛି। ଏଭଳି ଏକ ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ ସମ୍ବଲପୁରୀ ନାଟକ ‘ପିଟିଲା ଚୂରୀ ସତି ସାବିତ୍ରୀ’ରେ ଦେଖିବାକୁ ମିଳିଛି।

ଗୁରୁବାର ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କେଶାଇପାଲି କିଶୋର କଳାକାର ଯୁବକ ସଂଘ ପକ୍ଷରୁ ଆୟୋଜିତ ନୂଆଁଖାଇ ଭୋଟଘାଟ କାର୍ଯ୍ୟକ୍ରମ ଅବସରରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ବିରେନ୍ଦ୍ର କୁମାର ସାହୁଙ୍କ ରଚନା ଏବଂ ନରେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ପରିବେଷିତ ଏହି ନାଟକରେ ଜଣେ ନାରୀ ନିଜର ସ୍ୱାମୀର ମଙ୍ଗଳ ମନାସୀ କିଭଳି ସାବିତ୍ରୀ ଅମାବାସ୍ୟା ପାଳନ କରୁଛି। ପରେ ତାର ମୃତ୍ୟୁ ହୋଇଯାଇଥିବାରୁ ନିରାଶ ହୋଇ ଯମଙ୍କ ପାଖକୁ ଯାଇ ନିଜ ସ୍ୱାମୀଙ୍କୁ ଫେରାଇଦେବାକୁ କାକୁତିମିନତି ମଧ ହୋଇଛି। ମାତ୍ର ଯମଙ୍କ ଠାରୁ ସ୍ୱାମୀର କାରନାମା ବିଷୟରେ ସମସ୍ତ ତଥ୍ୟ ଜାଣିବା ପରେ ନିଜ ସ୍ୱାମୀଙ୍କୁ ଧିକ୍କାର କରି ସେହିଠାରେ ବିଧବା ସାଜିବା ପାଇଁ ନିଜ ଶଙ୍ଖା ଭାଙ୍ଗି ଦେଇଛି। ଏଭଳି ଏକ ନିଚ୍ଛକ କାହାଣୀ ନାରୀ ସମାଜର ଆଖି ଖୋଲିଦେଇଥିବା ବେଳେ ପୁରୁଷ ସମାଜକୁ ଏକ ଶିକ୍ଷା ସଦୃଶ ହୋଇଛି। ଏହି ନାଟକରେ ନିର୍ଦ୍ଦେଶକ ପଣ୍ଡା ସତ୍ୟବାନ, କବିତା ପଟେଲ ସାବିତ୍ରୀ ଏବଂ କଳେବର ବରିହା ଯମ ଭୂମିକାରେ ଅଭିନୟ କରିଥିଲେ। ଏହାସହିତ ଅକ୍ଷୟ ଦାଶ, ମହାଦେବ ଗଜପତି, ବାବୁଛୁଆ, ସୁଜିତ ଓ ଲକ୍ଷ୍ମୀ ପ୍ରମୁଖ ଅଭିନୟ କରିଥିଲେ। ସେହିପରି ଭଟଲି ବ୍ଲକ ଅନ୍ତର୍ଗତ ଅନ୍ତପାଲି-କର୍ଲାଜୋରୀ ଗ୍ରାମରେ ନୂଆଁଖାଇ ଭେଟଘାଟ ଉତ୍ସବ ଧୂମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସମଲେଶ୍ୱରୀ ମନ୍ଦିରୁ ମଶାଲ ଶୋଭାଯାତ୍ରା ବାହାରି ଉଭୟ ଗ୍ରାମ ପରିକ୍ରମା ପୂର୍ବକ ଭୋଟଘାଟ କାର୍ଯ୍ୟକ୍ରମ ହୋଇଥିଲା। ଅନୁରୂପ ଭାବେ ଅଷ୍ଟଶମ୍ଭୁ ପୀଠ ନୀଳଜିଠାରେ ମଧ ନୂଆଁଖାଇ ଭେଟଘାଟ ହୋଇଥିଲା। କାଳେଶ୍ୱର କଳାପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ କଂସ ଅଭିନେତା ଆଶାରାମ ଖମାରୀ, ବୈରାଗୀ ସାହୁ, ମନ୍ତ୍ରୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୋଶଲି ନାଟକ ଲେଖକ ଏବଂ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନାଟକ ପିଟ୍‌ଲା ଚୂରୀ ସତି ସାବିତ୍ରୀର ଏକ ଦୃଶ୍ୟ ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ନୂଆଁ ଖାଇଲେ ୬୫ ପରିବାର

**ଘଣ୍ଟାପଡା, ୫।୯ (ଡି.ଏନ.ଏ):** କନ୍ଧମାଳ ବ୍ଲକ ଖେମୁଣ୍ଡିଗଡ ଗ୍ରାମବାସୀ ଆଦିବାସୀ ନେତା ସାମନ୍ତ ମାଝୀଙ୍କ ଅନୁରୋଧ ଏବଂ ଗଉଁନ୍ତିଆ ତଥା ଝାଙ୍କର ଅନନ୍ତ ମାଝୀଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏକ ଭିନ୍ନ ପରମ୍ପରାରେ ନୂଆଁଖାଇ ପର୍ବ ପାଳନ କରିଛନ୍ତି । ଲଗ୍ନ ଅନୁସାରେ ମଙ୍ଗଳବାର ଅପରାହ୍ନ ଗୋଟାଏ ସମୟରେ ସମସ୍ତ ଲୋକ ଗାଁ ଦାଣ୍ଡିରେ ଏକାଠି ନବାନ୍ନ ସେବନ କରିଥିଲେ । ପରମ୍ପରା ଅନୁସାରେ ପ୍ରଥମେ ଗାଁର ଆରାଧ୍ୟା ଦେବୀ କନ୍ଧେନବୁଢ଼ୀ ପୀଠରେ ପୂଜା କରାଯାଇ ନୂଆ ଚୁଡାକୁ ଭୋଗ ଲଗାଯାଇଥିଲା। ଏହାପରେ ସମସ୍ତେ ଏହାକୁ ସେବନ କରିଥିଲେ । ନବାନ୍ନ ଭକ୍ଷଣ ପରେ ସମସ୍ତେ ଜୁହାର ଭେଟ ହୋଇଥିଲେ । ସୁଶାନ୍ତ ମାଝୀ, ଗୌର ବିଶ୍ରି, ଲୁବୁନ ମଲିକ, ଯୁଗ ମଲିକ, ବିଶ୍ୱନାଥ, ଧନମତ, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ପ୍ରଥମ ଥର ପାଇଁ ଗ୍ରାମର ୬୫ଟି ପରିବାର ଜାତି, ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ନୂଆଁ ଖାଇଥିବାରୁ ସମସ୍ତେ ଖୁସି ଅନୁଭବ କରିଥିବା କହିଛନ୍ତି ।

### ରେଗଡୋଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଘଣ୍ଟାପଡା, ୫।୯ (ଡି.ଏନ.ଏ):** କନ୍ଧମାଳ ବ୍ଲକ ରେଗଡୋଲାଠାରେ ଉପରପଡା ଯୁବକ ସଂଘ ପକ୍ଷରୁ ଗଣେଷ ପୂଜା ଏବଂ ନୂଆଁଖାଇ ପର୍ବ ଅବସରରେ ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଖବରଦାତା ପ୍ରଭାତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇର ଭାଇଚାରା ଗୋଟିଏ ଦିନ ପାଇଁ ନୁହେଁ ବରଂ ସବୁଦିନ ବଜାୟ ରଖିଲେ ସମାଜରୁ ଅନେକ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ଉଦ୍‌ବୋଧନ ଦେଇଥିଲେ। ଘଣ୍ଟାପଡା ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିକ୍ଷାବିତ୍ ନୀଳାଞ୍ଚଳ ଭୋଇ, ସାମାଜିକ କର୍ମୀ ପ୍ରେମରାଜ ରଣା, ପ୍ରଶାନ୍ତ ରଣା, ମନୋଜ ପାଣିଗ୍ରାହୀ, ସ୍ୱଦେଶୀ ରଣା, ବିଦେଶୀ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପରେ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ଶିଶୁ ମନ୍ଦିରରେ ଗୁରୁ ଦିବସ

**ମନମୁଣ୍ଡା, ୫।୯ (ଡି.ଏନ.ଏ):** ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି । ବାସୁଦେବ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବ୍ରଜମୋହନ କର୍ମୀ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ବଡମାଳି, ବରିଷ୍ଠ ଆଚାର୍ଯ୍ୟ ନେପାଳ ଭୋଇ, ମମତା ମେହେର, ଅନୁସୂୟା ନାଏକ, ଶକୁନ୍ତଳା ପଧାନ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ । ଛାତ୍ର ଆଶୁତୋଷ ପ୍ରଧାନ ସୂଚନା ଓ ସିନ୍ଧୁସୂତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାନକିଣା ଜାଲିଆତି
# ତଦନ୍ତ ଦାବିକଲେ ବିଧାୟକ

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଜିଲାରେ ଗତ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ତଥା ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନ କଲାପାଣି ମାର୍କେଟ୍ ୟାର୍ଡ଼ରେ ଧାନ କିଣାବିକାରେ ବ୍ୟାପକ ଅନିୟମିତତା ହୋଇଥିବା ପଦାକୁ ଆସିଛି। ଅଞ୍ଚଳର ନଈନାଳ, କଟା, ରେଳପଥ, ଗ୍ରାମ୍ୟରାସ୍ତା, କେନାଲ ଆଦିକୁ ଚାଷଜମି ଭାବେ ଉଲ୍ଲେଖ କରି ପରିଚୟପତ୍ର ପ୍ରସ୍ତୁତ କରି ତାହା ମାଧ୍ୟମରେ ଧାନ କିଣାବିକା ହୋଇଛି। ଏ ନେଇ ଗତ ୩୦ତାରିଖ ଧରିତ୍ରୀରେ ତଥ୍ୟ ସମ୍ବଳିତ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ସାମାଜିକ କର୍ମୀ ଦୀପକ ବାରିକ ଏଭଳି ଅନିୟମିତତାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ପାଖରେ ଦାବି କରିଛନ୍ତି। ବିଧାୟକ ଆଚାର୍ଯ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଟୁଇଟ୍ କରି ଏଭଳି ଅନିୟମିତତା ଉପରେ ଆବଶ୍ୟକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ହେଲେ ପ୍ରକୃତ ଚାଷୀ ସୁରୁଖୁରୁରେ ସେମାନଙ୍କ ଅମଳ ଧାନ ବିକ୍ରି କରିପାରିବେ ବୋଲି ବିଧାୟକ ଆଚାର୍ଯ୍ୟ ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ସେହିପରି ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସ୍ୱାଇଁ ପ୍ରମୁଖଙ୍କୁ ଟୁଇଟ୍ କରି ଏହି ଅନିୟମିତତା ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିବେଦନ କରିଛନ୍ତି। ନିଜ ଟୁଇଟ୍‌ରେ ଉଭୟ ବିଧାୟକ ଆଚାର୍ଯ୍ୟ ଏବଂ ସାମାଜିକ କର୍ମୀ ବାରିକ ଗତ ୩୦ତାରିଖ ଧରିତ୍ରୀରେ ପ୍ରକାଶିତ ଖବରକୁ ସଂଲଗ୍ନ କରିଛନ୍ତି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଖୋଦ୍ ବିଧାୟକ ଏବଂ ସାମାଜିକ କର୍ମୀ ତଦନ୍ତ ଦାବି କରୁଥିବାବେଳେ ଅନ୍ୟପଟେ ଏହି ଅନିୟମିତତାରେ ପ୍ୟାଚ୍‌ଅପ୍ ମାରିବାକୁ ତଳୁ ଉପର ପର୍ଯ୍ୟନ୍ତ ଅନେକ ବିଭାଗୀୟ ଅଧିକାରୀ ଉଦ୍ୟମ ଚଳାଇଥିବା ସାଧାରଣରେ ଆଲୋଚନା ଚାଲିଛି।


Tweet

Debesh Acharya
@debesh_bjd

@rajaaswain Sir this need a strong enquiry and action so that the original farmers will sell their paddy smoothly

ଧାନକିଣା ଜାଲିଆତିର ଗୁମର ଫିଟିଲା

ନଈନାଳ, ରେଳପଥ ପାଲଟିଛି ଚାଷଜମି

ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ବିଧାୟକ କରିଥିବା ଟୁଇଟ୍‌ର ନକଲ।

ସମବାୟ ସମ୍ପ୍ରସାରଣ ଅଧିକାରୀ (ସିଇଓ) ଶାନ୍ତନୁ ପାଣିଗ୍ରାହୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ନେଇ ଜାଣିବା ପାଇଁ ସିଇଓ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ମୋବାଇଲ ଫୋନ ଉଠାଇଥିଲେ ମଧ୍ୟ କିଛି କହି ନ ଥିଲେ। ପୁଣି ତାଙ୍କୁ କଲ୍ କରାଯାଇଥିଲା । ମାତ୍ର ଆଉ ସେ ଆଉ ଫୋନ ରିସିଭ୍ କରି ନ ଥିଲେ। ଚାଷୀମାନେ ନିଜ ଅମଳ ଧାନକୁ ଗତ ରବିରରୁ ଧାନ ସଂଗ୍ରହ ପ୍ରକ୍ରିୟା ସମୟରେ ବିକ୍ରି କରି ପାରି ନ ଥିଲେ। ମଣ୍ଡିରେ ଫଲ୍ସ ଏଣ୍ଟ୍ରି ଏବଂ ରେଳପଥ, ନଈନାଳକୁ ଦେଖାଇ ପରିଚୟପତ୍ର ହାସଲ କରି ହଜାର ହଜାର ବସ୍ତା ଧାନ ବିକିବା ଘଟଣାକୁ କେହି ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ସେହିପରି ଏଭଳି ଧାନକିଣା ଜାଲିଆତି ପଦାକୁ ଆସିଥିବାବେଳେ କିଛି ତଥାକଥିତ ରାଜନେତା, ଚାଷୀନେତା ମଧ୍ୟ ହାତବାନ୍ଧି ବସିଥିବାରୁ ଏଥିରେ ସେମାନଙ୍କ ଭୂମିକାକୁ ନେଇ ମଧ୍ୟ ନାନା ସନ୍ଦେହ ଉପୁଜିଛି। ଅପରପକ୍ଷେ ଜଣେ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କ ହାତରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଭାର ନ୍ୟସ୍ତ କରିବା ଆଦୌ ସମୀଚୀନ ନୁହେଁ। ଅନ୍ୟ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସଚେତନ ନାଗରିକ ମହଲରେ ଦାବି ହୋଇଛି ।



ନୂଆଖାଇ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବଗେଇବିରାରେ ନୂଆଁଖାଇ ଭେଟଘାଟ୍

**ବରଗଡ଼ ଅଫିସ୍,୫।୯**

ବରଗଡ଼ ବ୍ଲକ ଅନ୍ତର୍ଗତ ବଗେଇବିରା ଗ୍ରାମରେ ବୁଧବାର ସ୍ଥାନୀୟ ଡ଼. ବି. ଆର. ଆମ୍ବେଦକର ଯୁବାସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ତଥା ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥି, ରଣଜିତ ତାଣ୍ଡି, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପାଳନର ମହନୀୟତା ପ୍ରତିପାଦନ କରିଥିଲେ। ଏହି ଅବସରରେ ଆୟୋଜିତ ଗୀତ, ନୃତ୍ୟ, ରଙ୍ଗୋଲି ଓ ବିଭିନ୍ନ ପ୍ରତିଯୋଗିତାକୁ ମୁଖ୍ୟଅତିଥି ନାଏକ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ତାଣ୍ଡିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଚନ୍ଦ୍ରଶେଖର ତାଣ୍ଡି, ହୃଷିକେଶ କୁଅଁର, ସୁଶୀଲ କୁମାର ତାଣ୍ଡି, ଭାଗ୍ୟବନ୍ତ ଦରଦମେଘ, ଅନୀଲ କୁମାର ତାଣ୍ଡି, ଆକାଶ କୁଅଁର, ସତ୍ୟ ଦରଦମେଘ, ସତ୍ୟ ଭୋସାଗର, ବିରେନ୍ଦ୍ର ବିଭାର, ସଦାନନ୍ଦ ତାଣ୍ଡି, ସୁବାଷ ଦୀପ, ବାବଲୁ ମୁଗ୍ରୀ, ରାଜେନ୍ଦ୍ର କୁଅଁର, ଶ୍ରୀକାନ୍ତ ବିଭାର ମନବୋଧ ଭୋସାଗର, ନରୋତ୍ତମ ଦୀପ, ସମୀର ତାଣ୍ଡି, ଦିଲୀପ ନାଗ, ଟଙ୍କଧର କୁଅଁର, ଦିପକ ଭୋସାଗର, ଅବେତ ଭୋସାଗର, ରାହୁଲ କୁଅଁର, ସୁବାଷ ଦୀପ, ଗଜିନ୍ଦ୍ର କୁଅଁର, ଯଶୋବନ୍ତ ଦରଦମେଘ, ପ୍ରଦୀପ ଭୋସାଗର, ରୂପେଶ୍ୱର ଭୋସାଗର ଶ୍ରୀକାନ୍ତ ବିଭାର, ସରପଞ୍ଚ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ସୁରେନ୍ଦ୍ର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଅମୃତଭଣ୍ଡାରେ ଗଣେଶଙ୍କ ପ୍ରତିକୃତି

**ବରଗଡ଼ ଅଫିସ୍,୫।୯**

ଗତ ମଙ୍ଗଳବାର ବିଘ୍ନ ବିନାଶନ ଗଣେଶଙ୍କ ପୂଜନୋତ୍ସବ ଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। କେତେକ ସ୍ଥାନରେ ଗଣେଶ ବିସର୍ଜନ ସରିଥିବାବେଳେ ଆହୁରି ଅନେକ ସ୍ଥାନରେ ପୂଜନୋତ୍ସବ ଚାଲିଛି। ଏଭଳି ସ୍ଥଳେ ଗୁରୁବାର ସ୍ଥାନୀୟ ତଳିପଡ଼ାରେ ଗିରିଧାରୀ ବର୍ମାଙ୍କ ପରିବାର ଲୋକେ ଏକ ଅମୃତଭଣ୍ଡା କାଟିବା ପରେ ସେଥିରେ ଗଣେଶଙ୍କ ପ୍ରତିକୃତି ଦେଖାଯିବା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ଘଟଣାଟି ପ୍ରଘଟ ହେବା ପରେ ସେଠାକୁ ଶତାଧିକ ଲୋକ ପହଞ୍ଚି ଗଣେଶଙ୍କ ସେହି ପ୍ରତିକୃତିଙ୍କୁ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଦୀର୍ଘ ସମୟ ଧରି ଗିରିଧାରୀଙ୍କ ଘର ଲୋକାରଣ୍ୟ ହୋଇ ପଡ଼ିଥିଲା।


ଅମୃତଭଣ୍ଡାରେ ଗଣେଶଙ୍କ ପ୍ରତିକୃତି।

# ଜିଲା କ୍ରୀଡ଼ା ସଂସଦ ନିର୍ବାଚନ

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ ଫଳାଫଳ ଘୋଷଣା ହୋଇଯାଇଛି। ଏଥିରେ ଯୁଗଳ ପ୍ରସାଦ ସିଂ ଉପସଭାପତି ଏବଂ କିଶୋର କୁମାର ମିଶ୍ର ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିପରି ହରଦୀପ୍ ସିଂ କ୍ରୀଡ଼ା ସମ୍ପାଦକ, ଏସ୍. କେ. ଶବଦର ଫୁଟବଲ ସମ୍ପାଦକ, ଅମୀୟ ଭୂଷଣ ସାହୁ କ୍ରିକେଟ ସମ୍ପାଦକ, ଶ୍ୟାମସୁନ୍ଦର ଅଦାବର ହକି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅନୁରୂପଭାବେ ରବି ନାରାୟଣ ପଣ୍ଡା ଇନଡ଼ୋର ଗେମ୍ ସମ୍ପାଦକ, ସୁରେଶ କୁମାର ଦାଶ ଆଉଟଡୋର ଗେମ୍ସ ସମ୍ପାଦକ ଏବଂ ଶୁଭ୍ରାଂଶୁ ଶେଖର ମହାପାତ୍ର କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମହେନ୍ଦ୍ର କୁମାର ଦାଶ, ପ୍ରଦୀପ କୁମାର ସାହୁ, ଦିଲିପ କୁମାର ଅଗ୍ରୱାଲ, ବିଷ୍ଣୁପ୍ରସାଦ ଧାନୁକା, ରଜତ କୁମାର ଦାଶ କାଉନସିଲ ମେମ୍ବର ଭାବେ ନିର୍ବାଚିତ ହୋଇଛନ୍ତି।

# ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋଚନା

**କନ୍ଧମାଳ, ୫।୯(ଡି.ଏନ.ଏ.)**

କନ୍ଧମାଳର ବାଲ୍ୟବନ୍ଧୁ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସ୍ଥାନୀୟ ହାଇସ୍କୁଲ ପରିସରରେ ଗୁରୁଦିବସ ଅବସରରେ ଗୁରୁସମ୍ମାନ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା, ଶିକ୍ଷକ ତଥା ବାଲ୍ୟବନ୍ଧୁ ପରିବାରର ଦିବଙ୍ଗତ ସଦସ୍ୟ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରର୍ଥନା କରାଯାଇଥିଲା। ବାଲ୍ୟବନ୍ଧୁର ସତୀଶ କୁମାର ମାହାଣା ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦିବ୍ୟଶଙ୍କର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଡିଓ ରବିନ୍ଦ୍ରନାଥ କହଁର, ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁ, କନ୍ଧମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁମନ୍ତ ଖଟୁଆ, ଅଧ୍ୟାପକ ସନ୍ତୋଷ କୁମାର ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦେବାଧୀ ମଲିକ, ବୃନ୍ଦାବନ ପୃଷ୍ଟିଙ୍କ ସମେତ ଉପସ୍ଥିତ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଆରାଧ୍ୟ ନାରାୟଣ ଭୋଇଙ୍କୁ ନରସିଂହ ଖଟୁଆ ସ୍ମୃତି ସମ୍ମାନ, ପୂର୍ଣ୍ଣିମା ସ୍ୱାଇଁଙ୍କୁ ଦ୍ୱିଜବର ସାହୁ ସ୍ମୃତି ସମ୍ମାନ, ଦଳଗଞ୍ଜନ ସୁନାଙ୍କୁ ଭାଗରଥୀ ସାହୁ ସ୍ମୃତି ସମ୍ମାନ, ସାଗରିକା ବେହେରାଙ୍କୁ ରାଜକିଶୋର ପ୍ରଧାନ ସ୍ମୃତି ସମ୍ମାନ ଏବଂ ବବିତା ସାହୁଙ୍କୁ ବିଜୟ ଗୁପ୍ତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜସପୁରରେ ନୂଆଁଖାଇ ଭେଟ୍‌ଘାଟ
# ବିମୋହିତ କଲା ନାଟକ ପ୍ରାଇଭେଟ ହସ୍‌ପିଟାଲ

**ବିନିକା, ୫।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘଲା ପଞ୍ଚାୟତ ଅନ୍ତର୍ଗତ ଜସପୁର ଗ୍ରାମରେ ଗଣପତି କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସରପଞ୍ଚ ମନୋଜ କୁମାର ସେଠୀଙ୍କ ଆବାହକତ୍ୱରେ ଚାଲିଥିବା କାର୍ଯ୍ୟକ୍ରମ ୬ତାରିଖ ଯାଏଁ ଚାଲିବ। ଏହି ଉପଲକ୍ଷେ ବୁଧବାର ରାତିରେ ସୁମନ୍ତ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ କୋଶଳୀ ନାଟକ ପ୍ରାଇଭେଟ୍ ହସ୍ପିଟାଲ ଓ ଦରମରା ରାବଣ ମଞ୍ଚସ୍ଥ ହୋଇଥିଲା । ବଡକର୍ଲେ ବିଣାପାଣୀ ନାଟ୍ୟ କଳା ପରିଷଦର କଳାକାରମାନେ ଏହି ଦୁଇ ନାଟକ ପରିବେଷଣ କରିଥିଲେ। ପ୍ରାଇଭେଟ୍ ହସପିଟାଲ ନାଟକରେ କଳାକାରମାନେ ବେସରକାରୀ ଡାକ୍ତରଖାନାରେ ଟଙ୍କା ଅଭାବରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ କିଭଳି ହଇରାଣ ହେଉଛନ୍ତି ତାହାକୁ ଅଭିନୟ ମାଧ୍ୟମରେ ଜୀବନ୍ତ ରୂପାନ୍ତରିତ କରିଥିଲେ । ସେହିଭଳି ଦରମରା ରାବଣ ନାଟକର ବିଷୟବସ୍ତୁକୁ କଳାକାରମାନେ ନିଖୁଣଭାବେ ଉପସ୍ଥାପନ କରିଥିଲେ, ଯାହାକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଉଭୟ ନାଟକରେ ଡାକ୍ତର ଏବଂ ରାବଣ ଭୂମିକାରେ ସମୀର ସାହୁଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଶେଷରେ ଗଣପତି କ୍ଲବ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ପ୍ରମୋଦ କୁମାର ପଣ୍ଡା, କଳା କ୍ଷେତ୍ରରେ ଗୋପାଳ ଦାଶଙ୍କୁ ଗୋପବନ୍ଧୁ ସ୍ମୃତି ସମ୍ମାନ, ଗୁଣପତି ସମ୍ମାନ ଅମର ଷାଣ୍ଡଙ୍କୁ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ବିନିକା ବ୍ଲକ୍ ଅନ୍ତର୍ଜା ହାଇସ୍କୁଲର ହିନ୍ଦୀ ଶିକ୍ଷକ ଲକ୍ଷପତି ବିଶି ଓ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅଚ୍ୟୁତ୍ କଣ୍ଡା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।


ପ୍ରାଇଭେଟ୍ ହସ୍ପିଟାଲ ନାଟକର ଏକ ଦୃଶ୍ୟ।

# ଘଣ୍ଟାପଡାରେ ଗୁରୁ ଦିବସ ପାଳିତ

**ଘଣ୍ଟାପଡା, ୫।୯ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ମସିଣାଗୋରା ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁ ଦିବସ ପାଳନ କରାଯାଇଛି। ଏଥିରେ ଧର୍ମାନନ୍ଦ ସାହୁ ମୁଖ୍ୟଅତିଥି, ଦେବାଧି ମଲିକ ଓ କାର୍ତ୍ତିକେଶ୍ୱର ବେହେରା ସମ୍ମାନିତ ଅତିଥି ଏବଂ ମନ୍ଦରଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁ ସମ୍ମାନ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଭଉଣୀଭାଇ ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ, ଗୁରୁମା ଝରଣା ପ୍ରଧାନ, ସନ୍ଧ୍ୟାରାଣୀ ମନହିରା, ସଂଯୁକ୍ତା ବେହେରା, ବେଦମତୀ କୁଦେଇଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରିଥିଲେ। ଘଣ୍ଟାପଡା ଶିଶୁ ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀ, ସମଲେଶ୍ୱରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ଦିଗମ୍ବର ସାହୁ ବକ୍ତବ୍ୟ ରଖିଥିଲେ। ସେହିପରି ଡିଗ୍ରୀ କଲେଜ, ଏମଇ ସ୍କୁଲ ଏବଂ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି ।


ସବୁ ସମ୍ପ୍ରଦାୟର ଲୋକେ ମହାଆଳତିରେ ସାମିଲ ହୋଇଛନ୍ତି ।

# ସଂହତିର ବାର୍ତ୍ତାବହ ସାଜିଲା ମହାଆଳତି

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଶକ୍ତିନଗରସ୍ଥିତ ନେହେରୁ ଆସୋସିଏଶନ ପକ୍ଷରୁ ଚାଲିଥିବା ଗଣେଶ ପୂଜା କେବଳ ଆଧ୍ୟାତ୍ମିକ ନୁହେଁ, ସାମାଜିକ ଓ ସଂହତିର ବାର୍ତ୍ତାବହ ସାଜିଛି। ଏଥିରେ ସବୁ ସମ୍ପ୍ରଦାୟର ଲୋକେ ଏକାକାର ହୋଇ ଗଜାନନଙ୍କ ପୂଜାରେ ସାମିଲ ହୋଇଛନ୍ତି। ବୁଧବାର ଗଣେଶ ପୂଜା ପାଳନ ଅବସରରେ ଏଠାରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ହିନ୍ଦୁ, ଶିଖ୍, ମୁସଲିମ, ଖ୍ରୀଷ୍ଟିୟାନ ସବୁ ସମ୍ପ୍ରଦାୟର ମହିଳା, ପୁରୁଷ ଏକାଠି ଗଜାନନଙ୍କ ସମ୍ମୁଖରେ ମହାଆଳତି କରିଥିଲେ । ଯାହାକି ବନ୍ଧୁତ୍ୱ, ଭାଇଚାରାର ନିଦର୍ଶନ ସାଜିଥିଲା। ମୁସଲିମ ସମ୍ପ୍ରଦାୟର ନାସିଦ୍ ଖାଁ କହିଥିଲେ, ପିଲାବେଳୁ ହିନ୍ଦୁ ଭାଇଙ୍କ ସହିତ ମିଳାମିଶା କରି ଆସୁଛି। ନେହେରୁ ଆସୋସିଏଶନର ଗଣେଶପୂଜାରେ ସାମିଲ ହୋଇ ନିଜକୁ ଗର୍ବିତ ଅନୁଭବ କରୁଛି। ସେହିପରି ଶିଖ୍ ସମ୍ପ୍ରଦାୟର ପ୍ରୀତମ ସିଂ କହିଥିଲେ, ସାମୂହିକ ଆଳତି ସମାଜ ପାଇଁ ଏକ ଭଲ ବାର୍ତ୍ତା। ସବୁ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ଖୁସି ଅନୁଭବ କରୁଛି । ସେହିପରି ଇସାଇ ଧର୍ମାବଲମ୍ବୀ ସୁକାନ୍ତ ବାଗ ଅନୁରୂପ ମନ୍ତବ୍ୟ ରଖିଥିଲେ। ତାଙ୍କ ମତରେ ଏଭଳି ପୂଜନୋତ୍ସବ ସମାଜକୁ ଏକତାର ବାର୍ତ୍ତା ଦେଉଛି ଏବଂ ସମସ୍ତଙ୍କୁ ସୁରକ୍ଷିତ ରଖିବା ପାଇଁ ରାହା ମଧ୍ୟ ଯୋଗାଉଛି । ଏହି ଅବସରରେ ସମସ୍ତେ ଏକାଠି ପ୍ରସାଦ ସେବନ କରିଥିଲେ ଏବଂ ଅନୁଷ୍ଠାନର ସଭାପତି ଆନନ୍ଦ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଲଘୁଚାପ ବରଷା ପରଭାବ
# ବାସହରା ହେଲେ ଅନେକ ଗରିବ୍‌ଦୁଖି

**ଗଣ୍ଡତୁରୁମ, ୫।୯ (ଡି.ଏନ୍.ଏ.)**

ଗଲା ମଙ୍ଗଲବାରନୁ ଲାଗି ରହିଥିବାର ଲଘୁଚାପ ବରଷାରେ ବରଗଡ଼ ଜିଲା ଭେଡ଼େନ ବ୍ଲକରେ ଲୁକ୍‌କର ବହୁତ୍ କ୍ଷୟକ୍ଷତି ହେଇଛେ। ବରଷାରେ ଅନେକ ଗରିବ୍ ଖଟିଖିଆ ଲୁକ୍‌କର ମାଏଟ୍ କୁରିଆ, ଗୁହାଲମାନ୍ ଭାଂଗି ଯାଇଛେ। ଏନ୍‌ତାଥି ସେମାନକର ଧାନ୍, ଚାଉଲ ଜିନିଷପାତି ବରଷା ପାଏନ୍‌ରେ ଭିଜି ଯାଇଛେ। ଇଆଡ଼େ ଅନେକ ଲୁକ୍‌କର ଗୁହାଲ ଭାଂଗିଯିବାର ଲାଗି ଗାଇବଲଦ, ଛେଲମେଢ଼ି କେନ୍‌ଠାନେ ରଖବେ ସେ ଚିନ୍‌ତାରେ ସେମାନେ ଘାରି ହେଉଛନ୍। ଅନେକ ପରିବାରର ଘର ଭାଂଗିଯିବାର ଲାଗି ସେମାନେ ନିଜର ଲାଗେଲେସର ଘରମାନକେ ମୁଡ଼ ଗୁଁଜିଛନ୍। ସେନ୍‌ତା ଆରକେତେ ଗାଁରେ ଲୁକ୍‌କର ବାରନ୍‌ଡା, କ୍ଲବଘରେ ଆଶ୍ରେ ନେଇଛନ୍। ହେଲେ ଗାଇବଲଦ, ଛେଲମେଢ଼ି ଗୁହାଲ ଅଭାବୁ ଏହେଦେ ବି ବରଷାରେ ଭିଜୁଛନ୍। ଇ ଅସାହା ଦୁଖି ପରିବାରମାନେ ବରଷା ପାଏନ୍‌ରୁ ବଁଚ୍‌ବାର ଲାଗି ପଲିଥିନ୍ ଖଁଡ଼େ ପାଏବାକେ ରାଜସ୍ୱ ନିରୀକ୍ଷକକଁର ଅଫିସକେ ଯାଇ ନିରାଶ ହେଇ ଘରକେ ଫିରୁଥିବାର କହିଛନ୍। ମହୁଲପାଲି ପଁଚେତ୍‌ର ବୁଦେଲବାହାଲ ଗାଁର ସୁରେଶ ଭୁଏ, ଉର୍କୁଲୁ ଭୁଏ, ପ୍ରମୋଦ କୁମୁରା, ରାଧେଶ୍ୟାମ ଭୁଏ, ମୁରଲୀ ଭୁଏ, ଗଣ୍ଡତୁରୁମ ଗାଁର ଜୟରାମ ରାଉତିଆ, କଏରା ରାଉତିଆ, ହେମବନ୍ତ ଷଡ଼ଙ୍ଗୀ, କପିଳ ସୁନା, ରାତ୍ର ବଣ୍ଡକି, ବ୍ରାହ୍ମଣତୁରୁର ତାରାଚାନ୍ଦ ସେଟ, ଦିଲୀପ ଦାଶ, ନାମ ମେହେର ସମେତ ମେହେନା, ଭୁତଲୋଡ଼, ଜାମପାଲି, ପଧାନପାଲି, କେଶଡ଼ିହି, ଟିହିକିପାଲି ଗାଁର ଅନେକ ଲୁକ୍‌କର ଘର ଗୁଟାମୁଟା ଭାଂଗି ଯାଇଛେ। ବଡ଼ଭାରି ହିସାବେ ମହୁଲପାଲି ଗାଁର ରୂପେଶ ପେରା ଆର ସମ୍ପଦ ଛୁଟିକଁର ଘର ଭାଂଗି ବିପଦ ଅବସ୍‌ତାରେ ରହିଛେ। ଇ ଦୁଇ ପରିବାରର ଲୋକ୍ ଉପେ ଶୁଇନ୍ ହେଇ ଭଂଗା ଘରେ ବିପଦ୍ ଅବସ୍‌ତାରେ ରହୁଛନ୍। ସେନ୍‌ତା ଖପରି ହିଟା ବରଷାରେ ଗଣ୍ଡତୁରୁମ କେନାଲରେ ଘାଇ ହେବାର ସଂଗେ ଫଟାମୁଣ୍ଡା ନାଲର ଉଛ୍‌ଲା ପାଏନ୍ ପଶି ଶତାଧିକ ଏକର ଜମିରେ ବାଲି ପାଟି ଦେଇଛେ। ଇ ବାବ୍‌ଦେ ମତାମତ ନେବାର ଲାଗି ଭେଡ଼େନ ତହସିଲଦାରକୁଁ ତାକର ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ବି ମୋବାଇଲ ସୁଇଚ୍ ଅଫ୍ ଥିବାରଲାଗି ମତାମତ ନାଇଁ ମିଲିପାରି। ହେଲେ ଥାନୀୟ ପରଶାସନ ଅଂଚଲବାସୀକର କ୍ଷୟକ୍ଷତିର ସଠିକ୍ ଆକଳନ କରି ଯେତେ ଜଲଦି ହେବା ସରକାରୀ ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।


ବରଷାରେ ମହୁଲପାଲି ଗାଁର ଝନ୍‌କର ଘର ଭାଂଗିଯାଇଛେ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଲିଗଲା ଦୁଇଟି ଜୀବନ

ତୁଣ୍ଡଲା,୫।୯(ଡି.ଏନ.ଏ.)- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମରେ ସାପ କାମୁଡାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖଗେଶ୍ୱର ବାଗଙ୍କ ସାନ ଝିଅ ରେଖା (୬) ଓ ସ୍ତ୍ରୀ କ୍ଷୀର ମିଶି ମଙ୍ଗଳବାର ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ମା' ଝିଅ ଦୁହିଁଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବା ପାଇଁ ନିଆଯାଇଥିଲା। ସେଠାରେ ଝିଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ମା' କ୍ଷୀରଙ୍କୁ ଚିକିତ୍ସା କରାଯାଇଥିଲା। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ବୁଧବାର ରାତିରେ କ୍ଷୀରଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଥିଲେ। ଏହି ଘଟଣା ପରେ ଏବେ ଗାଁରେ ଶୋକର ଛାୟା ଖେଳିଯାଇଛି ।

### କର୍ମଚାରୀଙ୍କ ଅବହେଳା, ଶିଶୁ କନ୍ୟାର ମୃତ୍ୟୁ ଅଭିଯୋଗ

ଭବାନୀପାଟଣା,୫।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କ ଅବହେଳା ଯୋଗୁ ୪ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହେବା ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଡୁମେରମୁଣ୍ଡା ପଞ୍ଚାୟତ ମୁଖିଗୁଡା ଗାଁର ନିରାଜ ପୂଝାରୀଙ୍କ ୪ ବର୍ଷର ଶିଶୁ କନ୍ୟା ସନ୍ଧ୍ୟା ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ସ୍ଥାନାନ୍ତରିତ କରାଯାଇଥିଲା। ଶିଶୁକନ୍ୟାର ବାପା ନିରାଜ ପୂଝାରୀ ଏବଂ ତାଙ୍କ ସମ୍ପର୍କୀୟ ରାଜ କୁମାର ହଂସ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅଙ୍କୁ ଦାୟୀତ୍ୱରେ ଥିବା ଡାକ୍ତର ଓ କାର୍ଯ୍ୟରତ କର୍ମଚାରୀଙ୍କ ଚିକିତ୍ସା ଅବହେଳା ଯୋଗୁ ଠିକ ଭାବେ ଓ ଉପଯୁକ୍ତ ସମୟରେ ଚିକିତ୍ସା କରା ନ ଯିବବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗୁଲାଲ ଅଗ୍ରୱାଲ କହିଛନ୍ତି ଯେ, ସନ୍ଧ୍ୟା ପୂଝାରୀଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଧର୍ମଗଡରୁ ଅଣାଯାଇ ଏଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ମଧ ଉକ୍ତ ଶିଶୁ ଗୁରୁବାର ଅପରାହ୍ନ ୩ଟା ସମୟରେ ମୃତ୍ୟୁ ହୋଇଯାଇଥିଲା।

ତହସିଲଦାରଙ୍କୁ ପୁଣି ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

# ୨୦ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଜୁନାଗଡ଼, ୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ ଗତ ୧୫ ତାରିଖ ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାର ଦୀର୍ଘ ୨୦ ଦିନ ପରେ ବି ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ପ୍ରତି ଶିକ୍ଷା ବିଭାଗ, ଜିଲା ପ୍ରଶାସନଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ ଗତ ୧୫ ତାରିଖ ଗୁରୁବାର ସ୍ୱାଧୀନତା ଦିବସରେ ଜାତୀୟ ପତାକା ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହିନତା ତଥା ଅବହେଳା ଯୋଗୁ ଏଠାରେ ଅଧ ରାତି ଯାଏଁ ଉଡିଥିବା ଅଭିଯୋଗ ହୋଇଥିଲା। ଏହା ଜଣାପଡିବା ପରେ ସ୍କୁଲ କର୍ତ୍ତୃପକ୍ଷ ତରବରିଆ ଭାବେ ରାତି ଅଧରେ ପତାକାକୁ ବାହାର କରି ଦିଆଯାଇଥିଲା। ଏହି ଘଟଣା ସମ୍ପର୍କରେ ପ୍ରଥମେ 'ଧରିତ୍ରୀ'ରେ ଗତ ୧୮ ତାରିଖ ଏକ ରିପୋର୍ଟ ପ୍ରକାଶ ହୋଇଥିଲା। ଏହି ଘଟଣା ଏହା ଲୋକଲୋଚନକୁ ଆସବା ପରେ ଜୁନାଗଡ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ନାରାୟଣ ମେହେର ଗତ ୨୨ ତାରିଖରେ ଘଟଣାର ତଦନ୍ତ ପାଇଁ ସେହି ସ୍କୁଲକୁ ଯାଇଥିଲେ। ସେଠାରେ ଏବିଇଓ ମେହେର ସ୍କୁଲ ପ୍ରଧାନଶିକ୍ଷୟତ୍ରୀ, ପରିଚାଳନା କମିଟି, ସ୍ଥାନୀୟ ସହକାରୀ ଶିକ୍ଷକ ଓ ଗ୍ରାମବାସୀଙ୍କ ମତାମତ ନେଇଥିଲେ। ସ୍କୁଲ କାର୍ଯ୍ୟରତ ସ୍ଥାନୀୟ ସହକାରୀ ଶିକ୍ଷକ ରାତି ୮ଟା ୩୦ ଯାଏଁ ସ୍କୁଲ ପରିସରରେ ପତାକା ଉଡୁଥିବା ଦେଖିଥିବା କହିଥିବା ବେଳେ ଗ୍ରାମବାସୀ ମଧ ଏହି କଥାକୁ ଏବିଇଓଙ୍କ ଆଗରେ ସ୍ୱୀକାର କରିଥିଲେ। ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ଦେଇଥିବା ସେ ପ୍ରକାଶ କରିଥିଲେ। ସେହିପରି ଜାତୀୟ ପତାକାକୁ ଅସମ୍ମାନ କରିଥିବା ସମ୍ପୃକ୍ତା ପ୍ରଧାନଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ କିଛିଦିନ ତଳେ ଅନ୍ତର୍ଲା ଗ୍ରାମବାସୀ କଳାହାଣ୍ଡି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାସହ ଗ୍ରାମବାସୀ ଏହାର ଏକ ନକଲ ଶିକ୍ଷାମନ୍ତ୍ରୀ, ଜିଲା ଶିକ୍ଷା ଅଧିକାରୀ, ଧର୍ମଗଡ ଉପଜିଲାପାଳ, ଜୁନାଗଡ ବିଡିଓ, ବିଇଓଙ୍କୁ ମଧ ପ୍ରେରଣ କରିଥିଲେ।

ଅନ୍ୟପକ୍ଷରେ, ଏବିଇଓ ନାରାୟଣ ମେହେର ଏହି ଘଟଣାର ରିପୋର୍ଟ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପ୍ରଦାନ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ପଚାରିଲେ ସେ ଜୁନାଗଡ ବିଇଓଙ୍କୁ ପଚାରନ୍ତୁ ବୋଲି ଅତିହାଲୁକା ଭାବେ କହିଛନ୍ତି। ସେହିପରି ଜୁନାଗଡ ବିଇଓ ସୁଧାଂଶୁ ବାଳା ଦେବୀଙ୍କୁ ଏ ବିଷୟରେ ପଚାରିଲେ ମୁଁ ଜାଣିନାହିଁ, ଭୁବନେଶ୍ୱର ଯାଇଥିଲି। ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି ମୋତେ କ'ଣ କହିବେ ବୋଲି ସେ କହନ୍ତି। ଫଳରେ ଏହି ଘଟଣାରେ ଉଭୟ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଓ ଜିଲା ଶିକ୍ଷାଧିକାରୀଙ୍କ (ଡିଇଓ)ଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ଏହାକୁ ନେଇ ସାଧାରଣରେ ଶିକ୍ଷା ବିଭାଗ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏ ନେଇ କଳାହାଣ୍ଡି ଜିଲାପାଳ ଡ.ପରାଗ ହର୍ଷଦ ଗାଭାଲିଙ୍କୁ ପଚାରିବାରୁ ଶିକ୍ଷା ବିଭାଗର ରିପୋର୍ଟରେ ମୋତେ ସନ୍ତୋଷ ଜନକ ଲାଗିଲାନି। ତେଣୁ ଜୁନାଗଡ ତହସିଲଦାରଙ୍କୁ ପୁନଶ୍ଚ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

**ରାତିରେ ତ୍ରିରଙ୍ଗା ଉଡ଼ିବା ଘଟଣା**




- ସନ୍ଦେହରେ ଶିକ୍ଷା ବିଭାଗ
- ବିଇଓ, ଡିଇଓଙ୍କ କଥାର ତାଳମେଳ ରହୁନାହିଁ
- ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣୁନି ଶିକ୍ଷା ବିଭାଗ, ଜିଲା ପ୍ରଶାସନ
- ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ



ନୂଆଁଖାଇ ଉପଲକ୍ଷେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ନୂଆଁଖାଇ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ

ପଲମ, ୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମୁଡିଙ୍ଗ ପଞ୍ଚାୟତସ୍ଥିତ ଡଙ୍ଗାପଟା ଫୁଟବଲ ପଡିଆଠାରେ ନୂଆଁଖାଇ ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ସଭାପତି ଭାବେ ସାମାଜିକ କର୍ମୀ ସୁନିଲ ସାହୁ ରହି କାର୍ଯ୍ୟ ସମ୍ପାଦନ କରିଥିଲେ । ମୁଖ୍ୟଅତିଥି ଭାବେ ରାୟଗଡା(ଟିକିଲି)ର ଲକ୍ଷାପତି ମାଝି ରହିଥିବା ବେଳେ ମୁଖ୍ୟବକ୍ତା ଭାବେ ମୁଡିଙ୍ଗ କ୍ଲଷ୍ଟର ସିଆରସିସି ପ୍ରଶନ୍ନ କୁମାର ମାଝି ଯୋଗଦେଇ ବନ୍ଧୁମିଳନର ତାପର୍ଯ୍ୟ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଏରିଆ ମ୍ୟାନେଜର ରାଜେଶ ପ୍ରସାଦ ମୁଣ୍ଡାପଲା, ସାମାଜିକ କର୍ମୀ ସୁଶିଲ ମାଝି, ମହାବିର ନାଗ, ଦୁର୍ଲାଦାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୟାନିଧି ମାଝି, ଆଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରକ୍ଷିତ ମାଝି, ପିପଲପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଗହୀର, ବିକାଶ ସାହୁ, ବାରୁ ସାହୁ, ଚାନ୍ଦୁଲାଲ ସାହୁ, ତନୁ ଭୋଇ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।



ବିଜୁ ଯୁବବାହିନୀ ତରଫରୁ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମ ।

# ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ

ଭବାନୀପାଟଣା,୫।୯ (ଡି.ଏନ.ଏ.)

ଭବାନୀପାଟନା ପୌରପାଳିକା ବିଜୁ ଯୁବବାହିନୀ ତରଫରୁ ଗୁରୁବାର ଗୁରୁଦିବସଠାରୁ ସବୁଜବନାନୀ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗୁରୁବାର ସ୍ଥାନୀୟ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଝିପଡାଠାରେ ବିଜୁ ଯୁବବାହିନୀ, ସ୍ୱଚ୍ଛାସେବୀ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ପରିସରରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଛନ୍ତି। ଆଗାମୀ ଦିନରେ ସମସ୍ତ ୱାର୍ଡ ଓ ଗ୍ରାମପଞ୍ଚାୟତସ୍ତରରେ ସବୁଜ ବନାନୀ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ଅବିନାଶ ଠାକୁର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଯୁବନେତା ମଣ୍ଟୁ ନାଏକ, ମନିନ୍ଦ୍ର ମହାନ୍ତି, ମ୍ୟୁନିସିପାଲଟି ସଂଯୋଜକ ଅଭିଷେକ ମହାପାତ୍ର, ବିପିଏମ୍‌ୟୁର ଶ୍ରୀନିବାସ ରଥ, ଶରତ ବଳିଆର ସିଂ, ଜିତେନ୍ଦ୍ର ବେହେରା, ମହମ୍ମଦ ଇସମାଇଲ, ଅମିତ୍ ଯାଦବ, ଜଜାତି ମହାନ୍ତି ପ୍ରମୁଖ ସାମିଲ ହୋଇ ଚାରାରୋଣ ପାଇଁ ଉତ୍ସାହିତ କରିଥିଲେ।

# ଅଜଣା ବୃଦ୍ଧଙ୍କ ମୃତ୍ୟୁ

ଭବାନୀପାଟଣା, ୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ପୋଲିସ ପକ୍ଷରୁ ଉଦ୍ଧାର କରିଥିବା ଜଣେ ଅଜଣା ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ତାଙ୍କର ପରିଚୟ ମିଳି ନ ଥିବାରୁ ମୃତଦେହ ଜିଲା ଚିକିତ୍ସାଳୟଠାରେ ରଖାଯାଇଛି। ଗତ ଅଗଷ୍ଟ ୨୧ ତାରିଖରେ ପୋଲିସ ପାଟୋଲିଂ କରୁଥିବା ବେଳେ ଧର୍ମଗଡ କାଶିବାହାଲ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଅଜଣା ବୃଦ୍ଧଙ୍କୁ ପ୍ରାୟ ୬୫ରୁ ୭୦ ବର୍ଷ ହେବ ମୁର୍ମୁଷୁ ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଗତ ୨୯ ତାରିଖରେ ବୃଦ୍ଧଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭାବନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨ ତାରିଖରେ ମୃତ୍ୟୁ ଘଟିଛି। ଏ ନେଇ ଧର୍ମଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯) ରୁଜୁ ହୋଇଛି। ଅଜଣାବୃଦ୍ଧାଙ୍କ ମୃତ୍ୟୁ ଘଟଣା ୭୨ ଘଣ୍ଟା ପରେ ମଧ ପରିଚୟ ନ ମିଳିବାରୁ ଉକ୍ତ ଶବକୁ ଡିସ୍ପୋଜାଲ କରାଯିବ ବୋଲି ଟାଉନ ଥାନା ଆଇଆଇସି ବାସୁଦେବ ଛତ୍ରିଆ ଗୁରୁବାର ସୂଚନା ଦେଇଛନ୍ତି ।

# ଲଗାଣବର୍ଷା : ଘର ଭାଙ୍ଗିଲା, ଘରେ ପଶିଲା ପାଣି

କୋକସରା,୫।୯ (ଡି.ଏନ.ଏ.)

ନୂଆଁଖାଇ ପରେ ଅଞ୍ଚଳରେ ଖୁସିର ବାତାବରଣ ଲାଗି ରହିଥିବା ବେଳେ କଳାହାଣ୍ଡି ଜିଲା କୋକସରା ବ୍ଲକରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ହୋଇଛି। ଏହାର ପ୍ରଭବାରେ କୋକସରା ବ୍ଲକରେ ଅନେକଙ୍କ ଘର ଭାଙ୍ଗିବା ସହିତ ଘରେ ପାଣି ପଶିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ କୋକସରା ବ୍ଲକ ଅନ୍ତର୍ଗତ ଗୋଟୋମୁଣ୍ଡା ଗ୍ରାମପଞ୍ଚାୟତ ପିପଲଝାପର ଗ୍ରାମର ମକରନ୍ଦ ବିଶି ଓ ତାଙ୍କ ପରିବାର ଗତ ରାତିରେ ଶୋଇଥିବା ବେଳେ ଘର ଭାଙ୍ଗି ଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା ପରିବାର ଲୋକେ କହିଛନ୍ତି।

ଦୀର୍ଘ ଦିନ ହେବ ମକରନ୍ଦଙ୍କ ପରିବାର ଏକ ମାଟି ଘରେ ରହି ଆସୁଥିବାବେଳେ ବୁଧବାର ରାତିରେ ହୋଇଥିବା ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଛି। ଫଳରେ ସେମାନେ ପଡୋଶୀ ଘରେ ଆଶ୍ରୟ ନେଇଥିବା ଜଣାପଡିଛି। ସେହିପରି ଆମପାଣି ଗ୍ରାମପଞ୍ଚାୟତର ମଧୁ ସୁନା, ଦିବ୍ୟ ବାଗ, ରାଜୁ ବାଗ, ରାଏଚନ ସୁନାଙ୍କ ଭଳି ଅନେକ ଲୋକଙ୍କ ଘରେ ପାଣି ପଶିଥିବା ବେଳେ ମୁଷାପାଲି ଗ୍ରାମ ପଞ୍ଚାୟତ ଗହନାମୁଣ୍ଡା ଗ୍ରାମର ଟିକଚନ ରାଉତଙ୍କ ଘରେ ମଧ ପାଣି ପଶିଯାଇଛି। ଫଳରେ ଘରରେ ଥିବା ସମସ୍ତ ଆସବାବପତ୍ର ଓ ଗଚ୍ଛିତ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ସମସ୍ତେ ନିରାଶ୍ରୟ ହୋଇପଡିଥିବା ଅଭିଯୋଗ ହୋଇଛି। ଏ ନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କ ପଚାରିବାରୁ ଯେହେତୁ ଅତ୍ୟଧିକ ବର୍ଷା ହୋଇନାହିଁ। ଯଦି ଆଗକୁ ବର୍ଷାର ପରିମାଣ ବଢେ ତେବେ ରିଲିଫ କୋର୍ଡ ଅନୁସାରେ ରିଲିଫ ଦିଆଯିବା ବ୍ୟବସ୍ଥା କରାଯିବ। ଯେଉଁମାନଙ୍କ ଘର ଭାଙ୍ଗିଛି ଓ ପାଣି ପଶିଛି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ପରେ ତହସିଲଦାରଙ୍କୁ ରିପୋର୍ଟ ଦେବା ପରେ କ୍ଷତିପୂରଣ ଦିଆଯିବ ବୋଲି ପ୍ରକାଶ କରିଥିଲେ ।



ବର୍ଷାରେ ଲୋକଙ୍କ ଘରେ ପାଣି ପଶିଛି।

# ରେନ୍ଦାବାହାଲିରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ପଲମ,୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ରେନ୍ଦାବାହାଲି ଗ୍ରାମବାସୀଙ୍କ ମଧ୍ୟରେ ଗୁରୁବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ ଗୌନ୍ତିଆ ସମ୍ପତ୍ତି ଭୋଇ ଯୋଗଦେଇ ଗ୍ରାମବାସୀଙ୍କ ସହ ମିଳିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ସୁମୁରୁ ଭୋଇ, ଖମସିଂ ମାଝି, ଚନ୍ଦ୍ରଭାନୁ ସୁନା, କବି ସୁନା, ଅଗସ୍ତି ସୁନା, ଯଦୁମଣି ସାହୁ, ଦଶ କୁମୁରା, ନିରାକାର ପାତ୍ର, ଯଶୋଦା ସାହୁ, ଦାଇମତୀ କୁମୁରା, ଉମେଶ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଜୟଶ୍ରୀ ଶନିଶ୍ଚର ଯୁବକ ସଂଘ ସଭାପତି ଦିଗାମ୍ବର ସୁନା, ସମ୍ପାଦକ ଅନ୍ତର୍ଯ୍ୟାମୀ ପାତ୍ରଙ୍କ ଅନ୍ୟ ସଦସ୍ୟମାନଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ସଂଘ ତରଫରୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା ।



ରେନ୍ଦାବାହାଲି ଗ୍ରାମବାସୀଙ୍କ ମଧ୍ୟରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ।

# ଦ୍ୱାବିଂଶତମ ଜିଲାସ୍ତରୀୟ ଗୁରୁଦିବସ ପାଳିତ

ରିଷିଡା,୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ଓ କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ଗୁରୁ ଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ ଆଦିବାସୀ, ହରିଜନ ବିଭାଗ ଯୁଗ୍ମ ସଚିବ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ପ୍ରାକ୍ତନ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର ସାହୁ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧିରେନ ପଟ୍ଟନାୟକ, ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ଲବଣୀ କୁମାର ନାଏକ ଯୋଗଦେଇଥିବା ବେଳେ ଜିଲା ସଭାପତି ମନୋଜ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜନା ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ବିବରଣୀ ପାଠ ବ୍ଲକ ସଭାପତି ଅଶୋକ କୁମାର ତ୍ରିପାଠୀ, ଅତିଥି ପରିଚୟ ସାଧାରଣ ସମ୍ପାଦକ ଉଜ୍ଜଳ ସାହୁ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରସନ୍ନ କୁମାର ସାହୁ, ଦୁଷ୍ମନ୍ତ କୁମାର ଲେଙ୍କା, ଅନ୍ତର୍ଯ୍ୟାମୀ ମଲ୍ଲିକ ତଥା ନୋଡାଲ ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂ ଓ ବ୍ଲକ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଜ ଉତ୍ସବରେ ଉପସ୍ଥିତ ଥିଲେ ।



ରିଷିଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ।

**କୋକସରା, (ଡି.ଏନ.ଏ.):** କୋକସରା ବ୍ଲକ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାପୀଠରେ ଗୁରୁ ଦିବସ ପାଳିତ ହୋଇଯାଇଛି। ନୂତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସତ୍ୟବାନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି, ସମ୍ମାନିତ ଅତିଥି ଏକ୍ସକ୍ୟାଡର ଜିଲା ଉପସଭାପତି ଗଗନ ବିହାରୀ ପଟ୍ଟନାୟକ, ବ୍ଲକ ଶିକ୍ଷକ ସଂଘ ସମ୍ପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି ଯୋଗଦେଇ ପ୍ରଥମେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପୂର୍ବରୁ ଶିକ୍ଷକଙ୍କୁ ଯେଉଁ ସମ୍ମାନ ଓ ଆଦର ମିଳୁଥିଲା, ତାହା ଏବେ ଗୌଣ ହେବାରେ ଲାଗିଛି । ଗୁରୁଙ୍କ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି । ଆଗାମୀ ଦିନରେ ଶିକ୍ଷକ ସମାଜ ନିଜର ମୂଲ୍ୟବୋଧ ଓ ଦାୟିତ୍ୱ ସମ୍ପନ୍ନ ହୋଇ ବିଦ୍ୟାଦାନ କରିବା ପାଇଁ ସଙ୍କଳ୍ପ ବଦ୍ଧ ରହିବା ପାଇଁ ସଭାରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ତୁଳସୀରାମ ପଟେଲ, ସନାତନ ପଣ୍ଡା, ପରମେଶ୍ୱର ପଟ୍ଟନାୟକ, ଲକ୍ଷ୍ମୀଧର ସେନାପତି, ଦୁର୍ଯ୍ୟୋଧନ ବାଗ, ଜନ୍ମେଜୟ ପ୍ରଧାନୀ, କ୍ଷୀରୋଦ ପଣ୍ଡା, ଦୁର୍ଯ୍ୟୋଧନ ନାଏକ, ରତ୍ନାକର ବେମାଲ ପ୍ରମୁଖ ଶିକ୍ଷକମାନେ ଉପସ୍ଥିତ ଥିଲେ।

**ଭବାନୀପାଟଣା, (ଡି.ଏନ.ଏ.):** କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଲେଖକ କଳା ପରିଷଦରେ ଗୁରୁଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ ଓ ମୁଖ୍ୟବକ୍ତା ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଦିତ୍ୟ ପ୍ରସାଦ ନନ୍ଦ, ଲେଖକ କଳା ପରିଷଦ ସମ୍ପାଦକ ଭାନୁ ପ୍ରକାଶ ରାଥ, ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପ୍ରଧାନ ଓ ଚକ୍ରଧର ମିଶ୍ର ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ରଥ ପ୍ରାରମ୍ଭିକ ସୂଚନା ଦେବା ସହିତ ସଂଘର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ସଂଘ ସଭାପତି ଜନାର୍ଦ୍ଦନ ମାଝି ସଭାପତିତ୍ୱ କରିଥିବା ବେଳେ ସଂଘ କର୍ମକର୍ତ୍ତା ଅଶୋକ ବାବୁ, ସୁବାସ ପଣ୍ଡା, ଦିଗାମ୍ବର ପରିଡା, ଜାମିନି ମିଶ୍ର, ମୁକ୍ତେଶ୍ୱର ପଟ୍ଟନାୟକ, ଚନ୍ଦ୍ର ଯୋଷୀ, ଦୁର୍ଯ୍ୟୋଧନ ବାଗ, ଗରୁଡ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ୧୬ଜଣ କୃତୀ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସୁବାସ ଚନ୍ଦ୍ର ମହାନ୍ତିଙ୍କୁ ଗଙ୍ଗାଧର କୃତି ଶିକ୍ଷକ ସମ୍ମାନ ଦିଆଯାଇଥିଲା।



କୋକସରା ବ୍ଲକ ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ଅନୁଷ୍ଠିତ ଗୁରୁଦିବସ ।




ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଲେଖକ କଳା ପରିଷଦରେ ଗୁରୁଦିବସ ପାଳିତ ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ଘଟଣା ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

**ସିନାପାଲି,୫।୯ (ଡି.ଏନ୍.ଏ.)**- ନୂଆପଡ଼ା ଜିଲା ସିନାପାଲିସ୍ଥିତ ଖଲନା ଗ୍ରାମରେ ବୁଧବାର ସକାଳେ ସ୍ତ୍ରୀଙ୍କୁ କିରୋସିନ ଢାଳି ସ୍ୱାମୀ ନିଆଁ ଲଗାଇ ହତ୍ୟା କରିଥିଲେ। ଏହି ଘଟଣାରେ ସିନାପାଲି ପୋଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ହୀରାଧର ଛତ୍ରି (୩୫) ଓ ଶାଶୁ ମହରଗୀ ଛତ୍ରୀ (୫୫)। ନୂଆଁଖାଇ ଦିନ ଶାଶୁଙ୍କୁ ଏକାଠି ନୂଆଁଖାଇ ଖାଇବା ପାଇଁ ଡାକି ନ ଥିବା ଘଟଣାରୁ ଏଭଳି କାଣ୍ଡ ଘଟିଥିବା ସିନାପାଲି ପୋଲିସ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗୌଡ ପ୍ରକାଶ କରିଛନ୍ତି।

### ଗୁରୁଦିବସକୁ କଳାଦିବସ ପାଳିଲେ କଲେଜ ଶିକ୍ଷକ

**ସିନାପାଲି,୫।୯(ଡି.ଏନ.ଏ.)**- ନୂଆପଡା ଜିଲା କେତେକ ମହାବିଦ୍ୟାଳୟରେ କଲେଜ ଶିକ୍ଷକମାନେ ଗୁରୁବାର ଗୁରୁ ଦିବସକୁ କଳାଦିବସ ଭାବେ ପାଳନ କରିଛନ୍ତି। ୨୦୦୮ ଜୁନ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ନିଯୁକ୍ତି ପାଇଥିବା ଏହି ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ସରକାର ହାତକୁ ନେବା ସହିତ ଚାକିରୀ ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା ପାଇଁ ଦାବି କରି ଆସୁଛନ୍ତି। ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା ଯୋଗୁ ସେମାନେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବା ସହିତ ସରକାରଙ୍କଠାରେ ପ୍ରତିବାଦ କରିଛନ୍ତି । ଜିଲାର ସିନାପାଲି କଲେଜ, ବୋଡେନ ଜୁନିୟର କଲେଜ, ଖଡିଆଳ ଅଟୋନମସ ମହାବିଦ୍ୟାଳୟ ଓ କୋମାନ କଲେଜ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା କଳାବ୍ୟାଜ ପରିଧାନ କର କଳାଦିବସ ପାଳନ କରିଛନ୍ତି ।

### ମେଣ୍ଟାଟାଲ ସ୍କୁଲରେ ଗୁରୁଦିବସ

**କୋମନା,୫।୯(ଡି.ଏନ.ଏ.)** ନୂଆପଡା ଜିଲା କୋମନା ବ୍ଲକ ମେଣ୍ଟାଟାଲସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖେମ ଦାସ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ସହଶିକ୍ଷକ ଧ୍ରୁବଚରଣ ରଣା ଛାତ୍ରୀଛାତ୍ରମାନଙ୍କୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେହିଭଳି ଟିକ୍ରାପଡାସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ହାଇସ୍କୁଲରେ ଗୁରୁ ଦିବସ ପାଳିତ ହୋଇଛି । ଶିକ୍ଷକ ଉମାଶଙ୍କର ରଣା ଛାତ୍ରୀଛାତ୍ରମାନଙ୍କୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତିର ସୁନାମ ରକ୍ଷା କରିବା ସମସ୍ତଙ୍କ ମୁଖ୍ୟ କର୍ତ୍ତବ୍ୟ ବୋଲି କହିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗରେ ୩ ଘଣ୍ଟା ରାସ୍ତାରୋକୋ

**ନୂଆପଡ଼ା ଅଫିସ/ ତରବୋଡ଼/ କୋମନା, ୫।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଫାଣ୍ଡି ସଦର ଗାଁ ବଜାର ମଧ୍ୟରେ ଏକ କୁଡିଆ ଘରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ଜନ୍ମେଜୟ ମାଝି (୨୨)। ଯୋଜନାବଦ୍ଧ ଭାବେ ଜନ୍ମେଜୟଙ୍କୁ ହତ୍ୟା କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ପରିବାର ସହ ଗ୍ରାମବାସୀ ଗୁରୁବାର ୩ ଘଣ୍ଟା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପ୍ରଶାସନର ନିର୍ଭର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ ହୋଇଛି। ପୋଲିସ ଡଗସ୍କ୍ୱାର୍ଡ ଲଗାଇ ତଦନ୍ତ ଚଳାଇଥିବା ବେଳେ ୨ ଜଣଙ୍କୁ ଥାନାରେ ଅଟକ ରଖିଛି ।

ସୂଚନାଯୋଗ୍ୟ ଯେ, ମା'ବାପାଙ୍କ ମୃତ୍ୟୁ ପରେ ଜନ୍ମେଜୟ ଆଜକୁ ୪/୫ବର୍ଷ ହେବ ନିଜ ବଡବାପା କୁଶ ମାଝିଙ୍କ ଘରେ ରହୁଥିଲେ। ତାଙ୍କ ସହ ନିଜର ଦୁଇ ନାବାଳକ ଭାଇ ମଧ୍ୟ ରହୁଥିଲେ । ଗ୍ରାମବାସୀଙ୍କ କହିବାନୁଯାୟୀ ନୂଆଁଖାଇବାସି ଦିନ



୩୫୩ ନଂ. ଜାତୀୟ ରାଜପଥ ତରବୋଡ ନିକଟରେ ଲୋକେ ରାସ୍ତା ରୋକୋ କରିଛନ୍ତି ।

### ତରବୋଡ଼ବାସୀ ସାମିଲ ହେଲେ

ଅର୍ଥାତ ବୁଧବାର ରାତିରେ ପରିବାର ମଧ୍ୟରେ ବହୁ ବାକବିତଣ୍ଡା ହୋଇଥିବା ପଡୋଶୀମାନେ ଶୁଣିଛନ୍ତି । ଇତିମଧ୍ୟରେ ଜନ୍ମେଜୟ ଘରୁ ଚାଲିଯାଇଥିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଗୁରୁବାର ସକାଳେ ଦେଖିବାବେଳକୁ ବଜାର ମଧ୍ୟରେ ଏକ କୁଡିଆ ଘରେ ମୃତଦେହ ଝୁଲୁଛି । ବେକରେ ରସି ଲାଗିଥିବାବେଳେ ମୃତଦେହ ଗୋଡ ତଳକୁ ଛୁଇଁଛି । ନିକଟରେ କିଛି ମଦ ବୋତଲ ମଧ୍ୟ ପଡିଥିବା ଲୋକେ କହୁଛନ୍ତି । ପୋଲିସ ଖବର ପାଇ ପୂର୍ବାହ୍ନ ୯ଟାରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା । ଗ୍ରାମବାସୀ ଏହି ମୃତ୍ୟୁକୁ ନେଇ ନାନାଦି ସନ୍ଦେହ କରିଥିଲେ। ଏହାର ଠୋସ ତଦନ୍ତ କରା ନ ଯିବା ଯାଏଁ ଏହାକୁ ଛାଡିବେ ନାହିଁ ବୋଲି ଅଡିବସିଥିଲେ। ଡଗସ୍କ୍ୱାର୍ଡ ଦ୍ୱାରା ତଦନ୍ତ କରିବାକୁ ଦାବି କରାଯାଇଥିଲା। ପୋଲିସ ତରଫରୁ ଡଗସ୍କ୍ୱାର୍ଡ ପୂର୍ବାହ୍ନ ସାଢେ ୧୧ଟାବେଳେ ଆସି ତଦନ୍ତ ଆରମ୍ଭ କରିଥିଲା। କୁକୁର ସିଧା ଜନ୍ମେଜୟ ରହୁଥିବା ଘର ପର୍ଯ୍ୟନ୍ତ ଯାଇ ଫେରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ଦୃଢ଼ୀଭୂତ ହୋଇଥିଲା । ଅସନ୍ତୋଷ ଲୋକେ ୩୫୩ ନଂ. ଜାତୀୟ ରାଜପଥକୁ ଚାଲିଆସି ଅବରୋଧ କରିଥିଲେ । ଏହାକୁ ନେଇ ଜନ୍ମେଜୟଙ୍କ ପିଉସି ଜଣେ ନିର୍ଦ୍ଦିଷ୍ଟବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିବାବେଳେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ଯାଏଁ ଉଠିବେନାହିଁ ବୋଲି ଅଡିବସିଥିଲେ। ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ହୋଇଥିଲା । ଘଟଣାସ୍ଥଳକୁ ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଆସି ବୁଝାଶୁଝା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଲଚ୍ଛିନ୍ଦ୍ର ଚଲାନ କହିଛନ୍ତି ।

## ଉତ୍ତମ ଛାତ୍ରୀଛାତ୍ର ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଉଲୁଣ୍ଡା ୫।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଝାରବାହାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଗୁରୁଦିବସ ଏବଂ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଧାମୋହନ ପୂଜାହାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ର ଏବଂ ଶିକ୍ଷକ ଭିତରେ କିଭଳି ସୁସମ୍ପର୍କ ରଖାଯାଇ ପାରିବ ସେ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ସୁଚିସ୍ମିତା ପଧାନ, ସଂସ୍କୃତି ସଞ୍ଚାଳିକା ପାଣିଗ୍ରାହୀ, ଅଶ୍ଳେଷା ବଡପଣ୍ଡା, ପ୍ରତିକ୍ଷା ତ୍ରିପାଠୀ ପ୍ରମୁଖ ଛାତ୍ରୀଛାତ୍ର ଗୁରୁଦୁବସ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟର ଶିକ୍ଷକ ପୃଥ୍ୱିରାଜ ପଧାନ, ଦିଲ୍ଲୀପ କୁମାର ଭୋଇ ଏକ ଉତ୍ତମ ଛାତ୍ରଛାତ୍ରୀ ଗଢିବାରେ ଶିକ୍ଷକ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମୁଖ୍ୟଅତିଥି ରାଧେଶ୍ୟାମ ପୁରୋହିତଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। କୃଷ୍ଣଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଫକିର ମୋହନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ଓଷ୍ଟାର ବ୍ଲକସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ଓଷ୍ଟାର ବ୍ଲକସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**ନୂଆପଡା ଅଫିସ,୫।୯**

### ବ୍ଲକ ନୂତନ କର୍ମକର୍ତ୍ତା ମନୋନୀତ

ସ୍ଥାନୀୟ ଗୋଡଫୁଲା ହାଇସ୍କୁଲ ପରିସରରେ ଓଷ୍ଟା (ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ) ନୂଆପଡା ବ୍ଲକସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେଓସିଂ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ଜିଲା ସମ୍ପାଦକ ବିନୋଦ ବିହାରୀ ପାଢୀ ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ଯୋଷୀ, ଜିଲା ଉପସଭାପତି ପରମାନନ୍ଦ ସାହୁ, ପାଣ୍ଡୁରାମ ପାଣ୍ଡେ, ସୁବାସ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହା ଉପରେ ବିଭିନ୍ନ ସମୟରେ ସରକାର ନିଦାବିଷ୍ଟୁ ହୋଇ ଦାବିଗୁଡିକୁ ଗୁରୁତ୍ୱ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ହେମସାଗର ରାଉତ, ଦେଓସିଂ ବିଶ୍ୱାଳ ଉପସଭାପତି, ପ୍ରଦୀପ କୁମାର ଭୋଇ ସମ୍ପାଦକ, ପ୍ରଫୁଲ୍ଲ କୁମାର ମହାରଣା, କୌସ୍ତୁଭ ସାହୁ ଯୁଗ୍ମ ସମ୍ପାଦକ, ପାଣ୍ଡୁରାମ ପାଣ୍ଡେ, ଆଦମ କୁମାର ପାଣ୍ଡେ ଜିଲା କମିଟି ସଦସ୍ୟ ଏବଂ ଭୋଜରାମ ହଂସ ରାଜ୍ୟ କାଉନସିଲ ସଦସ୍ୟ ଭାବେ ମନୋନିତ ହୋଇଛନ୍ତି ।

## ସତନାମୀ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ନୂଆପଡା ଅଫିସ,୫।୯**

ନୂଆପଡା ଜିଲା କୋମନା ବ୍ଲକ କାଣ୍ଡେତରା ଗାଁରେ ସତନାମୀ ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଗଙ୍ଗାରାମ ସତନାମୀ ସଭାପତିତ୍ୱ କରିଥିବାବେଳେ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସମାଜ ଉପସଭାପତି କ୍ଷମାସାଗର ସତନାମୀ, ଦୁଷନ୍ତ ସତନାମୀ, ଛନୁଲାଲ ସତନାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଢୋଲକିଆ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଦେବା ସହ ପ୍ରତିବର୍ଷ ସମସ୍ତଙ୍କ ମଧ୍ୟରେ ଭାଇଚାରା ବାଣ୍ଟି ଏକତାର ସୂତ୍ରରେ ବାନ୍ଧି ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ପ୍ରଦାୟର ସମସ୍ତ ଲୋକ ଆସି ମୁଖ୍ୟଅତିଥିଙ୍କୁ ଜହାର ଭେଟ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ନାଚି ଝୁମିଥିଲେ।

## ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ୍

**ସିନାପାଲି,୫।୯ (ଡି.ଏନ.ଏ.)**

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଗ୍ରାମାଞ୍ଚଳରେ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ସହରରେ ନୂଆଁଖାଇ ପରେ ଅପରାହ୍ନରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ସମସ୍ତେ ଗ୍ରାମର ସମସ୍ତ ଦେବଦେବୀ ପୀଠ ଦର୍ଶନ କରିବା ପରେ ଜବାହର ସ୍ମୃତି ମଣ୍ଡପ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ବିଶିଷ୍ଟ ଗବେଷକ ଡ.ମହେନ୍ଦ୍ର କୁମାର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣୀ ମେହେର, ହୃଷୀକେଶ ମେହେର, ସରପଞ୍ଚ ସତ୍ୟବାନ ମେହେର, ମଧୁକୁମାର ଜୈନ, ତୁଳସୀରାମ ମେହେର ପ୍ରମୁଖଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ଅଧ୍ୟାପକ ନବୀନ ଚନ୍ଦ୍ର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସିନାପାଲି ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ମଧ୍ୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ପ୍ରସନ୍ନ କୁମାର ବନ୍ଧିଚୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କୋଷାଗାର ଅଧିକାରୀ ବିରଞ୍ଚି ନାରାୟଣ ଜଗତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଟିମନପୁର ସରପଞ୍ଚ ଗୀତାଞ୍ଜଳି ବନ୍ଧିଚୋର, ପରିକ୍ଷିତ ମାଝି, କୃଷ୍ଣଦାସ ତାଣ୍ଡି, ଦୁଶାସନ ପାଣ୍ଡେ, ରାଧେଶ୍ୟାମ ପାଣ୍ଡେ, ଭଗବାନ ବନ୍ଧିଚୋର ପ୍ରମୁଖ ସମ୍ମାନିତ ଅତିଥି ଓ ସତ୍ୟବ୍ରତ ଗହୀର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୃଷ୍ଣ ପାଣ୍ଡେ ବୈଠକରେ ସଂଯୋଜନା କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସିନାପାଲି ସହରରେ ନୂଆଁଖାଇ ପରେ ଅନୁଷ୍ଠିତ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ।

# ନୂଆପଡ଼ାକୁ ଦୁର୍ଘଟଣାମୁକ୍ତ ସହର କରାଯିବ

**ନୂଆପଡା ଅଫିସ,୫।୯**

### ସଚେତନତାର ମଙ୍ଗ ଧରିଲା ପୋଲିସ

ରାଜ୍ୟର ଉପାନ୍ତ ତଥା ପଡୋଶୀ ଛତିଶଗଡ ସୀମାନ୍ତବର୍ତ୍ତୀ ନୂଆପଡା ଜିଲାରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ବହୁ ମୂଲ୍ୟବାନ ଜୀବନ ହାନି ଘଟୁଛି । ଅନ୍ୟପକ୍ଷେ ଭାରତ ସରକାର ନୂତନ ଭାବେ ସଂଶୋଧିତ ମୋଟର ଯାନ ଚଳାଚଳ ଅଧିନିୟମକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶନାମା କରିଛନ୍ତି । ଏହାକୁ ଠିକ କାର୍ଯ୍ୟକାରୀ କରି ନୂଆପଡାକୁ ଏକ ଦୁର୍ଘଟଣାମୁକ୍ତ ସହର ଭାବେ ଗଢିତୋଲିବା ବୋଲି ନୂଆପଡା ଥାନାଧିକାରୀ ଆଦିତ୍ୟ ମହାକୁଡ ଆହ୍ୱାନ ଦେଇଛନ୍ତି । ଗୁରୁବାର ସ୍ଥାନୀୟ ଏକତା ଛକ ନିକଟରେ ଆୟୋଜିତ ସଚେତନତା ସଭାରେ ସେ ଏହା କହିଛନ୍ତି । ଏହିକ୍ରମରେ ଦୀର୍ଘ ଘଣ୍ଟାଏକାଳ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏଥିରେ ବ୍ୟାପକ ସଂଖ୍ୟାରେ ମହିଳାପୁରୁଷ ଅଧିକାରୀମାନେ ନିୟୋଜିତ ଥିଲେ । ସମସ୍ତଙ୍କ ହାତରେ ସଚେତନତା ସକାଶେ ପ୍ରଚାର ପତ୍ର ରହିଥିଲା । ସମସ୍ତ ପଥଚାରୀ, ଗାଡି ଚାଳକମାନଙ୍କୁ ପୋଲିସ ଟିମ ଅଟକାଇ ବିଭିନ୍ନ ସଚେତନତାର ମନ୍ତ୍ର ଦେଉଥିଲେ। ସୂଚନାଯୋଗ୍ୟ ଯେ, ସରକାର ନୂତନ ଭାବେ ମୋଟର ଯାନ ଆଇନ ୧୯୮୮କୁ ସଂଶୋଧନ କରି ଏହାକୁ ଗତ ୧ ତାରିଖଠାରୁ କଡାକଡି ଭାବେ ଲାଗୁ କରିଛନ୍ତି । ଏହି ନିୟମାବଳୀରେ ଯାତ୍ରୀ, ଚାଳକ, ମାଲିକମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡବିଧାନ କରାଯାଇଛି । ଏଥିସକାଶେ ପ୍ରଥମେ ସମସ୍ତଙ୍କ ମଧ୍ୟରେ ସଚେତନତା ଆଣିବାକୁ ଗୁରୁବାର ଏହି ଅଭିଯାନ କରାଯାଇଥିଲା । ଆଗକୁ ଯେମିତି ଦଣ୍ଡିତ ନ ହୁଅନ୍ତୁ ସେଥିସକାଶେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଥାନାଧିକାରୀ ମହାକୁଡ ନେତୃତ୍ୱ ନେଇଥିବାବେଳେ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ସହରର ବହୁ ସଚେତନ ନାଗରିକ ଆଗକୁ ଆସି ଏଥିରେ ସାମିଲ ରହିଥିବା ଦେଖାଯାଇଥିଲା । ଏହି ଅଭିଯାନକ୍ରମେ ଜିଲାବ୍ୟାପି ଚାଲିବାକୁ ଥିବା ଜଣାପଡିଛି ।



ଏକତା ଛକ ନିକଟରେ ପୋଲିସ ଗାଡ଼ି ଚାଳକଙ୍କୁ ଅଟକାଇ ସଚେତନ କରୁଛନ୍ତି ।





ନ୍ୟାଶନାଲ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଗୁରୁଦିବସରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ସିନାପାଲି ବାହାଲପଡାସ୍ଥିତ ରାଜଶ୍ରୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରୁଛନ୍ତି ।

# ଗୁରୁମାନେ ପୂଜ୍ୟପୂଜାର ଅଧିକାରୀ

**ନୂଆପଡା ଅଫିସ,୫।୯**

ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ପ୍ରାଙ୍ଗଣରେ ଗୁରୁବାର ଓଷ୍ଟା (ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ) ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ବିନୋଦ ବିହାରୀ ପାଢୀ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି, ବୃନ୍ଦାବନ ପାଢୀ, ସୁକାନ୍ତ ସତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପ୍ରଥମେ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ ବକ୍ତାମାନେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ପାଳନ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । ଗୁରୁମାନେ ଆବହମାନ କାଳରୁ ସମାଜ ପାଇଁ ଦର୍ପଣଭଳି କାମ କରିଆସିଛନ୍ତି । ସେମାନେ ସମାଜ ନିର୍ମାଣରେ କର୍ଣ୍ଣଧାର। ଶିକ୍ଷକମାନେ ପ୍ରକୃତରେ ପୂଜ୍ୟପୂଜାର ଅଧିକାରୀ ବୋଲି କହିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଭାବେ ଜୀବନଯାକ ସମର୍ପିତ କାମ କରିଥିବା ଅବସରପ୍ରାପ୍ତ ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ, କୁଲିହାବନ୍ଧା ହାଇସ୍କୁଲ ପିଅନ ଚତୁରସିଂ ଦେୱାଙ୍ଗନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ରାଧେଶ୍ୟାମ ସା ମଞ୍ଚ ପରିଚାଳନା କରିଥିଲେ । ସଂଘ ବରିଷ୍ଠ କର୍ମକର୍ତ୍ତା ପ୍ରଦୀପ ଭୋଇ, ଦେଓସିଂ ବିଶ୍ୱାଳ, ପଣ୍ଡୁଲାଲ ପାଣ୍ଡେ, ହେମା ବର୍ମା, ଏମ.ଆର. ପଟେଲ, ବିଜ୍ଞାନ ଲେଙ୍କା, ପରମାନନ୍ଦ ସାହୁ, କିଶୋର କୁମାର ପରିଡା, ମହେଶ ରାମ ପଟେଲ, ଅବୋଧ ପଟେଲ ପ୍ରମୁଖ ଯୋଗଦେଇଥିଲେ । ହେମସାଗର ରାଉତ ଧନ୍ୟବାଦ ଦେଇଥିଲେ ।

**ସିନାପାଲି, (ଡି.ଏନ.ଏ.):** ସିନାପାଲି ବାହାଲପଡାସ୍ଥିତ ରାଜଶ୍ରୀ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଗୁରୁବାର ଗୁରୁଦିବସ ପାଳନ କରିଛନ୍ତି। ଏହି ଉପଲକ୍ଷେ ବହୁତ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଏହି ଜନ୍ମ ଦିବସରେ ଛାତ୍ରୀଛାତ୍ର ଗୁରୁବନ୍ଦନା, ରାଧାକ୍ରିଷ୍ଣନଙ୍କ ଜିବନୀ, କଳାମୃକ, ଶିକ୍ଷକମାନଙ୍କୁ ସମ୍ମାନ ତଥା ଉପହାର, ମନୋରଞ୍ଜନ, ଖେଳ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟ ଚେୟାରମ୍ୟାନ ରାଜେଶ ଅଗ୍ରୱାଲ ଆଦର୍ଶ ଶିକ୍ଷକ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅନ୍ୟ ଶିକ୍ଷକମାନେ ମଧ୍ଧ ଗୁରୁ ଦିବସ ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ହିମାଂଶୁ ଶେଖର ପତି ସମସ୍ତଙ୍କ ସହାୟତାରେ ସଭା ପରିଚାଳନ କରିଥିଲେ ।

**ବୋଡେନ,(ଡି.ଏନ.ଏ.):** ବୋଡେନ ବ୍ଲକ ବିଭିନ୍ନ ବିଦ୍ୟାଳୟରେ ଗୁରୁ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବୋଡେନ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଚମରୁ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ହରିସିଂ ମାଝି ଓ ଯୁଗ୍ମ ସମ୍ପାଦକ ଟିକେଶ୍ୱର ନାଗ ଗୁରୁ ଦିବସ ଉପରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଗୁରୁଜୀ ତ୍ରିନାଥ ନାଗ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜିଗୁରୁମାମାନେ ସହଯୋଗ କରିଥିଲେ। ସେହିପରି ବୋଡେନ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ, ବୋଡେନ ହାଇସ୍କୁଲ ଓ ପ୍ରାଥମିକ ବଦ୍ୟାଳୟରେ ମଧ୍ୟ ଛାତ୍ରୀଛାତ୍ରମାନେ ଗୁରୁଜିମାନଙ୍କୁ ପୂଜନ କରି ଗୁରୁ ଦିବସ ପାଳନ କରିଛନ୍ତି ।



"ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ସ୍ୱଚ୍ଛତା ପକ୍ଷ ସହ ଗୁରୁଦିବସ ପାଳିତ

**କଣ୍ଟାବାଞ୍ଜି, ୫।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଚଟୁଅନକା ଗାଁର ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ସହିତ ସ୍ୱଛତା ପକ୍ଷ ପାଳିତ ହୋଇଛି । ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ବିରଞ୍ଚି ନାରାୟଣ ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଗୁରୁଦିବସର ମହତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସାମାଜିକ କର୍ମୀ କବିରାଜ ପୁଟେଲ ମୁଖ୍ୟ ଅତିଥି, କୋଶଲି କବି ସମ୍ବାରୁ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଦେବକୀ ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

**ଖପ୍ରାଖୋଲ, ୭।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନି ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅବସର ଶିକ୍ଷକ ଗୌତମ ସାହାଣୀ, ସମ୍ମାନିତ ଅତିଥି ସ୍ୱେଚ୍ଛାକୃତ ଅବସର ଶିକ୍ଷକ ପବିତ୍ର ନାଏକ, ଦିବାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସେହିପରି ସର୍ବପଲ୍ଲୀଙ୍କ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଅତିଥିମାନେ ଗୁରୁ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ନମିତା ମଣ୍ଡଳ ପରିଚାଳନା କରିଥିବାବେଳେ ମନୋରମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନିକା: ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ

**ବିନିକା, ୫।୯(ଡି.ଏନ୍.ଏ.):** ବିନିକା ବ୍ଲକ ସଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜାରାମ ପଧାନ ଡଃ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗୁରୁ-ଶିଷ୍ୟ ସମ୍ପର୍କ କିପରି ସୁଦୃଢ ହୋଇ ପାରିବ ତାହା ଉପରେ କହିଥିଲେ। ପରେ ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ବ୍ୟାପକ ବୃକ୍ଷରୋପଣ କରିବାର ସଂକଳ୍ପ ନେବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରେମରାଜ ପତି, ଭରତ ସାହୁ, ପଦ୍ମନାଭ ମାହାଣା, ଖେଳଶିକ୍ଷକ ମୁରଲୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ବିନିକା ଭବିଷ୍ୟ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପରିଚାଳନା କମିଟିର ମ୍ୟାନେଜିଙ୍ଗ ଡାଇରେକ୍ଟର ସୁଧାଂଶୁ ଶେଖର ଦାଶ, ଏକାଡେମିକ ଆଡ୍‌ଭାଇଜର ଭବାନୀ ଶଙ୍କର ମେହେର ସାମ୍ପ୍ରତିକ ପରିସ୍ଥିତିରେ ଗୁରୁ ଦିବସର ଆବଶ୍ୟକତା ଉପରେ ମତ ରଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଶମା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିନିକା ବାଳିକା ଉପ୍ରା ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିମଳା ସେଠ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଡାନ୍ କାର୍ଯ୍ୟକ୍ରମର କୃତୀ ଶିକ୍ଷକ ସମ୍ବର୍ଦ୍ଧିତ

# ସଫଳ ଶିକ୍ଷକ ଭିତରେ ଛାତ୍ରର ପ୍ରତ୍ୟାଶା ରହିଥାଏ

**ବଲାଙ୍ଗୀର ଅଫିସ, ୫।୯**




ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଡାନ୍ କାର୍ଯ୍ୟକ୍ରମର କୃତୀ ଶିକ୍ଷକଙ୍କ ସହ ଅତିଥିମାନେ ।

**ରୋଟାରି କ୍ଲବ୍ ଅଫ୍ ଇଲିଟ୍ ପକ୍ଷରୁ ଗୁରୁଦିବସ ପାଳନ**

ବଲାଙ୍ଗୀର ରୋଟାରୀ କ୍ଲବ ଅଫ୍ ଇଲିଟ୍ ପକ୍ଷରୁ ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଗୁରୁବାର ଅପରାହ୍ଣରେ ଗୁରୁଦିବସ ପାଳନ କରାଯାଇଛି । କ୍ଲବ ପକ୍ଷରୁ ସରକାରୀ ସ୍କୁଲର ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଅଭିନବ ଶିକ୍ଷା କାର୍ଯ୍ୟକ୍ରମ ଉଡାନ୍‌ର କୃତୀ ଶିକ୍ଷକମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ପ୍ରଶାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପ୍ରଫେସର ମଧୁସୂଦନ ପତି, ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ, ଉଡାନ୍‌ର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ନାୟକ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ । ସରକାରୀ ସ୍କୁଲର ମେଧାବୀ ଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ କରିବା ଲକ୍ଷ୍ୟ ନେଇ ୨୦୧୬ମସିହାରୁ ରୋଟାରୀ କ୍ଲବ ଅଫ୍ ଇଲିଟ୍ ପକ୍ଷରୁ ଉଡାନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେତେକ ଅବସରପ୍ରାପ୍ତ ଓ ବୃତ୍ତିଧାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ସ୍ୱେଚ୍ଛାକୃତ ଭାବେ ପ୍ରତିବର୍ଷ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଟାଉନ୍ ଉଚ୍ଚ ବିଦ୍ୟାଳୟର ପ୍ରାୟ ୪୦ ଜଣ ଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି । ଏଠାରେ ଛାତ୍ରୀମାନଙ୍କ ପାଠପଢ଼ା ସହ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଆଜିର କାର୍ଯ୍ୟକ୍ରମରେ ବର୍ତ୍ତମାନ୍ ପାଠ ପଢୁଥିବା ଛାତ୍ରୀ ବିଜ୍ଞେଶୀ ବାରିକ, ନୁପୁର ବାରିକ ଓ ରୋସନ୍‌ରେଖା ସାହୁ ସେମାନଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ । ଉଡାନ୍ କାର୍ଯ୍ୟକ୍ରମରେ ପାଠ ପଢ଼ି ସଫଳତା ପାଇଥିବା ଛାତ୍ରୀ ସ୍ମୃତିଶ୍ରୀୟା ମିଶ୍ର, ସୋନାଲି ସାହୁ, ପ୍ରତୀକ୍ଷା କର, ଅର୍ଚ୍ଚନା ବେଜ୍ ଓ ରଶ୍ମିତା ବେହେରା ମଧ୍ୟ ସେମାନଙ୍କ ଉପଲବ୍ଧି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଉଡାନ୍‌ର ସ୍ୱେଚ୍ଛାକୃତ ଶିକ୍ଷକ ନବୀନ ନାୟକ, ଦିଗାମ୍ବର ତ୍ରିପାଠୀ, ପୀତବାସ ପଣ୍ଡା, ବୃଷକେତୁ ସାହୁ, ନରେନ୍ଦ୍ର ମିଶ୍ର, ସିନୁ ସୁନ୍ଦର ପାଢ଼ୀ, ଅଭିପ୍ସା ସାହୁ, କ୍ଷମାନିଧି ଝାଙ୍କର, ଅଶୋକ କୁମାର ଖଟୁଆ, ଯାଜ୍ଞସେନୀ ମହାପାତ୍ର, ଅଂଶୁ ସାହାଣୀ, ଶାନ୍ତା ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଗ, ବିକାଶ ରଞ୍ଜନ ସାହୁ, ସରୋଜ କୁମାର ନାୟକ, ବିଭୁଦତ୍ତ ମିଶ୍ର, ନୂତନ ନାୟକଙ୍କୁ ଅତିଥି ବିଧାୟକ ମିଶ୍ର ଉପାୟନ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଦିଗାମ୍ବର ତ୍ରିପାଠୀ, ସରୋଜ ନାୟକ ଓ ଶିକ୍ଷୟିତ୍ରୀ ନୂତନ ନାୟକ ବକ୍ତବ୍ୟ ରଖିଥିଲେ। ଅତିଥି ପ୍ରଫେସର ପତି ଶିକ୍ଷକ ଜୀବନର ମହତ୍ୱ ଓ ଉପଲବ୍ଧି ସମ୍ପର୍କରେ କହି ପ୍ରଖ୍ୟାତ୍ ଶିକ୍ଷକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଗୁରୁ ଓ ଶିକ୍ଷକ ଭିତରେ ରହିଥିବା ପାର୍ଥକ୍ୟ ଉପରେ କହିଥିଲେ। ସଫଳ ଶିକ୍ଷକ ଭିତରେ ସବୁବେଳେ ଏକ ଛାତ୍ରର ପ୍ରତ୍ୟାଶା ରହିଥାଏ ଓ ଏହି ପ୍ରତ୍ୟାଶୀ ଶିକ୍ଷକ ହିଁ ସଫଳ ଛାତ୍ର ଓ ମଣିଷ ସୃଷ୍ଟି କରିପାରେ ବୋଲି କହିଥିଲେ। ଅତିଥି ବିଧାୟକ ମିଶ୍ର ସରକାରୀ ସ୍କୁଲର ଗରିବ ମେଧାବୀ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଉଡାନ୍ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି ଗଭୀର ନିଷ୍ଠା ବଳରେ ସେମାନେ ଶିଖରକୁ ଛୁଇଁ ପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଜ୍ଞାନ ନିରୀକ୍ଷକ ପଟେଲ ଓ ଉପଦେଷ୍ଟା ନାୟକ ଗୁରୁ-ଶିଷ୍ୟର ସମ୍ପର୍କରେ ଉପରେ କହିଥିଲେ । ଶେଷରେ କ୍ଲବ୍ ସମ୍ପାଦକ ତ୍ରିପୁରାରୀ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସମସ୍ତ ସଦସ୍ୟ, ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

## ପିପଲବାହାଲରେ ନୂଆଁଖାଇ ଭେଟ୍‌ଘାଟ୍

**ଲାଠୋର, ୫।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ଗାଁ ମେହେରପଡ଼ାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହେଇଯାଇଛେ। ମେହେରପଡ଼ା ପୂଜା କମିଟିର ସଭାପତି ତୁଲାରାମ ମେହେର ଆର ସମ୍ପାଦକ ହୃଷୀକେଶ ମେହେରକଁର ଡକ୍‌ରାଥି ଇ ନୂଆଁଖାଇ ଭେଟଘାଟ ହେଇଥିଲା। ଇ କାଯ୍‌କରମରେ ମୁଖିଆ କୁନୁଆଁ ହିସାବେ ସମାଜସେବୀ ସୁଶିଲ ଅଗ୍ରୱାଲ, ସନ୍‌ମାନିତ କୁନୁଆଁ ହିସାବେ ଅବସରପ୍ରାପ୍ତ ବନ ଅଧିକାରୀ ନନ୍ଦିଘୋଷ ମେହେର ଆର ମୁଖିଆ ବକ୍‌ତା ହିସାବେ ଆଦିବାସୀ ନେତା ଅଷ୍ଟମୁ ମାଝି ଯୋଗ୍‌ଦେଇଥିଲେ। ମୁଖିଆ ବକ୍‌ତା ନୂଆଁଖାଇ ଗୁଟେ ଭାଇଚାରାର ପରବ୍ ଆର ସଭେ ନିଜର ନିଜର ଭିତରେ ଥିବାର ରାଗ୍‌ରିଷ୍‌ମିକେ ପାସ୍‌ରି ଏକ୍ ହେଲେ ନିହାତି ଗାଁର ବିକାଶ ହେବା ବଲି କହିଥିଲେ। ପଛେ ଗ୍ରାମଦେବୀକଁର ପୂଜାପାଠ୍ କରି ଗାଁବାସୀକର ଭିତରେ ମଠିଆ ଭଂଗା ପରତିଯୋଗିତା ହେଇଥିଲା। ମଚାନ୍‌ରେ ଗାଁର ୧୧ ଝନ୍ ଛାତ୍ରୀ ନାଚ୍ ପରିବେଶନ କରି ପୁରସ୍‌କାର ପାଇଥିଲେ। ଆଦର୍ଶ ମେହେରକଁର ନିରଦେଶନାରେ ହିମାଂଶୁ ମେହେର କଂସ ଭୂମିକାନେ ଅଭିନଏ କରି ଦେଖନହାରିକଁର ମନ୍‌ମୁହିଥିଲେ।

## ଶିଶୁ ସୈନିକ ବିଦ୍ୟାଳୟରେ ଗୁରୁ ଦିବସ

**ଟିକ୍ରାପଡା, ୫।୯(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡାସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମଣି ରାଜପଲିଆ ଏଥିରେ ଅଧ୍ୟକ୍ଷତା କରିଥିଲେ । ଛାତ୍ରୀ ଜ୍ୟୋସ୍ନାମୟୀ ବଗର୍ତ୍ତୀ, ପୂଜାରାଣୀ ନାଏକ ସଭା ସଂଯୋଜନା କରିଥିଲେ। ଅମ୍ରିତା ରାଜପଲିଆ, ବିନୟ ଛତର, ଅଂଶୁମାନ ରାଜପଲିଆ ଗୁରୁ ବନ୍ଦନା ଗାନ କରିଥିଲେ। ଅଶୋକ ରାଜପଲିଆ, କନିଷ୍କ ରାଜପଲିଆ, ସ୍ୱସ୍ତିକ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜା

**ବଲାଙ୍ଗୀର ଅଫିସ, ୫।୯**

ବଲାଙ୍ଗୀର ସଦର ବ୍ଲକ ସିନ୍‌ଖମନରେ ବିଧାୟକ ନରସିଂହ ମିଶ୍ର ଗୁରୁବାର ଏକ ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜା କରିଛନ୍ତି। ୧୦ଟି ଷ୍ଟଲ ବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଏ ଅଞ୍ଚଳର ଲୋକେ ବହୁ ଦିନରୁ ଦାବି ଜଣାଇ ଆସୁଥିଲେ। ସରପଞ୍ଚ ସରୋଜ ଦୋରାଙ୍କ ଉପସ୍ଥିତିରେ ବିଧାୟକ ମିଶ୍ର ମାର୍କେଟ କମ୍ପ୍ଲେକ୍ସର ଭୂମିପୂଜା କରିଥିଲେ। ଶିକାଛିଡା ପଞ୍ଚାୟତର ଭାନପୁରଠାରେ ବିଧାୟକ ମିଶ୍ର ଅସହାୟ ବୃଦ୍ଧାବୃଦ୍ଧଙ୍କ ଭତ୍ତା ଏବଂ ବାସଗୃହ ସମସ୍ୟା ଶୁଣି ଏହାର ସମାଧାନ ପ୍ରତିଶ୍ରୁତି ଦେଇଥିଲେ । ଗୁରୁ ଦିବସ ଉପଲକ୍ଷେ ବିଧାୟକ ମିଶ୍ର ଭାନପୁର ସ୍କୁଲ ପରିଦର୍ଶନ କରିଥିଲେ। ସେଠାକାର ପରିତ୍ୟକ୍ତ ସ୍କୁଲ ଗୃହ ନିର୍ମାଣ ଏବଂ ଉପସ୍ଥିତ ଶିକ୍ଷକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ସିନଖମନ ଠାରେ ଯାତ୍ରୀ ବିଶ୍ରାମ ଗୃହ ଏବଂ ଶିକାଛିଡା ପଞ୍ଚାୟତ ଗୃହରେ ଉପସ୍ଥିତ ଜନତାଙ୍କ ସମସ୍ୟା ଶୁଣିଥିଲେ।

# ଡ୍ରେନେଜ ବ୍ୟବସ୍ଥା ନାହିଁ, ରାସ୍ତାରେ ଭାସୁଛି ପାଣି

## ପହ୍ଲା ରୋଇ ପ୍ରତିବାଦ କଲେ ଯୁବଗୋଷ୍ଠୀ

**ଲୋଇସିଂହା, ୫।୯(ଡି.ଏନ.ଏ.)**



ରାସ୍ତାରେ ପହ୍ଲା ରୋଇ ଲୋକେ ପ୍ରତିବାଦ କରୁଛନ୍ତି।

ତରଭା ବ୍ଲକ କୁମୁଣ୍ଡେ ଗ୍ରାମ୍ୟ ରାସ୍ତାରେ ପାଣି ଜମି ଶୋଚନୀୟ ହୋଇପଡିଛି । ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷସାରା ଏହି ସମସ୍ୟା ଦେଖାଯାଉଛି। ବର୍ଷା ପାଣି ସାଙ୍ଗକୁ ପାଇପ ଜଳଯୋଗାଣ ପ୍ରକଳ୍ପର ଉଦ୍‌ବୃତ୍ତ ପାଣି ନିଷ୍କାସିତ ହୋଇ ନ ପାରି କଂକ୍ରିଟ ରାସ୍ତାରେ ଜମା ହୋଇ ରହୁଛି। ଦିନଦିନ ଧରି ପାଣି ଜମା ହେବାରେ ବାଲି ଓ ମାଟି ଆଣ୍ଠୁଏ ବହଳରେ ଉକ୍ତ ରାସ୍ତାରେ ରହି ଯାଇଛି। ଜଳ ନିଷ୍କାସନ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା ନ କରିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଏହାର ପ୍ରତିବାଦ କରି ଗ୍ରାମର ଯୁବକ ସଂଘ ସଦସ୍ୟମାନେ ରାସ୍ତାରେ ପହ୍ଲା ରୋଇ ପ୍ରତିବାଦ କରିଛନ୍ତି। ଘଟଣାସ୍ଥଳକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିପିଟି ଏବଂ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ଆସି ପ୍ରତିକାର ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାମତେ, ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅଧୀନ କୁମୁଣ୍ଡେ ଗ୍ରାମ ବଲାଙ୍ଗୀର ଜିଲା ସୀମାନ୍ତରେ ଅବସ୍ଥିତ । ଗ୍ରାମର ନାଗବାଚା ଗୁଡି ସମ୍ମୁଖ ତଥା ଗ୍ରାମର ମଧ୍ୟଭାଗରେ ବର୍ଷସାରା ଆଣ୍ଠୁଏ ପାଣି ଓ କାଦୁଆ ଜମି ରହୁଛି । ଫଳରେ ଗ୍ରାମବାସୀ ଓ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ରାଣୀସର୍ଡା, ଅର୍ଡା, ମେଣ୍ଡା, ବିଲେଇସର୍ଡା ଗ୍ରାମବାସୀ ଆଣ୍ଠୁଏ ପାଣିରେ ପଶି ଯାତାୟତ କରୁଛନ୍ତି। ଏହାର ପ୍ରତିବାଦରେ ଗ୍ରାମର ଦୁଃଶାସନ ମହାକୁର, ରବି ତ୍ରିପାଠୀ, ସଞ୍ଜୀବ ମହାକୁର, ଶଶି ମହାକୁର, ଟିକୁନ ମହାକୁର, ଗୋପଲ ତ୍ରିପାଠୀ, ଅରୁଣ ପଣ୍ଡାଙ୍କ ସହ ୨୦ ଜଣ ଯୁବକ ପାଣି କାଦୁଆ ହୋଇଥିବା ରାସ୍ତାରେ ପହ୍ଲା ରୋଇ ପ୍ରତିବାଦ କରିଥିଲେ ।

## ପ୍ରାଚୀନ ସଂସ୍କୃତି, ପରମ୍ପରାକୁ ବାନ୍ଧିରଖେ ନୂଆଁଖାଇ

**ଉଲୁଣ୍ଡା, ୫।୯(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ମେଘନାଦ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜୟନ୍ତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଡ.ଅନିରୁଦ୍ଧ କୁରକୁରିଆ ଯୋଗଦେଇ ପ୍ରାଚୀନ ସଂସ୍କୃତି, ପରମ୍ପରା ଏବଂ ଐତିହ୍ୟକୁ ବାନ୍ଧିରଖେ ଏହି ନୂଆଁଖାଇ ପର୍ବ ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ତ୍ରିପୁରାରୀ ମହାକୁର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ବର୍ଷା କଣ୍ଡ, ଖୁସୀ ପଧାନ, ଏଲିନା ମେହେର, ଅକାଂକ୍ଷା ମେହେର, ଅକ୍ଷୟ ମେହେର, କାଣ୍ଡା ବୁରୁଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଚୌବନ କ୍ଷେତୀ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## କୁଷ୍ଠରୋଗୀ ଚିହ୍ନଟ ତାଲିମ ଶିବିର

**ଖପ୍ରାଖୋଲ, ୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ ଗୃହଠାରେ କୁଷ୍ଠ ରୋଗୀ ଚିହ୍ନଟ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୧୦ରୁ ୨୩ ତାରିଖ ଯାଏଁ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଘରଘର ବୁଲି କୁଷ୍ଠ ରୋଗର ଲକ୍ଷଣ ଥିବା ବ୍ୟକ୍ତିଙ୍କୁ କିପରି ଚିହ୍ନଟ କରିବା ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା । କେଉଁ କେଉଁ ଲକ୍ଷଣ ଥିଲେ ତାହା କୁଷ୍ଠରୋଗ ବୋଲି ଧରାଯିବ ସେ ନେଇ ମେଡିକାଲ ଅଫିସର ଡା. ଉତ୍କଳମଣି ମେହେର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ, ହେଲ୍‌ଥ ସୁପରଭାଇଜର ନାରାୟଣ ପଧାନୀ, କୁଷ୍ଠରୋଗ ନୋଡାଲ ଅଫିସର ବିନୟ ପଣ୍ଡା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସେହିପରି ଲାଠୋର, ଧଣ୍ଡାମୁଣ୍ଡା, ଲୁହାସିଂହା ପ୍ରଭୃତି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଧ୍ୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

# ଗଣେଶ ମୂର୍ତ୍ତି ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ

**ବଲାଙ୍ଗୀର ଅଫିସ, ୫।୯**



ଗୋଷ୍ଠୀ ସଂଘର୍ଷ ପରେ ପଥର୍ଲା ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

- ଗାଁକୁ ଜଗିଛନ୍ତି ପୋଲିସ ଫୋର୍ସ, ଶାନ୍ତି କମିଟି ପାଇଁ ପ୍ରୟାସ
- ଉଭୟ ପକ୍ଷର ୧୪ ଆହତ, ୬ ଗୁରୁତର

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ପଥର୍ଲା ଗାଁରେ ବୁଧବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ଭସାଣୀ ବେଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଏଥିରେ ଉଭୟ ଗୋଷ୍ଠୀର ୧୪ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି ହୋଇଥିଲେ । ଏହାକୁ ନେଇ ଗୁରୁବାର ମଧ ଗାଁରେ ଉତ୍ତେଜନାର ବାତାବରଣ ରହିଥିଲା। ଏହାକୁ ଆଖି ଆଗରେ ରଖି ଗାଁରେ ବୁଧବାର ରାତିରୁ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ଗାଁରେ ଶାନ୍ତି କମିଟି ଗଠନ କରାଯାଇ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କରାଯାଇଥିବା ପୁଇଁତଲା ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ ସୂଚନା ଦେଇଛନ୍ତି।

ବୁଧବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ଗ୍ରାମବାସୀ ଓ ଦଳିତପଡା ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ଗାଁ ଭିତର ଦେଇ ଯିବାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ମାରପିଟ୍ ହୋଇଥିଲା । ପରସ୍ପର ଉପରେ ପଥର ମାଡ ମଧ୍ୟ ହୋଇଥିଲା । ଏଥିରେ ଉଭୟ ଗୋଷ୍ଠୀର ୧୪ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ମାରପିଟ୍‌ରେ ନବୀନ କମ୍ପ, ସରୋଜ ଡାଙ୍ଗ, ବିମ୍ବାଧର କମ୍ପ, ପଦାର୍ଥ ଚୌକିଆ, ରାମକୁମାର କର୍ମୀ ଓ ପରମେଶ୍ୱର କୁଦେଇ ଆହତ ହୋଇଛନ୍ତି । ପ୍ରତିପକ୍ଷ ଗୋଷ୍ଠୀର ପିଛାଲୁ ବାରିକ, ସବିତା ଦୀପ, ନମିତା ବାରିକ, ବିନୋଦ ବାରିକ ଆହତ ହୋଇଛନ୍ତି । ଏମାନେ ଡାକ୍ତରଖାନାକୁ ଆସି ଚିକିତ୍ସିତ ହୋଇଛନ୍ତି । ତେବେ ଗୁରୁତର ୨ ଜଣ ଏବେ ଡାକ୍ତରଖାନାରେ ରହିଥିବା ଜଣାପଡିଛି । ଗାଁରେ ଏବେବି ଭୟର ବାତାବରଣ ରହିଥିବା ଜଣାପଡିଛି ।

ମୁଖ୍ୟମନ୍ତ୍ରୀ ଦେଲେ ନିରଦେଶ

# ଉପ୍‌କାର ପାଏଲେ ୪ ଅସାହା ଲୋକ୍

**ଲାଠୋର, ୫।୯ (ଡି.ଏନ୍.ଏ)**

ଧରିତ୍ରୀ ପ୍ରଭାବ



ଖପ୍ରାଖୋଲ ବିଡିଓ ତରଣୀ ସୁନା ପୁଷ୍ପାଞ୍ଜଳିକୁଁ ସାହାଯ୍ ଟଁକା ଦେଉଛନ୍।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲାପାଲକୁଁ ଟୁଇଟର ଜରିଆରେ ୪ ଝନ୍ ଅସାହା ଲୁକ୍‌କୁ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାକେ ନିରଦେଶ ଦେଇଥିବାର ଜନାଯାଇଛେ। ମୁଖ୍ୟମନ୍ତ୍ରୀକଁର ନିରଦେଶ ଅନ୍‌ସାରେ ବଲାଙ୍ଗୀର ଜିଲାପାଲ ଇ ୪ ଝନ୍ ଅସାହା ଲୁକ୍‌କୁ ସାହାଯ୍ ଯୁଗେଇ ଦେଇଥିବାର ଜନାଯାଇଛେ।

ସୂଚନା ଅନ୍‌ସାରେ ଗଲା ୧୮।୮।୨୦୧୯ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'କୁଲି ମଜୁରି କରି କୁଟୁମ୍ ପୁଷୁଛେ ପୁଓ', ତା.୨୬।୮।୨୦୧୯ରେ 'ପଲିଥିନ୍ ତଲେ ମୁଡ଼ ଗୁଁଜିଛନ୍ ୭ ପରାନୀ କୁଟୁମ୍', ତା.୨୭।୮।୨୦୧୯ରେ 'ବିପଦ୍ ମୁଡ଼େଇ ଦଦ୍‌ରା ଘରେ ରହୁଛନ୍ ଅସାହା ଦମ୍ପତି', ତା.୩୦।୮।୨୦୧୯ରେ 'ଚିକିଛା ସାହାଯ୍ ଲାଗି ମା'ବାପ୍‌ର ଆକୁଲ ନିବେଦନ' ଶୀରଷକ୍‌ରେ ଖବର ବାହାରିଥିଲା। ଇ ଖବରମାନ ବାହାରଲା ଉତାରୁ ବରଗଡ଼ ଜିଲା ପାଇକମାଲ ବ୍ଲକ ଅଧୀନ ଟେମରି ଗାଁର ସାମାଜିକ କରମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲାଙ୍ଗୀର ଜିଲାପାଲକୁଁ ଟୁଇଟ୍ କରି ସାହାଯ୍ ଯୁଗେଇ ଦେବାକେ ଅନୁରୋଧ କରିଥିଲେ। ତାକର ଅନୁରୋଧକେ ମୁଖ୍ୟମନ୍ତ୍ରୀ ଗୁରୁତ୍ ଦେଇଥିଲେ। ଭିନେ ଭିନେ ସମସିଆରେ ପୀଡ଼ିତଥିବାର ୪ ଝନ୍‌କୁ ଯେତେ ଜଲଦି ହେବା ସାହାଯ୍ ଯୁଗେଇ ଦେବାକେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲାପାଲକୁଁ ନିରଦେଶ ଦେଇଥିଲେ। ବଲାଙ୍ଗୀର ଜିଲାପାଲକଁର ନିରଦେଶ ଅନ୍‌ସାରେ ତୁରେକେଲା ବିଡିଓ ପ୍ରଭାତ କୁମାର ସାହୁ ହଲନଭଟା ପଁଚେତ୍ ଅଧୀନ ଖଲି ଗାଁର ଅସାହା ସୁବନ ତାଣ୍ଡିକୁଁ ବିଜୁ ପକ୍କାଘର ଯୁଗେଇ ଦେବାକେ ମଂଜୁର କରିଛନ୍। ସେନ୍‌ତା ଖପ୍ରାଖୋଲ ବିଡିଓ ତରଣୀ ସୁନା ଲାଠୋର ପଁଚେତ୍ ସଦର ଗାଁର ଗୁଦାମପଡ଼ାର ଭଗବାନ ଛତ୍ରିଆକୁଁ ବିଜୁ ପକ୍କାଘର ଯୁଗେଇ ଦେବାକେ ମଂଜୁର କରିଛନ୍। ରୋଗ୍‌ରେ ପୀଡ଼ିତ ମେହେରପଡ଼ାର ପୁଷ୍ପାଞ୍ଜଳି ମେହେର ଆର ପିପଲବାହାଲ ଗାଁର ଜୟ ମେହେରକୁଁ ପଁଚେତ୍ ପାଁଠିରୁ ୫ ହଜାର ଟଁକା ଲେଖେଁ ସାହାଯ୍ ଯୁଗେଇ ଦେଇଛନ୍। ସେନ୍‌ତା ସରକାରୀ ନିୟମ ହିସାବେ ଦୁଇ ରୁଗୀକୁଁ ଉଚ ଚିକିଛା ଲାଗି ବଡ଼ ଡାକ୍‌ତରଖାନା ପଠାଯିବା ବଲି ସେ କଥା ଦେଇଥିବାର ଜନାଯାଇଛେ। ଇ ମହତ୍ କାଯ୍ ଲାଗି ୪ ପୀଡ଼ିତ ପରିବାରର ଲୋକ୍, ଅଂଚଲବାସୀ ମୁଖ୍ୟମନ୍ତ୍ରୀ, ବଲାଙ୍ଗୀର ଜିଲାପାଲ, ସାମାଜିକ କରମୀ ଦୀପା ବାରିକ ଆର ଧରିତ୍ରୀ ଖବର କାଗଜକେ ଧଏନ୍‌ବାଦ ଜନେଇଛନ୍।



ପିତା ଯଦି ଚରିତ୍ରବାନ୍ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ।
- ମାକ୍‌ଲିଓଡ଼୍



**ସଂକ୍ଷେପରେ**

## କର୍ମଚାରୀଙ୍କ ଅବହେଳା, ଶିଶୁ କନ୍ୟାର ମୃତ୍ୟୁ ଅଭିଯୋଗ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କ ଅବହେଳା ଯୋଗୁ ୪ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହେବା ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ଡୁମେରମୁଣ୍ଡା ପଞ୍ଚାୟତ ମୁଖିଗୁଡା ଗାଁର ନିରାଜ ପୂଝାରୀଙ୍କ ୪ ବର୍ଷର ଶିଶୁ କନ୍ୟା ସନ୍ଧ୍ୟା ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ସ୍ଥାନାନ୍ତରିତ କରାଯାଇଥିଲା। ଶିଶୁକନ୍ୟାର ବାପା ନିରାଜ ପୂଝାରୀ ଏବଂ ତାଙ୍କ ସମ୍ପର୍କୀୟ ରାଜ କୁମାର ହଂସ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅଙ୍କୁ ଦାୟୀତ୍ୱରେ ଥିବା ଡାକ୍ତର ଓ କାର୍ଯ୍ୟରତ କର୍ମଚାରୀଙ୍କ ଚିକିତ୍ସା ଅବହେଳା ଯୋଗୁ ଠିକ ଭାବେ ଓ ଉପଯୁକ୍ତ ସମୟରେ ଚିକିତ୍ସା କରା ନ ଯିବବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗୁଲାଲ ଅଗ୍ରୱାଲ କହିଛନ୍ତି ଯେ, ସନ୍ଧ୍ୟା ପୂଝାରୀଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଧର୍ମଗଡରୁ ଅଣାଯାଇ ଏଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ମଧ ଉକ୍ତ ଶିଶୁ ଗୁରୁବାର ଅପରାହ୍ନ ୩ଟା ସମୟରେ ମୃତ୍ୟୁ ହୋଇଯାଇଥିଲା।

■ ଶ୍ରମ ଆଇନ ସଂଶୋଧନ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣର ପ୍ରତିବାଦ

# ଏଆଇୟୁଟିୟୁସି ପକ୍ଷରୁ ପ୍ରତିବାଦ ଦିବସ

**ରାଉରକେଲା ଅଫିସ, ୫।୯**

ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ତଥା ଶ୍ରମ ଆଇନ ସଂଶୋଧନର ପ୍ରତିବାଦରେ ଏଆଇୟୁଟିୟୁସି ଡାକରାରେ ଗୁରୁବାର ୫ ସେପ୍ଟେମ୍ବରକୁ 'ସାରା ଭାରତ ପ୍ରତିବାଦ ଦିବସ' ଭାବେ ପାଳନ କରାଯାଉଛି। ଏହି କ୍ରମରେ ବିଶ୍ରା ଛକ ଠାରେ ରାଉରକେଲା ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ନିତୀ ଆୟୋଗ ମାଧମରେ ବିଦେଶୀ ପୁଞ୍ଜିପତିଙ୍କ ସ୍ୱାର୍ଥରେ ୪୪ଟି ଶ୍ରମଆଇନକୁ ସଂଶୋଧନ କରି ୪ଟି ୱେଜକୋର୍ଡରେ ପରିବର୍ତ୍ତନ କରିବା, ସେଲ ସମେତ ବ୍ୟାଙ୍କ, ରେଲୱେ, ବିଦ୍ୟୁତ, ବିଏସ୍‌ଏନ୍‌ଏଲ୍, ଓଏନ୍‌ଜିସି, ବିମାନ, ବୀମା, ହାଲ, ପ୍ରତିରକ୍ଷା ଆଦିର ଘରୋଇକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାସହ ଏଠାରେ କାର୍ଯ୍ୟ କରୁଥିବା ସ୍ଥାୟୀ ଶ୍ରମିକଙ୍କ ସ୍ଥାନରେ ଠିକା ଶ୍ରମିକ ପ୍ରଚଳନ, ଠିକା ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରୀ ୧୮ହଜାର ଟଙ୍କା ନ ଦେବା ପ୍ରତିବାଦରେ ବିଏମ୍‌ଏସ୍ ବ୍ୟତୀତ ଏଆଇୟୁଟିୟୁସି ସମେତ ୟୁଟିୟୁସି ଜିଲା ସମ୍ପାଦକ ଅଜିତ ନାୟକ ଶ୍ରମଆଇନ କୁ ସଂଶୋଧନ କରି ଲେବର କୋର୍ଡ କରିବା



ବିଶ୍ରା ଛକ ଠାରେ ଏଆଇୟୁଟିୟୁସି ପକ୍ଷରୁ ପ୍ରତିବାଦ ଆନ୍ଦୋଳନ।

ଫଳରେ ମାଲିକ ମାନେ ବିନା ବିଚାରରେ ଶ୍ରମିକ ଛଟେଇ ଏବଂ ଶ୍ରମିକ ମାନଙ୍କୁ କ୍ଷତିପୂରଣ ନ ଦେଇ କାରଖାନାରେ ତାଲାବନ୍ଦ ଘୋଷଣା କରିପାରିବେ ବୋଲି କହିଥିଲେ। ଏହାସହ ଶ୍ରମିକ ମାନେ ୮ଘଣ୍ଟା ଶ୍ରମ ଦିବସର ଅଧିକାର ପାଇବା, କାମ କରିବାର ମୌଳିକ ଅଧିକାର ହରାଇବା, ମାଲିକ ନିୟମ ଭଙ୍ଗ କଲେ ଶ୍ରମିକମାନେ ସହଜରେ ଆଇନର ଆଶ୍ରୟ ନେଇପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏପରିକି ଯେଉଁ ଦୋରେ ଦିନ ବେଳା ନାରୀ ସୁରକ୍ଷିତ ନୁହେଁ ସେହି ଦେଶର ମହିଳା ରାତିରେ କିପରି କାର୍ଯ୍ୟ କରିବେ ବୋଲି ୟୁନିୟନର ସମ୍ପାଦକ ଅଜୟ ମହାନ୍ତି ଓ ବି.ଏନ୍ ତ୍ରିପାଠୀ କ୍ଷୋଭପ୍ରକାଶ କରିଥିଲେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଗରୋଇକରଣ ଏବଂ ବ୍ୟାଙ୍କ ମିଶ୍ରଣ ଫଳରେ ବ୍ୟାପକ ଶ୍ରମିକ ଛଟେଇ ହେବାସହ ବେକାରୀ ସମସ୍ୟା ଆହୁରି ଗୁରୁତର ହେବ । ନିଯୁକ୍ତ ସୃଷ୍ଟି କରି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଶ୍ରମ ଆଇନ ପରିବର୍ତ୍ତନ ଏବଂ ଫିକ୍ସଡ ଟର୍ମ ସର୍ଭିସ ଲାଗୁ କରି ସରକାର ଏହି ସଙ୍କଟକୁ ଆହୁରି ତୀବ୍ର କରିବାକୁ ଚେଷ୍ଟା କରୁଛନ୍ତି । ଏହି ଶ୍ରମିକ ମାରଣ ନିତୀ ବିରୋଦରେ ସମଗ୍ର ଭାରତବର୍ଷରେ ବିଭିନ୍ନ ସଙ୍ଗଠନ ମିଳିତ ହୋଇ ଏକ ଶକ୍ତିଶାଳୀ ଗଣ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିବାଦ ସଭାରେ ଧୋବେଇ ବେହେରା, ବିଜୟ ସାହୁ, ଲେଲିନ ଟେଟେ, କିନୁ ଲୋହାର, ଗୁରୁମୋହନ ସିଂ, ବିରେନ ନାୟକ, ସୁବାଷ ଦଣ୍ଡପାଟ, ଗଣେଷ ବେହେରା, ସୂର୍ଯ୍ୟନାରାୟଣ ପଣ୍ଡା, ବିଧର ପ୍ରଧାନ, ହରିଶ ନାୟକ, ଜନସନ ଲାମଗା, ପ୍ରଭାତ ମହାପାତ୍ର, କ୍ଷେତ୍ରବାସୀ ସେଠୀ ପ୍ରମୁଖଙ୍କ ସମେତ ବହୁସଂଖ୍ୟାରେ ଶ୍ରମିକ ମାନେ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ପରିଷଦ ପକ୍ଷରୁ ନୂଆଖାଇ ଭେଟଘାଟ

**ରାଉରକେଲା ଅଫିସ, ୫।୯**

ରାଉରକେଲା ପୂଜ୍ୟପୂଜା ପରିଷଦ ପକ୍ଷରୁ ସାରନଗରୀ ସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ନୂଆଖାଇ ଭେଟଘାଟ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଡା.ରାହାସ ବିହାରି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ସୈନିକ ସଂଘର ସଭାପତି ଅକ୍ଷୟ ସାମଲ, ଡା.ବିଷ୍ଣୁପ୍ରିୟା ସାହୁ, ପ୍ର.ମଞ୍ଜୁ ଶର୍ମା, ସାହିତ୍ୟିକ ବିଚିତ୍ରନନ୍ଦ ଦାସ, ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଦିଲୀପ ନାୟକ, ସମ୍ମାନିତ ଅତିଥି ଓ ବକ୍ତା ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନୂଆଖାଇ ପର୍ବର ପରମ୍ପରା, ଐତିହ୍ୟ ସମ୍ପର୍କରେ ବଖାଣି ଥିଲେ। ନୂଆଖାଇ ଏକ କୃଷି ଭିତ୍ତିକ ପର୍ବ। ଏହା ଦ୍ୱାରା ପାରିବାରିକ ସମ୍ପର୍କ, ଭାଇଚାରା, ପରସ୍ପରକୁ ଭଲପାଇବା, ସାମୂହିକ ନବାନ୍ନ ଭକ୍ଷଣ, ଗୁରୁଜନଙ୍କ ଠାରୁ ଆଶୀର୍ବାଦ ନେବା ଇତ୍ୟାଦି ସହ ସଂସ୍କୃତି ଓ ସ୍ୱାଭିମାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ସାହିତ୍ୟ ସଂସ୍କୃତି ପରିଷଦ, ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ, ଗାୟତ୍ରୀ ପରିବାର, ଅନ୍ୱେଷର ସୃଜନୀ ସାହିତ୍ୟ ସଂସଦ ଓ କଳିକା ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ସମଲେଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅରୁଣ ପରିଡ଼ା କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିବା ବେଳେ ସାଧାରଣ ସମ୍ପାଦକ ସନାତନ ସାହୁ, ଅତିଥି ପରିଚୟ ପ୍ରଦାନ କରିଥିଲେ। ହରପ୍ରିୟା ପରିଡ଼ା ଧନ୍ୟବାଦ ଦେଇଥିଲେ।


ପୂଜ୍ୟପୂଜା ପରିଷଦ ପକ୍ଷରୁ ଅନୁଷ୍ଠିତ ନୂଆଖାଇ ଭେଟଘାଟରେ ଉପସ୍ଥିତ ଅତିଥିଙ୍କ ସହ କର୍ମକର୍ତ୍ତା।

# ୪୫ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ, ଆଜି ଖୋଲିବ କୋର୍ଟ

**ରାଉରକେଲା ଅଫିସ,୫। ୯**

ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ପରେ ଏସଡିଜେଏମଙ୍କ ବଦଳି ନେଇ ଦୀର୍ଘ ୪୫ ଦିନ ହେବ ରାଉରକେଲା ଓକିଲ ସଂଘ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ଘୋଷଣା କରାଯାଇଛି। ଶୁକ୍ରବାର ଏସଡିଜେଏମଙ୍କ କୋର୍ଟ ଛାଡି ବାକି ଅଦାଲତରେ ଆଇନଜୀବୀ ଯୋଗ ଦେବାକୁ ନିସ୍ପତି ନେଇଥିବା ସୂଚନା ପ୍ରଦାନ କରାଯାଇଛି। ଓଡିଶା ହାଇକୋର୍ଟ ରେଜିଷ୍ଟ୍ରାର(ଭିଜିଲାନ୍ସ) ଲଳିତ ଦାସ ଗୁରୁବାର ଓକିଲ ସଂଘ କାର୍ଯ୍ୟାଳୟରେ ପହଞ୍ଚି ହାଇକୋର୍ଟ ବାର୍ତ୍ତା ପ୍ରଦାନ କରିବା ସହ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏସଡିଜେଏମଙ୍କ ବିରୁଦ୍ଧରେ ଆଗତ ଅଭିଯୋଗ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବା ବେଳେ ହାଇକୋର୍ଟଙ୍କ ପରାମର୍ଶ କ୍ରମେ ଏହାର ଠିକ୍ ତଦନ୍ତ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ ଗତ ବିଶ୍ୱକପ ସମୟରେ ବେଟିଂ ଅଭିଯୋଗରେ ଧରା ପଡିଥିବା ନାଗରମଲ ଅଗ୍ରୱାଲଙ୍କୁ


ସାଧାରଣ ପରିଷଦ ବୈଠକରେ ଉପସ୍ଥିତ ଓକିଲ।

ଏସଡିଜେଏମ ଅନୁକମ୍ପା ଦେଖାଇ ଜାମିନ ପ୍ରଦାନ କରିଥିବା ସଂଘ ଅଭିଯୋଗ କରିଥିଲା। ଏଭଳି ଆଇନ ବିରୁଦ୍ଧ ନିର୍ଦ୍ଦେଶକୁ ସଂଘ ଦୃଢ ବିରୋଧ କରି ଏସଡିଜେଏମଙ୍କ କୋର୍ଟ ବର୍ଜନ କରିଥିଲା। ଗତ ୨୭/୨୦୧୯ରେ ଏସଡିଜେଏମ ଅଦାଲତ ଦେଇଥିବା ଆଦେଶ ଆଇନ ବ୍ୟବସ୍ଥାର ପରିପନ୍ଥୀ ବୋଲି ସେତେବେଳେ ସଂଘ କର୍ମକର୍ତ୍ତା ଯୁକ୍ତି ବାଢିଥିଲେ। ଏନେଇ ହାଇକୋର୍ଟ ସମେତ ଅନ୍ୟ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇ ଥିଲା। ଏଭଳି ଆଦେଶ ସାଧାରଣ ଲୋକଙ୍କ ମନରେ ନକାରାତ୍ମକ ମନୋଭାବ ସୃଷ୍ଟି କରିବ ଓ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ତୁଟିଯିବ ବୋଲି ସଂଘ କହିଥିଲା। ଏହା ସତ୍ତ୍ୱେ ସରକାର ନିରବ ରହିଥିଲେ। ଫଳରେ ଓକିଲ ସଂଘ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲା। ଯାହା ୪୫ ଦିନ ଅତିକ୍ରମ କରିଛି। ଗତ ୨୨/୭/୨୦୧୯ରୁ ଆରମ୍ଭ ଆନ୍ଦୋଳନ ଗୁରୁବାର ଶେଷ ହେଲା ବୋଲି ସଂଘ କହିଛି। ଏନେଇ ସଂଘ ସାଧାରଣ ପରିଷଦ ବୈଠକରେ ନିସ୍ପତ୍ତି ନିଆଯାଇଛି।

# ଗୁରୁଦିବସ ପାଳନ ଓ ଶିକ୍ଷକ ସମାବେଶ

**ରାଉରକେଲା ଅଫିସ, ୫।୯**

ଗାଙ୍ଗପୁର ମଜଦୁର ମଞ୍ଚର ସେକ୍ଟର-୮ ଇ/୧୩ କାର୍ଯ୍ୟାଳୟରେ ଗୁରବେ ନମଃ ଅନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସୁଧିର ନାଥଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ.ପ୍ରଭାତ ମଲ୍ଲିକ, ବକ୍ତା ଭାବେ କୁଞ୍ଜବିହାରି ରାଉତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ଯଦୁନାଥ ଦାସ, ଶରତ ସାହୁ, ରୋହିତ ଯୋଶେଫ ତିର୍କୀ, ଗୋପାଳ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫକୀର ପତି ଓ ସାଥିଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଗୁରୁବନ୍ଦନା ପରିବେଷଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକମାନଙ୍କ ପାଇଁ ଏକ ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇଥିବା ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମାଜସେବୀ ରାମାନନ୍ଦ ଶ୍ରୀଚନ୍ଦନ ସମାବେଶ ପରିଚାଳନା କରିଥିଲେ। ଅତିଥିବୃନ୍ଦ ଗୁରୁଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଜ୍ଞାନେନ୍ଦ୍ର ଦାସ, ରାମପୁକାର ସିଂ, ସୁନୀଲ ପଟ୍ଟନାୟକ, ଜ୍ୟୋତି ଡୁଙ୍ଗଡୁଙ୍ଗ, ନିରୁପମା ବଳିୟାର ସିଂ, ଲକ୍ଷ୍ମିପ୍ରିୟା ରାଉତ, ଅନୁପ ସାହୁ, ବିଶ୍ୱରଞ୍ଜନ ରାଉତ, ସନ୍ତୋଷ ବିଶ୍ୱାଳ, ଦୀପୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୈଳାସ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ଗୁରବେ ନମଃ ଅନୁଷ୍ଠାନ ପକ୍ଷରୁ ଗୁରୁଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ସୃଜନଶୀଳତା ଓ ସଂସ୍କୃତିର ପରିବର୍ତ୍ତନ ଆବଶ୍ୟକ

■ ଉଦ୍ୟମ ଅଧିବେଶନରେ ଆର୍‌ଏସ୍‌ପି ସିଇଓଙ୍କ ମତ

**ରାଉରକେଲା ଅଫିସ, ୫।୯**

ସେପ୍ଟେମ୍ବର ୩ତାରିଖରେ ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ମାନବ ସମ୍ବଳ ବିଭାଗ 'ଉଦ୍ୟମ'ର ତୃତୀୟ ଅଧିବେସନରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ କାରଖାନାରେ ଥିବା ସମସ୍ୟା ଗୁଡ଼ିକର ମୂଳ କାରଣକୁ ଚିହ୍ନଟ କରି ତାହାକୁ ସମୁଳେ ନାଶ କରିବାକୁ ହେବ ବୋଲି ଉଦବୋଧନ ଦେଇଥିଲେ। ଏହାସହ ଆମକୁ କାର୍ଯ୍ୟରେ ସୃଜନଶୀଳତା ଓ ସଂସ୍କୃତିର ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାରଖାନାରେ ହେଉଥିବା ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଭାବ ବିନିମୟ କରିବା 'ଉଦ୍ୟମ'ର ଏକ ପ୍ରୟାସ ଅଟେ। ଏହି ଅଧିବେସନର ଶୀର୍ଷକ ଥିଲା 'ବ୍ୟୟ,ଲାଭାର୍ଜନ ଓ ନଗଦ ରାଶି'। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହି ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ଓ ସମାଗ୍ରୀ ପରିବହନ ବିଭାଗର ନିର୍ଦ୍ଦେଶକ ଡି.କେ.ମହାପାତ୍ର ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଚଟ୍ଟରାଜ ଆର୍ଥିକ ମାନ୍ଦାବସ୍ଥା କାରଣର ଉପୁଜିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଉତ୍ପାଦନ ଖର୍ଚ୍ଚ ହ୍ରାସ ନିମନ୍ତେ ଥିବା ସୁଯୋଗ ଗୁଡ଼ିକ ଉପରେ ଆଲୋଚନା କରିଥିଲେ। କର୍ମଚାରୀ ମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସ୍ୱଷ୍ଟତା ଓ ନିପୁଣ ନିଷ୍ପତ୍ତି ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ପରିବେଶ ସୁରକ୍ଷା, ବିଦ୍ୟୁତ ଉପଯୋଗ ଓ ବିତରଣ, ଶକ୍ତି ଓ ଜଳ ପ୍ରବନ୍ଧନ, ଅପଚୟ ଏଡ଼ାଇବା, ରକ୍ଷଣାବେକ୍ଷଣ ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିବା ସହ ଏହା କାରଖାନାର ପ୍ରଦର୍ଶନକୁ କିଭଳି ପ୍ରଭାବିତ କରୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅଧିବେସନରେ ସିଇଓ ପ୍ରତ୍ୟେକ ବିଭାଗର କଷ୍ଟ ଲିଡର ମାନଙ୍କ ସହିତ ସମ୍ପୃକ୍ତ ବିଭାଗର ଉପଲବ୍ଧି ଏବଂ ସମ୍ଭାବନା ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ଅଧିବେସନରେ ପୂର୍ବାଞ୍ଚଳ ଜୋନ ଦ୍ୱାରା ଆୟୋଜିତ ୧୯ତମ ଜାତୀୟ ସୁପରଭାଇଜରୀ ସ୍କିଲ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଲାଭ କରିଥିବା ଆର୍‌ଏସ୍‌ପି ନୂତନ ପ୍ଲେଟ ମିଲ ବିଭାଗର ୩ଜଣିଆ କର୍ମଚାରୀଙ୍କୁ ସିଇଓ ଚଟ୍ଟରାଜ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଆର୍‌ଏସ୍‌ପି ଦ୍ୱାରା ଲାଭ ହୋଇଥିବା ସୁରକ୍ଷା ଓ ସ୍ୱାସ୍ଥ୍ୟ ଷ୍ଟାଣ୍ଡାର୍ଡ ଆଇଏସଓ ୪୫୦୦୧/୨୦୧୮ ପ୍ରମାଣପତ୍ର ସିଇଓ ଉନ୍ମୋଚନ କରିଥିଲେ।

# ତର୍କରା ହନୁମାନ ବାଟିକା ରାସ୍ତା ଆଲୋକୀକରଣ ଦାବି

**ରାଉରକେଲାଅଫିସ, ୫।୯**

ଲାଠିକଟା ସମେତ ସମଗ୍ର ଦକ୍ଷିଣ ରାଉରକେଲାବାସୀଙ୍କ ରାଉରକେଲା ଯାତାୟତ ରାସ୍ତା ହେକେଟ ରୋଡ ସାରନା ଛକ ବନ୍ଦ ହେବାକୁ ଯାଉଛି। ଏହାର ବିକଳ୍ପ ଭାବେ ତର୍କରା ହନୁମାନ ବାଟିକା ରାସ୍ତା ଖୋଲାଯାଇଛି। ଏଠାରେ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିଛି ଲୋକ ଏହି ରାସ୍ତା ଦେଇ ଯାତାୟତ ବି ଆରମ୍ଭ କଲେଣି। ତେବେ ଏହି ସଙ୍କୁଚିତ ରାସ୍ତା ଦେଇ ଲୋକେ କିପରି ସୁବିଧାରେ ଯାତାୟତ କରିବେ ସେନେଇ ଚିନ୍ତାରେ ପଡିଛନ୍ତି। କେବଳ ଏତିକି ନୁହେଁ, ବିପଦପୂର୍ଣ୍ଣ ନାଳ ପାଖ ଦେଇ ଯାଇଥିବା ରାସ୍ତା ପାର୍ଶ୍ୱରେ ଗାର୍ଡ ୱାଲ ପରିବର୍ତ୍ତେ ସିମେଣ୍ଟ ଖୁଣ୍ଟ ପୋତା ଯାଇଛି। ଯାହା ଦୁର୍ଘଟଣା ରୋକିବାରେ ସମର୍ଥ ହେବା ନାହିଁ ବୋଲି କୁହାଯାଉଛି। ୧୪୩ନଂ ଜାତୀୟ ରାଜପଥ ତର୍କରା କଲୋନୀକୁ ସଂଯୋଗ କରୁଥିବା ଏହି ରାସ୍ତା ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଦୌ ଅନୁକୂଳ ନୁହେଁ ବୋଲି ଦକ୍ଷିଣ ରାଉରକେଲା ବସ୍ତି ସୁରକ୍ଷା ଜନମଞ୍ଚ ପକ୍ଷରୁ ସାଧାରଣ ସମ୍ପାଦକ ରମେଶ ସାହୁ ଏକ ବିବୃତିରେ ଅଭିଯୋଗ କରିଛନ୍ତି।


ନୂତନ ଭାବେ ନିର୍ମାଣ କରାଯାଇଥିବା ତର୍କର ହନୁମାନ ଭାଟିକା ନୂଆ ରାସ୍ତା।

■ ବନ୍ଦ ହେବ ହେକେଟ ରୋଡ ସାରନା ଛକ ରାସ୍ତା

■ ତର୍କରା ହନୁମାନ ବାଟିକା ବିକଳ୍ପ

ସେ କହିଛନ୍ତିମ୍, ଆରଏସପି କର୍ତ୍ତୃପକ୍ଷ ଏହି ରାସ୍ତାରେ ରହିଥିବା ଦୁଇଟି ସଂକୁଚିତ ପୋଲର ସମ୍ପ୍ରସାରଣ କରିନାହାଁନ୍ତି। ଏହା ଉପରେ ଦେଇ ଗୋଟିଏ ଅଟୋ ଆସିଲେ ଅନ୍ୟଟିକୁ ଅପେକ୍ଷା କରିବାକୁ ପଡୁଛି। ନାଳ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ବିଦ୍ୟାଳୟଗାମୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆଦୌ ନିରାପଦ ନୁହେଁ। ଯଦି ନାଳ ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରାଯାଇଥାନ୍ତା ତା'ହେଲେ କାହାର କିଛି କହିବାର ନ ଥିଲା। କେବଳ ଏତିକି ନୁହେଁ, ଏହି ରାସ୍ତାର ଆଲୋକୀକରଣ କରିବା ନିହାତି ଆବଶ୍ୟକ। ଅନ୍ୟଥା ରାତ୍ରି ସମୟରେ ପଥଚାରୀଙ୍କ ମନରେ ଭୟ ସୃଷ୍ଟି ହେବ। କେବଳ ପିଚୁ ରାସ୍ତା ନିର୍ମାଣ କରି ବସିଗଲେ ଚଳିବନି। ଲକ୍ଷାଧିକ ଲୋକଙ୍କ ଯାତାୟତ ସୁବିଧା ପ୍ରତି ଦୃଷ୍ଟି ଦେବା ଆରଏସପି କର୍ତ୍ତୃପକ୍ଷଙ୍କ ମୌଳିକ କର୍ତ୍ତବ୍ୟ। ଏଥିପ୍ରତି ଆଦୌ ଧ୍ୟାନ ଦିଆଯାଇନି। ହେକେଟ ରୋଡ ସାରନା ଛକ ରାସ୍ତା ବନ୍ଦ ପୂର୍ବରୁ ଦକ୍ଷିଣ ରାଉରକେଲା ଓ ଲାଠିକଟାବାସୀଙ୍କ ସୁବିଧା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ଉପରୋକ୍ତ ଅଞ୍ଚଳର ଶହସ୍ରାଧିକ ଛାତ୍ରୀଛାତ୍ର, ବ୍ୟବସାୟୀ, ଚାକିରିଆ, ଖବର କାଗଜ ବିକ୍ରକେତା, ରୋଗୀଙ୍କ ଭଳି ବିଭିନ୍ନ ବର୍ଗର ଲୋକେ ମୁଖ୍ୟ ସହର ରାଉରକେଲା ଉପରେ ନିର୍ଭର କରନ୍ତି। ସାରନା ଛକ ହେକେଟ ରୋଡ ବନ୍ଦ ହେଲେ ଏମାନେ ନାନା ସମସ୍ୟ ଭୋଗ କରିବେ। ଯାତାୟତ ଖର୍ଚ୍ଚ ବଢିବା ସାଙ୍ଗକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଦିଗୁଣ ସମୟ ଲାଗିବ। କେବଳ ଏତିକି ନୁହେଁ କର୍ତ୍ତୃପକ୍ଷ ଯେଉଁ ରାସ୍ତାକୁ ବିକଳ୍ପ ଭାବେ ବ୍ୟବହାର କରିବାକୁ ସୁବିଧା କରିଛନ୍ତି ତାହା ସୁରକ୍ଷା ଦୃଷ୍ଟିରୁ ମଧ ଗ୍ରହଣୀୟ ନୁହେଁ। ଏଣୁ ଏ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବା ସହ ରାସ୍ତା ଆଲୋକୀକରଣ କରିବାକୁ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ସାହୁ ଦାବି କରିଛନ୍ତି।



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।

- ହୋରେସ୍



## ସଂକ୍ଷେପରେ

### କ୍ଷତିପୂରଣ ପରେ ମର୍ଗରୁ ଉଠିଲା ମୃତଦେହ

ରାଉରକେଲା ଅଫିସ,୫ ।୯-ରଘୁନାଥପାଲ୍ଲୀ ଥାନା ଅନ୍ତର୍ଗତ ବାଲୁଘାଟ ରୂପଟୋଲା ଅଞ୍ଚଳରେ ବୁଧବାର ଅପରାହ୍ନରେ ଘଟିଥିବା ଦୁର୍ଘଟଣାରେ ମୃତ ଶ୍ରମିକଙ୍କୁ କ୍ଷତିପୂରଣ ମିଳିବା ପରେ ଗୁରୁବାର ରାଉରକେଲା ସରକାରୀ ହସ୍ପିଟାଲ ମର୍ଗ ହାଉସରୁ ମୃତଦେହ ଉଠିଛି। ବ୍ୟବଚ୍ଛେଦ ପରେ ସଂସ୍କାର କରାଯାଇଥିବା ଜଣାଯାଇଛି। ସୂଚନାନୁସାରେ ଏକ ଘରୋଇ କମ୍ପାନୀ ଭାରିଯାନ(ହାଇୱା)ରେ କାମ କରୁଥିବା ଲାଲଟାଙ୍କି ଅଞ୍ଚଳର ଶ୍ରମିକ ଶୀତ ବରୁଆ(୪୦) ତଳକୁ ଖସି ପଡ଼ିଥିଲେ। ଗାଡି ପଛ ଚକା ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହ ଗ୍ରହଣ କରି ନ ଥିଲେ। ଗୁରୁବାର କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ କରିବା ପରେ ଘଟଣା ସମାଧାନ ହୋଇଛି।

### ସାପ କାମୁଡ଼ାରେ ଚାଲିଗଲା ଦୁଇଟି ଜୀବନ

**ତୁଣ୍ଡଲା,୫।୯(ଡି.ଏନ.ଏ.)**- କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମରେ ସାପ କାମୁଡାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଖଗେଶ୍ୱର ବାଗଙ୍କ ସାନ ଝିଅ ରେଖା (୬) ଓ ସ୍ତ୍ରୀ କ୍ଷୀର ମିଣି ମଙ୍ଗଳବାର ରାତିରେ ଶୋଇଥିଲେ। ବିଳମ୍ବିତ ରାତିରେ ମା' ଝିଅ ଦୁହିଁଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା କରିବା ପାଇଁ ନିଆଯାଇଥିଲା। ସେଠାରେ ଝିଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଓ ମା' କ୍ଷୀରଙ୍କୁ ଚିକିତ୍ସା କରାଯାଇଥିଲା। ସନ୍ଧ୍ୟାରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ବୁଧବାର ରାତିରେ କ୍ଷୀରଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଥିଲେ। ଏହି ଘଟଣା ପରେ ଏବେ ଗାଁରେ ଶୋକର ଛାୟା ଖେଳିଯାଇଛି ।

### ଅଜଣା ବୃଦ୍ଧଙ୍କ ମୃତ୍ୟୁ

ଭବାନୀପାଟଣା, ୫।୯ (ଡି.ଏନ.ଏ.) କଳାହାଣ୍ଡି ଜିଲା ଧର୍ମଗଡ ପୋଲିସ ପକ୍ଷରୁ ଉଦ୍ଧାର କରିଥିବା ଜଣେ ଅଜଣା ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ତାଙ୍କର ପରିଚୟ ମିଳି ନ ଥିବାରୁ ମୃତଦେହ ଜିଲା ଚିକିତ୍ସାଳୟଠାରେ ରଖାଯାଇଛି। ଗତ ଅଗଷ୍ଟ ୨୧ ତାରିଖରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଧର୍ମଗଡ କାଶିବାହାଲ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଅଜଣା ବୃଦ୍ଧଙ୍କୁ ପ୍ରାୟ ୬୫ରୁ ୭୦ ବର୍ଷ ହେବ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଗତ ୨୯ ତାରିଖରେ ବୃଦ୍ଧଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭାବନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨ ତାରିଖରେ ମୃତ୍ୟୁ ଘଟିଛି। ଏ ନେଇ ଧର୍ମଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯) ରୁଜୁ ହୋଇଛି।





ସେକ୍ଟର ୧୮ କମ୍ୟୁନିଟି ସେଣ୍ଟରଠାରେ ବିଜେଡି ପକ୍ଷରୁ ଆୟୋଜିତ ଗୁରୁଦିବସ ଅବସରରେ ଉପସ୍ଥିତ ଏମ୍ଏଲ୍ଏ ସୁବ୍ରତ ତରାଇ ଓ ଅନ୍ୟମାନେ (ବାମ)। ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଗୁରୁଦିବସ ପାଳନ ଅବସରରେ ଉପସ୍ଥିତ ଗୁରୁ ଓ ଛାତ୍ର।

# ରାଜନେତା ପାଳୁଛନ୍ତି ଗୁରୁଦିବସ

- ଫେସ୍‌ବୁକ୍, ହ୍ୱାଟ୍ସଆପରେ ଗୁରୁଙ୍କୁ ଅଭିନନ୍ଦନ
- ବଦଳିଯାଇଛି ଗୁରୁ ସାକ୍ଷାତ ପରଂବ୍ରହ୍ମ ସଂଜ୍ଞା, ସ୍ୱରୂପ
- ଗୁରୁ ଦିବସରେ ଗୁରୁଙ୍କ ନାମରେ ଏତଲା ଦେବାକୁ ଆସିଲେ ଛାତ୍ରୀଛାତ୍ର

**ରାଉରକେଲା ଅଫିସ,୫।୯**

ଷ୍ଟିଲ ସିଟିର ବିଭିନ୍ନ ସ୍କୁଲ କଲେଜ ସମେତ ଏକାଧିକ ସଙ୍ଗଠନ ପକ୍ଷରୁ ଗୁରୁବାର ଉତ୍ସାହ ଉଦ୍ଦୀପନାରେ ଗୁରୁ ଦିବସ ପାଳିତ ହୋଇଯାଇଛି। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଗୁରୁ ସାକ୍ଷାତ ପରମବ୍ରହ୍ମର ସଂଜ୍ଞା ଓ ସ୍ୱରୂପ ବଦଳିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନେକ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର ଗୁଡିକରେ ବ୍ୟବସାୟିକ ମନୋବୃତ୍ତି ନେଇ ଉତ୍ସବ ଆୟୋଜନ କରାଯାଇଥିଲା। ଫେସ୍‌ବୁକ ହ୍ୱାଟ୍ସଆପରେ ଗୁରୁଙ୍କୁ ଶୁଭେଚ୍ଛା ଜଣାଇଥିଲେ ଛାତ୍ରୀଛାତ୍ର। ଗୁରୁକୁଳ ଆଶ୍ରମ, ସରସ୍ୱତୀ ଶିଶୁ ମନ୍ଦିର ଭଳି କେତେକ ହାତଗଣତି ଅନୁଷ୍ଠାନ ଗୁରୁ ପରମ୍ପରାକୁ ବଜାୟ ରଖିବାକୁ ଆଜି ବି ଚେଷ୍ଟା ଜାରି ରହିଥିବା ଦେଖାଯାଇଛି। ଏହି ଅବସରରେ ଗୁରୁ ଦିବସ ପାଳନ କରିବା ନେଇ ଦଳୀୟ ନେତାଙ୍କ ଦୁର୍ବଳତା ବିଶେଷ ଉଲ୍ଲେଖନୀୟ ଘଟଣା। ଉତ୍ସବକୁ ସେହି ଦଳର ଛାତ୍ର ସଙ୍ଗଠନ ଆୟୋଜନ କରିବା ପରିବର୍ତ୍ତେ ସିଧାସଳଖ ନିର୍ବାଚିତ ପ୍ରତିନିଧି ଆୟୋଜନ କରୁଛନ୍ତି। ଏହା ଗୋଟିଏ ଦଳ ଭିତରେ ଆଉ ସୀମିତ ହୋଇ ରହିନାହିଁ। ପ୍ରତିଯୋଗିତା ଭିତିରେ ଅନ୍ୟ ଦଳ ନେତା ବି ଏଭଳି ସମାବେଶ ଆୟୋଜନ କଲେଣି। ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ଶିକ୍ଷାବିତ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ନିଜ ଜନ୍ମ ଦିନକୁ ଗୁରୁ ଦିବସ ଭାବେ ପାଳନ କରିବାକୁ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ। ଆଜି ସେହି ସମର୍ପଣ ଭାବ କୁଆଡେ ଉଭେଇ ଗଲାଣି। ଶିକ୍ଷକ ସମାଜକୁ କେଉଁ ଦଳ କବ୍‌ଜାରେ ରଖିବ ସେନେଇ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଏକ ବିଲକ୍ଷଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପବିତ୍ର ଗୁରୁ ଦିବସରେ ରାଜନୈତିକ ଦଳଗୁଡିକ ବଡ ସମାବେଶ ଆୟୋଜନ କରି ଏଥିରେ ଶିକ୍ଷକ ସମାଜକୁ ଡାକି ସମ୍ମାନିତ କରୁଛନ୍ତି। ଏହାକୁ ମନ୍ଦ ବୋଲି କୁହାଯିବା ଠିକ ନୁହେଁ ବୋଲି ଅନେକଙ୍କ ମତ। ତେବେ ଏହା ପଛରେ ରାଜନୈତିକ ଦଳ ନେତାଙ୍କ ଆନ୍ତରିକତା ନେଇ ପ୍ରଶ୍ନ ଉଠୁଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ କୋଚିଂ ସେଣ୍ଟର ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରାଯାଉଛି। ଶିକ୍ଷକଙ୍କ ଦାବି ଅନୁଷାରେ ଶିଷ୍ୟଙ୍କୁ ଉପହାର ପ୍ରଦାନ କରିବାକୁ ପଡୁଛି। ଏଣୁ ଗୁରୁ ସାକ୍ଷାତ ପରମବ୍ରହ୍ମ କେବଳ ପ୍ରବଚନରେ ରହିଯାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଗତାନୁଗତିକ ଭାବେ ଗୁରୁ ଦିବସ ପାଳନ କରାଯାଉଥିଲେ ବି ଏହା ପରମ୍ପରା ଠାରୁ ବହୁ ଦୂରରେ। ଆଜି ଭଳି ପବିତ୍ର ଦିନରେ ଷ୍ଟିଲ ସିଟିର ଏକ ପ୍ରମୁଖ ତଥା ପ୍ରତିଷ୍ଠିତ ବିଦ୍ୟାଳୟର କେତେକ ଛାତ୍ରୀଛାତ୍ର ଗୁରୁଙ୍କ ନାମରେ ଥାନାରେ ଏତଲା ଦେବାକୁ ଆସି ଏସପି ଅଫିସ ସମ୍ମୁଖରେ ରୁଣ୍ଡ ହୋଇଥିବା ଦେଖାଯାଇଥିଲା। ଗୋଟିଏ ପଟେ ଗୁରୁ ଦିବସ ପାଳନ ନେଇ ବିଦ୍ୟାର୍ଥୀ ମହଲରେ ଉତ୍ସୁକତା ଲାଗି ରହିଥିବା ବେଳେ ଅନ୍ୟ ପଟେ ଜଣେ ଗୁରୁଙ୍କ ପ୍ରତି ଏଭଳି ଆଚରଣ ଆଲୋଚନାର ଅପେକ୍ଷା ରଖୁଛି। ଏନେଇ କିଛି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଗ୍ରହ ନ ଥିବା ବେଳେ ଚଳଚଞ୍ଚଳ କୋଚିଂ ସେଣ୍ଟର ବା ଟିୟୁସନ ଘରେ ଭିଡ ଜମିବା ଲକ୍ଷ୍ୟ କରାଯାଇଛି। ଦଳ ଦଳ ଛାତ୍ରୀଛାତ୍ର ଶିକ୍ଷଙ୍କୁ ଉପହାର ଦେଇ ପ୍ରିୟପାତ୍ର ହେବାକୁ ଚେଷ୍ଟା କରିଛନ୍ତି। ଅନେକଙ୍କ ହାତର ଉପହାର ଥାଳି ଦେଖିଲେ ଏହା ବେଶ ଦାମିକା ବୋଲି ଅନୁମାନ କରାଯାଇପାରେ। ଏଣୁ ଚାଟଶାଳୀ ଛାଡି ମହଲରେ ପହଞ୍ଚିଥିବା ଗୁରୁ ଦିବସର ସ୍ୱରୂପ କ୍ରମଶଃ ବଦଳିବାରେ ଲାଗିଛି। ପରମ୍ପରା ଗତି ବଦଳାଉଛି। ଯାହାକୁ ନେଇ କିଛି ଅବସର ଶିକ୍ଷକ ଉଦବେଗ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାନ୍ତନୁ ମୁଦାଲି, ହୃଷକେଶ ପ୍ରଧାନ କହନ୍ତି, ପରମ୍ପରା ଉପରେ ଆମ ସଂସ୍କୃତିର ଦୃଢତା ନିର୍ଭର କରୁଛି। ଏନେଇ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ସେହିଭଳି ନୀଳଶୈଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ସଭ୍ୟ ସୁଧିର ମିଶ୍ରଙ୍କ କହିବାନୁସାରେ ଗୁରୁ ଦିବସ ପାଳନର ପବିତ୍ରତା ପ୍ରାୟ ଆଉ ନାହିଁ। ଆନ୍ତରିକାତା ଅଭାବ ରହୁଛି। ବ୍ୟବସାୟୀକରଣ ହେଲାଣି ବ୍ୟବସ୍ଥା। ଏସବୁକୁ ପଛରେ ପକାଇ ଅନ୍ତତଃ ନିଷ୍ଠା ପ୍ରଦର୍ଶନ କରାଗଲେ ଡଃ ରାଧାକୃଷ୍ଣନଙ୍କ ସ୍ୱପ୍ନ ସାର୍ଥକ ହେବ ବୋଲି ମିଶ୍ର କହିଛନ୍ତି।

### ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ଘଟଣା
## ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

**ସିନାପାଲି,୫।୯ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲିସ୍ଥିତ ଖଲନା ଗ୍ରାମରେ ବୁଧବାର ସକାଳେ ସ୍ତ୍ରୀଙ୍କୁ କିରୋସିନ ଢାଳି ସ୍ୱାମୀ ନିଆଁ ଲଗାଇ ହତ୍ୟା କରିଥିଲେ। ଏହି ଘଟଣାରେ ସିନାପାଲି ପୋଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ୱାମୀ ହୀରାଧର ଛତ୍ରି (୩୫) ଓ ଶାଶୁ ମହରଗୀ ଛତ୍ରୀ (୫୫)। ନୂଆଁଖାଇ ଦିନ ଶାଶୁଙ୍କୁ ଏକାଠି ନୂଆଁଖାଇ ଖାଇବା ପାଇଁ ଡାକି ନ ଥିବା ଘଟଣାରୁ ଏଭଳି କାଣ୍ଡ ଘଟିଥିବା ସିନାପାଲି ପୋଲିସ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗୌଡ ପ୍ରକାଶ କରିଛନ୍ତି।

### ଗୁରୁଦିବସକୁ କଳାଦିବସ ପାଳିଲେ କଲେଜ ଶିକ୍ଷକ

**ସିନାପାଲି,୫।୯(ଡି.ଏନ.ଏ.)**

ନୂଆପଡା ଜିଲା କେତେକ ମହାବିଦ୍ୟାଳୟରେ କଲେଜ ଶିକ୍ଷକମାନେ ଗୁରୁବାର ଗୁରୁ ଦିବସକୁ କଳାଦିବସ ଭାବେ ପାଳନ କରିଛନ୍ତି। ୨୦୦୮ ଜୁନ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ନିଯୁକ୍ତି ପାଇଥିବା ଏହି ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ସରକାର ହାତକୁ ନେବା ସହିତ ଚାକିରୀ ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା ପାଇଁ ଦାବି କରି ଆସୁଛନ୍ତି। ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା ଯୋଗୁ ସେମାନେ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବା ସହିତ ସରକାରଙ୍କଠାରେ ପ୍ରତିବାଦ କରିଛନ୍ତି । ଜିଲାର ସିନାପାଲି କଲେଜ, ବୋଡେନ ଜୁନିୟର କଲେଜ, ଖଡିଆଳ ଅଟୋନମସ ମହାବିଦ୍ୟାଳୟ ଓ କୋମାନ କଲେଜ ପ୍ରାୟ ୪୫ରୁ ଉର୍ଦ୍ଧ୍ୱ ଅଧ୍ୟାପକ ଅଧ୍ୟାପିକା କଳାବ୍ୟାଜ ପରିଧାନ କର କଳାଦିବସ ପାଳନ କରିଛନ୍ତି ।

# ଏକାଠି ପାଳିଲେ ନୂଆଖାଇ, ପରମ୍ପରାକୁ ମନେପକାଇଲେ

**ରାଉରକେଲା ଅଫିସ,୫ ।୯**

ଗୁରୁଣ୍ଡିଆ ବ୍ଲକ କୁଣ୍ଡେଇଡିହା ପଂଚାୟତ ଅନ୍ତର୍ଗତ ବଣ ପାହାଡ ଘେରା କଂସର ଗ୍ରାମରେ ପାରମ୍ପରିକ ରିତିନୀତିରେ ନୂଆଖାଇ ପାଳିତ ହୋଇଯାଇଛି। ଆବାହମାନ କାଳରୁ ଚଳି ଆସିଥିବା ନୂଆଖାଇ,ପ୍ରତି ବର୍ଷ ଏହି ଗାଁ ଲୋକେ ବେଶ ଉତ୍ସାହ ଉଦ୍ଦୀପନାରେ ପାଳନ୍ତି। ଯାହା ଚଳିତ ବର୍ଷ ଆହୁରି ଅଧିକ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥିଲା। ଗାଁ ନିକଟ ପୁରୁଣା ବଜାର ସାହିରେ ବସବାସ କରୁଥିବା ୩୦ରୁ ଉର୍ଦ୍ଧ ପରିବାର ଏକାଠି ହୋଇ ଉତ୍ସବ ମନାଇଥିଲେ। ପରମ୍ପରାକୁ ମନେ ପକାଇଥିଲେ। ଗ୍ରାମବାସୀ ସାମାଜିକ କର୍ମୀ ବିକ୍ରମ ନାୟକଙ୍କ ଉଦ୍ୟମରେ ଏକାଠି ହୋଇଥିଲେ।



ନୂଆଖାଇ ପାଳିନ ଅବସରରେ ଗ୍ରାମବାସୀ ଏକତ୍ରିତ ହୋଇଛନ୍ତି।

ଛୋଟବଡ ସମସ୍ତେ ନୂଆଖାଇର ଗୂଢ ତତ୍ତ୍ୱ ଓ ବିଶ୍ୱାସକୁ ମାନି ପୂଜପାଠ କରିଥିଲେ। ଏହି ଅବସରରେ ଗାଁ ବାହାରେ ଚାକିରି କିମ୍ବା ପାଠ ପଢୁଥିବା ସମସ୍ତେ ନୂଆଖାଇରେ ସାମିଲ ହେବାକୁ ଏଠାରେ ପହଞ୍ଚିଥିଲେ। ପରସ୍ପରକୁ କୋଳାଗ୍ରତ କରି ଅଭିନନ୍ଦନ ଜଣାଇ ଥିଲେ। ନୂଆଖାଇରେ ନୂଆ ଅନ୍ନ ଗ୍ରହଣ ପରେ ବଡଙ୍କୁ ଛୋଟମାନେ ପାଦଛୁଇଁ ପ୍ରଣାମ କରିଥିଲେ। ଜୁହାର ପରମ୍ପରା ଗାଁରେ ଏକ ନିଆରା ଉତ୍ସାହ ସୃଷ୍ଟି କରିଥିଲା। ଏହି ଅବସରରେ ସାମାଜିକ କର୍ମୀ ନାୟକ ଉପସ୍ଥିତ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ନୂଆଖାଇ ହେଉଛି ଆମ ପଶ୍ଚିମ ଓଡିଶା ସଂସ୍କୃତିର ଅଭିନ୍ନ ଅଙ୍ଗ। କୃଷିଭିତ୍ତିକ ଏହି ପର୍ବ ଆମକୁ ନୂତନ ବାର୍ତ୍ତା ପ୍ରଦାନ କରେ। ଭାଇଚାରାକୁ ମଜବୁତ କରେ। ପାରସ୍ପରିକ ମନୋମାଳିନ୍ୟକୁ ଦୂରେଇ ଦିଏ। ଏଣୁ ସମସ୍ତେ ମିଳିମିଶି ଏହି ବିଧି ବ୍ୟବସ୍ଥାକୁ ବଜାୟ ରଖିଲେ ଆମ ସଂସ୍କୃତି ଆହୁରି ଅଧିକ ଋଦ୍ଧିମନ୍ତ ହେବ। ଏକ ବିକଶିତ ଓ ଶୃଙ୍ଖଳିତ ସମାଜ ଗଠନରେ ନୂଆଖାଇ ହେଉଛି ପ୍ରକୃଷ୍ଟ ମଧ୍ୟମ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇ ଥିଲା। ଏହାକୁ ମିଳିମିଶି ଗ୍ରାମବାସୀ ଉପଭୋଗ କରିଥିଲେ।

# ଚାନ୍ଦା ମାଗିବାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ରାଉରକେଲା ଅଫିସ, ୫।୯**

ଚାନ୍ଦା ମାଗିବା ଘଟଣାକୁ ନେଇ ସେକ୍ଟର-୩ ଥାନା ଅଧିନରେ ୨ଜଣ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗକାରୀ ବର୍ତ୍ତମାନ ଆଇଜିଏଚ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସେକ୍ଟର-୧ ଏଫ୍-୨୨୫ରେ ରହୁଥିବା ମନୋରଞ୍ଜନ ମିଶ୍ର(୩୮) ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ନିଜ ଘରପାଖ ଦୁର୍ଗାପୂଜା ପଡ଼ିଆ ନିକଟରେ ଥିବା ନିଜ ଟ୍ରକ ପାଖରେ ଛିଡ଼ା ହୋଇଥିଲେ। ଠିକ ଏତିକିବେଳେ ସେକ୍ଟର -୧ ରେ ରହୁଥିବା ତରୁଣ ଓ ସେକ୍ଟର-୨ରେ ରହୁଥିବା ରାହୁଲ ନାମକ ୨ ଯୁବକ ମଦ୍ୟପାନ କରି ମନୋରଞ୍ଜନଙ୍କୁ ସ୍କୁଟି ମାଗିଥିଲେ। ତେବେ ମନୋରଞ୍ଜନ ସ୍କୁଟି ଦେବାକୁ ମନା କରିବାରୁ ଦୁର୍ଗାପୂଜା ପାଇଁ ୧ଲକ୍ଷ ଟଙ୍କା ଚାନ୍ଦା ଦେବାକୁ କହିବା ସହ ଚାନ୍ଦା ନ ଦେଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ମନୋରଞ୍ଜନ ଏହାର ପ୍ରତିବାଦ କରିବାରୁ ତରୁଣ ଓ ରାହୁଲ ଛାତିରେ ଓ ପେଟରେ ମାଡମାରି ସେଠାରୁ ଫେରାର ହୋଇଯାଇଥିଲେ। ମନୋରଞ୍ଜନ ଚିତ୍କାର କରିବାରୁ ପାଖରେ ଥିବା ଲୋକେ ଘଟଣାସ୍ଥଳକୁ ଦୌଡି ଆସି ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ଏ ନେଇ ମନୋରଞ୍ଜନ ବୁଧବାର ସେକ୍ଟର-୩ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

# ଏସ୍‌ଓଏସ୍ ଭିଲେଜ ପକ୍ଷରୁ ଗୁରୁଦିବସ

**ରାଉରକେଲା ଅଫିସ,୫। ୯**

ଏସଓଏସ ଭିଲେଜ (ଭାରତୀୟ ଶିଶୁ ଗ୍ରାମ) ପକ୍ଷରୁ ଗୁରୁବାର ଗୁରୁଦିବସ ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଡିଏସପି ଜ୍ୟୋତିର୍ମୟ ଭୁକ୍ତା ମୁଖ୍ୟ ଅତିଥି, ଡିଏଭି ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ସନାତନ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ସହରର ପ୍ରମୁଖ ଶିକ୍ଷାନୁଷ୍ଠାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭୁକ୍ତା ନିଜ ବକ୍ତବ୍ୟରେ ପବିତ୍ର ଗୁରୁ ଦିବସ ପାଳନ ପଛରେ ରହିଥିବା ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପ୍ରଧାନ କହିଥିଲେ ଉତ୍ତମ ଶିକ୍ଷକଙ୍କ ପ୍ରଭାବରେ ଆଲୋକିତ ଶିଶୁ ନିଶ୍ଚିତ ଭାବେ ଜଣେ ସୁନାଗରିକ ଭାବେ ପ୍ରତିଷ୍ଠା ଲାଭ କରିଥାଏ। ଶିକ୍ଷକ ବିଦ୍ୟାର୍ଥୀଙ୍କ ପାଇଁ ଦୂରଦ୍ରଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରନ୍ତି। ଗୁରୁଙ୍କ ମାର୍ଗ ଦର୍ଶନରେ ଛାତ୍ର ଜୀବନ ସାର୍ଥକ ହୋଇଥାଏ। ଏଣୁ ଗୁରୁ ଶିଷ୍ୟ ସମ୍ପର୍କ ଯୁଗବ୍ୟାପୀ ଅତୁଟ ବୋଲି ପ୍ରଧାନ କହିଥିଲେ। ମୁଖ୍ୟ ବକ୍ତା ସନାତନ ପ୍ରଧାନ କହିଥିଲେ, ବିନା ଗୁରୁରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଉପଯୁକ୍ତ ମାର୍ଗ ଦର୍ଶନ ବିନା ଜଣେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ନୁହେଁ। ସମାଜ ଓ ସଂସ୍କୃତି ବିକାଶ ନେଇ ଜଣେ ଶିକ୍ଷକଙ୍କ ଯେପରି ଅବଦାନ ରହିଛି ଭଲ ମଣିଷ ଗଢିବାରେ ତତୋଧିକ ଦାୟିତ୍ୱ ରହିଛି। ଏକଥାକୁ ଅମେ ସ୍ୱୀକାର କରିବାରେ ଦ୍ୱିଧାବୋଧ କରିବା ଉଚିତ ନୁହେଁ ବୋଲି ପ୍ରଧାନ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶିଶୁ ଗ୍ରାମ ଆଞ୍ଚଳିକ ନିର୍ଦ୍ଦେଶକ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ଗୁରୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିର୍ଦ୍ଦେଶକ ତପନ ସୁନା ଶିଶୁ ଗ୍ରାମ ପିଲାଙ୍କ ସଫଳତା ନେଇ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଆଶିଷ ପଣ୍ଡା, ସୁମନ କୁମାର, ଲମ୍ବୋଦର ସାହୁ, ପ୍ରଭାତୀ ଦେଇ, ବିଜୟଲକ୍ଷ୍ମୀ ତ୍ରିପାଠୀ, ସଂଜୟ ଭୋଳ, ପ୍ରିୟଙ୍କା ରାଉତ, ତନୁଶ୍ରୀ ବେହେରା ଉପସ୍ଥିତ ଥିଲେ। କମଳାକାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଏସ୍‌ଓଏସ୍ ଭିଲେଜ ପକ୍ଷରୁ ଗୁରୁଦିବସ ସମାରୋହରେ ମଞ୍ଚାସୀନ ଅତିଥି।

■ ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ ବିରୋଧ

# ସିଟୁ ଓ କୃଷକ ସଭା ପକ୍ଷରୁ ବିକ୍ଷୋଭ

**ରାଉରକେଲା ଅଫିସ, ୫।୯**

କେନ୍ଦ୍ରର ମୋଦି ଓ ରାଜ୍ୟର ନବୀନ ସରକାରଙ୍କ ଜନବିରୋଧୀ ତଥା ଶ୍ରମିକ, କୃଷକ ଓ କ୍ଷେତ ମଜଦୁର ବିରୋଧ ନୀତିକୁ ବିରୋଧ କରି ଗୁରୁବାର ସିଆଇଟିୟୁ (ସିଟୁ), ଓଡିଶା କୃଷକ ସଭା ଓ ଓଡିଶା କ୍ଷେତ ମଜଦୁର ସଭା ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଶ୍ରମିକ, କୃଷକ ଓ କ୍ଷେତ ମଜଦୁରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଏକ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ପ୍ରମୋଦ ସାମଲ, ଟି.ପି.ମହାପାତ୍ର, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ହୃଦୟାନନ୍ଦ ଯାଦବ, ଅରୁ ଦାସ, କିଶୋର ତନ୍ତୀ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ ପ୍ରମୁଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ। କୃଷକ ଉତ୍ପାଦନ କରୁଥିବା ସମସ୍ତ




ସିଆଇଟିୟୁ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଜାତୀୟ କମିଶନ ସୁପାରିଶ କ୍ରମେ ପ୍ରଦାନ କରାଯିବା, କୃଷକମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଋଣମୁକ୍ତ କରିବା, ସମସ୍ତ କୃଷକ ଓ କୃଷି ଶ୍ରମିକମାନଙ୍କୁ ୬୦ବର୍ଷ ବୟସ ପରେ ମାସିକ ୫ହଜାର ଟଙ୍କା ପେନସନ, ଶ୍ରମିକମାନଙ୍କୁ ମାସିକ ୨୦ହଜାର ଟଙ୍କା ମଜୁରୀ ଧାର୍ଯ୍ୟ କରିବା, ଏମ୍‌ଜିଏନ୍‌ଆର୍‌ଜିଏରେ ବର୍ଷକୁ ୨ଶହ ଦିନର କାମ, କେନ୍ଦ୍ର ସରକାର ୪୪ଗୋଟି ଶ୍ରମିକ କଲ୍ୟାଣ ଆଇନକୁ ଉଚ୍ଛେଦ କରି ୪ଟି କୋଡରେ ପରିଣତ କରିଥିବା ଆଇନକୁ ପ୍ରତ୍ୟାହାର କରିବା ଆଦି ୧୦ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିଟୁର ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଓଡିଶା କୃଷକ ସଭାର ଯୁଗ୍ମ ସମ୍ପାଦକ ସୁରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଟୁ ଜିଲା ଉପସଭାପତି ଅଜୟ ଶର୍ମା, କବି ପ୍ରଧାନ, ଶେଖର ଶର୍ମା, ଏନ୍.କେ.ରାଉତରାୟ, ଓଡିଶା କୃଷକ ସଭା ପକ୍ଷରୁ ବିଶ୍ୱନାଥ ଲେଙ୍କା, ବୁଧୁନି ମୁଣ୍ଡାରି, ଶାନ୍ତି ମିଞ୍ଜ, ଜିତେନ୍ଦ୍ର ମୁଣ୍ଡା, ସୁରେଶ ମୁଣ୍ଡାରି, ବାସନ୍ତୀ ବଡ଼ାଇକ, ରତ୍ନାକର ପ୍ରଧାନ, ପ୍ରମୁଖ ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ରହି ପରିଚାଳନା କରିଥିଲେ।



"ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ରାଉରକେଲା ପ୍ରଥମ ବିଧାୟକଙ୍କ ଶ୍ରାଦ୍ଧଦିବସ ପାଳିତ

**ବେଦବ୍ୟାସ, ୫।୯ (ଡି.ଏନ.ଏ):** ରାଉରକେଲା ପ୍ରଥମ ବିଧାୟକ ତଥା ଶ୍ରମିକ ନେତା ରାଜକିଶୋର ସାମନ୍ତରାଏଙ୍କ ବେଦବ୍ୟାସ ଶୈବପୀଠ ସ୍ଥିତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳ ୯ଟା ସମୟରେ ୧୫ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ରାଉରକେଲା ବିଶିଷ୍ଟ ଶ୍ରମିକ ନେତା ଆଦିକନ୍ଦ ଭୋଳଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକଙ୍କ ସମେତ ସାମନ୍ତରାଏଙ୍କ ପୁତ୍ର ବିମଳ ରାଏ ସାମନ୍ତରାଏଙ୍କ ଫଟୋଚିତ୍ରରେ ଭକ୍ତିପୁତ ତୈଳତର୍ପଣ କରିଥିଲେ। ଏହି ଅବସରରେ ଶେଷଧର ନାୟକ, ଶ୍ରୀଧର ଚମ୍ପତିରାଏ, କଳାକାର ସାହୁ, ନିର୍ମଳ ଚନ୍ଦ୍ର ପ୍ରଧାନ, ନୀଳମଣି ରାଏ, ବିମଳ ବେହୁରିଆ ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ବିଶିଷ୍ଟ ଶ୍ରମିକନେତା ଆଦିକନ୍ଦ ଭୋଳ ତାଙ୍କ ବକ୍ତବ୍ୟ ମାଧ୍ୟମରେ ସ୍ୱର୍ଗତ ସାମନ୍ତରାଏ ଜଣେ ମିଷ୍ଟଭାଷୀ ତଥା ରାଉରକେଲା ଶ୍ରମିକଙ୍କଠାରୁ ନେଇ ପୁଞ୍ଜିପତି ପର୍ଯ୍ୟନ୍ତ ସମସ୍ତ ଜନମାନସରେ ଜଣେ ଅତିପ୍ରିୟ ନେତାଥିଲେ । ତାଙ୍କର ଅବଦାନ ରାଉରକେଲାବାସୀଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।

### କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଗୁରୁ ଦିବସ ପାଳିତ

**କୁଆଁରମୁଣ୍ଡା,୫।୯(ଡି.ଏନ୍.ଏ.):** ଗୁରୁବାର ଗୁରୁ ଦିବସ ପାଳନ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ପାଳିତ ହୋଇଯାଇଛି । ଏହି ଉତ୍ସବ ଉପଲକ୍ଷେ ପିଲାମାନେ ସ୍କୁଲକୁ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ସେମାନଙ୍କର ଶୁଭ ଆଶିର୍ବାଦ ଲାଭ କରିଛନ୍ତି। ଏହା ସହ ଉକ୍ତ ଦିବସର ପାଳନ ସମ୍ପର୍କରେ ପିଲାମାନେ ନିଜ ନିଜର ବକ୍ତବ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଅଞ୍ଚଳର ହରିହର ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ,ଏକଲବ୍ୟ ମଡେଲ ସ୍କୁଲ ସମେତ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର, ଲିଟିଲବଡ୍ ଇଂଲିଶ ସ୍କୁଲ ଇତ୍ୟାଦିରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି ।ସେହିପରି କୁମଝରିଆ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଏକ ମନୋରମ ପରିବେଶରେ ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ପୂଜା କରି ଆଶିର୍ବାଦ ଗ୍ରହଣ କରିଛନ୍ତି। ଏହା ସହ ଗୁରୁଦିବସ ପାଳନ ବିଷୟରେ ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ନିଜ ବକ୍ତବ୍ୟ ରଖିଛନ୍ତି । ଅନୁରୂପଭାବେ କଟାରୁ ସରକାରୀ ହାଇସ୍କୁଲରେ ଗୁରୁଦିବସ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି।





ସୁନ୍ଦରଗଡ଼ ସହରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳନ କରାଯାଉଛି।

■ ସୁନ୍ଦରଗଡର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହେଲା ଗୁରୁଦିବସ

# ସବୁଠି ଗୁରୁପୂଜା, ଗୁରୁ ବନ୍ଦନା

**ସୁନ୍ଦରଗଡ, ୫।୯ (ଡି.ଏନ୍.ଏ.)**

ଗୁରୁବାର ଥିଲା ପବିତ୍ର ଗୁରୁଦିବସ। ରାଷ୍ଟ୍ର ଗୁରୁ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଶୁଭ ଜନ୍ମ ତିଥି ଅବସରରେ ଶିକ୍ଷକଙ୍କ ପ୍ରତି ଉତ୍ସର୍ଗୀକୃତ ଏହି ଦିନରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଶିଷ୍ୟଙ୍କର ମହାନ ପରମ୍ପରାକୁ ବଜାୟ ରଖି ସୁନ୍ଦରଗଡର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁବାଷିନୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ,କର୍ମଚାରୀ ଓ ଛାତ୍ରମାନଙ୍କର ଉପସ୍ଥିତିରେ ପ୍ରାରମ୍ଭରେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ମାନେ ଏହି ଦିବସର ତାପର୍ଯ୍ୟ ସଂପର୍କରେ ଆଲୋକପାତ କରି ଛାତ୍ର ମାନେ ଡଃ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଣ୍ଡେ ରାଧାକ୍ରିଷ୍ଣନଙ୍କ ଜୀବନୀ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ସୁଚିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସୁଧାଂଶୁ ଚୌଧୁରୀ,ବୀରେନ୍ଦ୍ର ପ୍ରଦାପ କେଶରୀ, ସୁନନ୍ଦା ଚୌଧୁରୀ, ରାଘବେନ୍ଦ୍ର ଠାକୁର, ବିଶ୍ୱଭୂଷଣ ନାୟକ ପ୍ରମୁଖ ଉପସ୍ଥତିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମଶାଳା ଉଚ୍ଚ ବିଦ୍ୟାଳୟରେଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତେଜସ୍ୱିନୀ ପଟେଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁଦିବସ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ବେଣୁମାଧବ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୈଦିକ କାଳରୁରହି ଆସିଥିବା ଗୁରୁ ଶିଷ୍ୟଙ୍କ ମହାନ୍ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଦେଓ, କୁମୁଦିନୀ ରଥ, ଗୋବିନ୍ଦ ପଟେଲ, ଆଶାଲତା ପଟେଲ, ସ୍ନେହଲତା ବାରିକ, ନେହେରୁଲାଲ ପଟେଲ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିକ୍ଷାରେ ମନୋନିବେଶ କରି ଜୀବନରେ ଜଣେ ଭଲମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି କିରେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦିବ୍ୟଲୋଚନ ପଶାୟତ, ଗୋବିନ୍ଦ ଚନ୍ଦ୍ର ସୁଆର ପ୍ରମୁଖ ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ପୁଅକୁ ପର ଝିଅ
ଏଠୁ ଉଠେଇ ସେଠି ଥୁଅ ।**

ଝିଅଟିଏ ଘରଯୋଗ୍ୟା ହେଲେ ତାକୁ ହାତକୁ ଦି'ହାତ କରିଦିଆଯାଇଥାଏ। ଅଜଣା ଅଦେଖା ହାତ ତା' ପାଇଁ ଜୀବନ ସର୍ବସ୍ୱ ପାଲଟିଯାଇଥାଏ। କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ପରପୁଅକୁ ପରଝିଅ ଭଳି ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଇଲି ହେଲେ ଖଟିବି,
ମାଇପ ହେଲେ ସୁହାଗୀ ହେବି,
ଦେବୀ ହେଲେ ତୋଷିବି ।**

ନାରୀଟିଏ କେତେବେଳେ ଦାସୀ ହୋଇ ଖଟିଥାଏ ତ କେତେବେଳେ ପତ୍ନୀ ହୋଇ ପତି ସୁହାଗିନୀ ପାଲଟିଯାଇଥାଏ। ସେହିପରି କେତେବେଳେ ଆଦର୍ଶ ନାରୀ ହୋଇ ସଭିଙ୍କୁ ପ୍ରୀତ କରାଇଥାଏ ବା ମନ ତୋଷିଥାଏ। ନାରୀ ନିଜ ଜୀବନ କାଳରେ ବହୁ ଭୂମିକା ତୁଲାଇ ପାରିଲେ ନାରୀ ଜୀବନ ସଫଳ ବା ସାର୍ଥକ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ରାଜଗାଙ୍ଗପୁର ଟାଉନ ପାଇଁ କଂଗ୍ରେସ ନୂତନ କମିଟି ଗଠିତ

**ରାଜଗାଙ୍ଗପୁର, ୫।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହର ପାଇଁ ଏକ ମାସ ପୂର୍ବେ କଂଗ୍ରେସ ଦଳର ଏକ ସଭା କରାଯାଇ ଏକ ନୂତନ କମିଟି ଗଠନ କରାଯାଇ ପିସିସି ଓ ଡିସିସି ପାଖକୁ ପଠାଯାଇଥିଲା । ଏହି କମିଟିକୁ ଡିସିସି ଓ ପିସିସି ଅନୁମୋଦନ କରି ସଭାପତି ଭାବେ ଇଫତିଖାର୍ ଆହମ୍ମଦ, କାର୍ଯ୍ୟକାରୀ ସଭାପତି ଅମ୍ବିକା ମହାନ୍ତି, ଶଶିଭୂଷଣ ଚଉରୋସିଆ, ପବନ କୁମାର ଗାଡୋଡିଆ, ହେରମାନ ଏକ୍କା, ଉପସଭାପତି ଭାବେ ପିଭିକେ ଗୋୟା, ଦେବରଞ୍ଜନ ବିନୋଦ, ପରମେଶ୍ୱର ମହାନ୍ତି । ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସମ୍ପାଦକ ଭାବେ ମଙ୍ଗଳ ତିର୍କୀ, ଉଜ୍ଜଳ ଭଟ୍ଟାଚାର୍ଯ୍ୟ, ସଞ୍ଜିବ ଭେଙ୍ଗରା, ଆଶିଷ କୁମାର ଘୋଷ, ଜାଭେଦ ଅକତାର, ବିଜୟ କୁମାର ସିଂ । ସେହିପରି ସହସମ୍ପାଦକ ଭାବେ ଏଡୱାଡ ହେରେଞ୍ଜ, ସୋରଜ ବିଶ୍ୱାଳ, ପୂର୍ଣ୍ଣ କିସାନ, ଏମଡି ଆଜିମ୍, ରମେଶ ସିଂ, ବିଜୟ ରାୟ, ବସନ୍ତ ବିପ୍ର, କୋଷାଧ୍ୟକ୍ଷ ମଙ୍ଗତ୍‌ରାମ ଟିବ୍ରିୱାଲ, ସଂଗଠନ ସମ୍ପାଦକ ରମେଶ କୁମାର ସାହୁ,ମୁଖ୍ୟପାତ ରମେଶ ପାଏ, ମହିଳା କଂଗ୍ରେସ ସଭାପତି ଇମଲେନ୍ ଏକ୍କା, ଯୁବ କଂଗ୍ରେସ ସଭାପତି ପ୍ରେମାନନ୍ଦ ପଣ୍ଡା, ସେବାଦଳର ସଭାପତି ଶମ୍ଭୁ ସିଂ, ଏନଏସଓ ସେଲ ଚେୟାରମ୍ୟାନ ତରୁଣ ଦାସ, ଏସସିସେଲ ଚେୟାରମ୍ୟାନ ଗୋବିନ୍ଦ ନେଉରିଆ, ଓବିସି ସେଲ ଚେୟାରମ୍ୟାନ ରାଜକିଶୋର ବାସୁରୀ, ଏସଟି ସେଲ ଚେୟାରମ୍ୟାନ ଜ୍ୟୋତିପ୍ରକାଶ ଲାକ୍ରା, ମାଇନୋରିଟି ସେଲ ଚେୟାରମ୍ୟାନ ଏମଡି ମିନହାଜ, କିଶାନ ସେଲ ଚେୟାରମ୍ୟାନ ଯୋସେଫ କେରକେଟ୍ଟା, ଡା. ସେଲ ଚେୟାରମ୍ୟାନ ଆଫଜାଲ ଅହମ୍ମଦ, ଲିଗେଲ ସେଲ ଚେୟାରମ୍ୟାନ ଯୁଧିଷ୍ଠିର ସରପଟିଆ, ଏନଜିଓ ସେଲ ଚେୟାରମ୍ୟାନ ପ୍ରଣତି ପ୍ରଧାନ, ଟ୍ରେଡ ସେଲ ଚେୟାରମ୍ୟାନ ପ୍ରଦୀପ ଅଗ୍ରୱାଲ, ବୁଣାକାର ଚେୟାରମ୍ୟାନ ପଙ୍କଜ ପାଏ, ମିଡିଆ ସେଲ ଚେୟାରମ୍ୟାନ ତାଜ ଆଲମ୍ ପ୍ରମୁଖ ମନୋନୀତ ହୋଇଛନ୍ତି ।

## ପୃଥକ ଦୁଇ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ବଡଗାଁ, ୫।୯ (ଡି.ଏନ.ଏ)**

ବଡଗାଁ ଥାନା ଅନ୍ତର୍ଗତ ଗରିଆମାଲ ନିକଟ ମରଚିମୁଡା ଚଢ଼ାଣିଠାରେ ଥିବା (ଏସଏଚ-୧୦) ପୋଲ ତଳକୁ ଖସି ପଡିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲାବେଳେ ଇତମା ବସଷ୍ଟାଣ୍ଡ ନିକଟରେ ଏସଏଚ- ୧୦ ଏକ ଘରୋଇ ବସ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ସୂଚନାନୁଯାୟୀ, ବାମରା ଥାନା ଅନ୍ତର୍ଗତ ଘୁଙ୍ଗୁଟୁମାଲ ନିକଟ ପତ୍ରାପାଲି ଗ୍ରାମର କୃପା ବରୁଆ (୬୫) ବଡଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ନୂଆଁଖାଇ ପାଇଁ ଆସିଥିଲେ। ସେ ଘରକୁ ସାଇକଲରେ ଫେରୁଥିଲା ବେଳେ ପୋଲ ତଳକୁ ଖସି ଯିବାରୁ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସୁନ୍ଦରଗଡ ମେଡିକାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ଇତମା ଗ୍ରାମର ପ୍ରାଣୀ ଚିକିତ୍ସା ନିରୀକ୍ଷକ (ଏଲଆଇ) ବାଇକରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଇତମାକୁ ଆସୁଥିଲା ବେଳେ ଘରୋଇ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣା ମର୍ମନ୍ତୁଦ ହୋଇଥିଲେ ମଧ୍ୟ ସୌଭାଗ୍ୟବସତଃ ଏଲଆଇ ସର୍ଗିପାଲି ନିକଟ ତେଲସରା ଗ୍ରାମର ସତ୍ୟନାରାୟଣ ନାୟକ ସାମାନ୍ୟ ଆହତ ହୋଇଥଲେ ।



ଜଣେ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି।

## ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ

**ଲହୁଣୀପଡା, ୫।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ତହସିଲ କାର୍ଯ୍ୟାଳୟରେ ଗୁରୁବାର ଭୂମିହିନ ବ୍ୟକ୍ତିଙ୍କୁ ଘରଡିହ ପାଇଁ ଜମିପଟ୍ଟା ବଣ୍ଟନ କରାଯାଇଛି। ତହସିଲ କାର୍ଯ୍ୟାଳୟରେ ଶଶ୍ୟକଳା, ଭୁଡୁଡା ଏବଂ ଫୁଲଝରା ପଞ୍ଚାୟତର ମୋଟ ୩୨ଜଣ ଭୂମିହୀନ ବ୍ୟକ୍ତିଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ ଲେଖା ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ଜମି ପଟ୍ଟା ତହସିଲଦାର ଆଲୋକ କୁମାର ଦେହୁରୀ, ଭୁଡୁଡା ସରପଞ୍ଚ ବାସନ୍ତୀ ମୁଣ୍ଡା ଯୋଗଦେଇ ଜମିପଟ୍ଟା ବଣ୍ଟନ କରିଥିଲେ। ଅନ୍ୟ ପଞ୍ଚାୟତର ଭୂମିହୀନମାନଙ୍କୁ ପର୍ଯ୍ୟାୟକ୍ରମେ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ ଉଦୟନାଥ ପାତ୍ର, ଶଙ୍କର ପ୍ରସାଦ ସାହୁ, ଆଶୁତୋଷ ବେହେରା, ଇତିରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିବା ଜଣାଯାଇଛି।

## ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବୃକ୍ଷ ରୋପଣ

**ବଣାଇ, ୫।୯(ସ୍ୱ.ପ୍ର.):** ବଣାଇ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିବା ଜଣାପଡିଛି। ବଣାଇ ତାଲୁକ ଆଇନ ସେବା ସଂସ୍ଥାର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଦୌରାଜଜ ଦେବଦତ୍ତ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ପ୍ରକାର ଫଳବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇରେ ଅଧିକାର ମନୋଜ କୁମାର ପାତ୍ର, ବନରକ୍ଷୀ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ବୃକ୍ଷ ରୋପଣରେ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତାଲୁକ ଆଇନ ସେବା ସଂସ୍ଥାର ସହାୟକ ରାମଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର କିସାନ ଏବଂ କର୍ମଚାରୀ ଉପସ୍ଥିତ ରହି ବୃକ୍ଷରୋପଣରେ ସହାୟତା କରିଥିଲେ।



ବଣାଇ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବୃକ୍ଷ ରୋପଣ

## ବ୍ରାହ୍ମସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି

**ସୁନ୍ଦରଗଡ, ୫।୯ (ଡି.ଏନ୍.ଏ)**

ସୁନ୍ଦରଗଡ ବ୍ରାହ୍ମସମାଜ ପକ୍ଷରୁ ଆସନ୍ତା ୧୩ ତାରିଖରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହେବ। ଗୁରୁବାର ବ୍ରାହ୍ମସମାଜର ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସ୍ଥାନୀୟ ସିଭିକ ସେଣ୍ଟରଠାରେ ଏହି କାର୍ଯ୍ୟକ୍ରମ ସକାଶେ ଟାଉନ ସଭାପତି ଅବନୀକାନ୍ତ ପୁରୋହିତ, କୁକୁଦ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ରମଣୀରଞ୍ଜନ ଯୋଶୀଙ୍କ ସହିତ ଯୋଗାଯୋଗ କରାଯିବା ନିମନ୍ତେ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଅନୁରୋଧ କରାଯାଇଛି ।

## ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ

**ବେଦବ୍ୟାସ, ୫।୯ (ଡି.ଏନ.ଏ)**

ବେଦବ୍ୟାସ ସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଗୁରୁଦିବସ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର କାରିବଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା । ପ୍ରଥମେ ବେଦବ୍ୟାସ ସ୍ଥିତ କଲ୍ୟାଣ ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଅଗ୍ନିବାବା ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ଏବଂ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗୁରୁ ଓ ଶିଷ୍ୟ ପରମ୍ପରା ଅତି ପ୍ରାଚୀନ ଏବଂ ଏହା ସମାଜକୁ ବିକାଶ ମାର୍ଗରେ ପରିଚାଳିତ କରେ ବୋଲି ଅଗ୍ନିବାବା ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ମୁଖ୍ୟଅତିଥି ଭାବେ ଲାୟନ ରାକେଶ କୁମାର ସିଂ, ସମ୍ମାନୀତ ଅତିଥି ଭାବେ ରଘୁନାଥ ବେହେରା, ବେଦବ୍ୟାସ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ଚନ୍ଦ୍ର କୈଶିକ, ଗୀତେଶ କୁମାର ସିଂ, ପ୍ରକାଶ ଧଳ, କିଶୋର କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ଗୁରୁ ଦିବସର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ୧୧ ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ପରିଧାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ଅନୁପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଛାତ୍ରୀ ଓ ଛାତ୍ରମାନେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପଦ ବନ୍ଦନ୍ୟ ସହ ଗୁରୁ ପୂଜା କରିଥିଲେ । ଗୁରୁ ଦିବସ ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ର ଭଲ ମଣିଷ ହେବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ ଉପଦେଶ ନେଇଥିଲେ ।




ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

■ ୭୮ତମ ରାଜ୍ୟ ପୋଲିସ ଚାମ୍ପିୟନଶିପ୍

# କଟକ ଓଏସଏପି ଷଷ୍ଠ ବାଟାଲିୟନ ଚାମ୍ପିୟନ

**ସୁନ୍ଦରଗଡ, ୫।୯ (ଡି.ଏନ୍.ଏ)**

ସୁନ୍ଦରଗଡଠାରେ ଚାଲିଥିବା ୭୮ତମ ରାଜ୍ୟ ପୋଲିସ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଗତ ୧୭ଦିନ ଧରି ଚାଲିଥିବା ଏହି ଫୁଟବଲ ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ପୋଲିସ ଜିଲା ଓ ବାଟାଲିୟନ ଗୁଡିକରୁ ୪୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କଟକ ଓଏସଏପି ଷଷ୍ଠ ବାଟାଲିୟନ ଏବଂ ଓଏସଏପି ୫ମ ବାଟାଲିୟନ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ କଟକ ଦଳ ୨-୦ ଗୋଲରେ ୫ମ ବାଟାଲିୟନ ଓଏସଏପି ବାରିପଦାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଓଡିଶା ରାଜ୍ୟ ପୋଲିସ ଗଠନର ଦୀର୍ଘ ୮୦ବର୍ଷ ମଧ୍ୟରେ ଆଇନ୍ ଶୃଙ୍ଖଳା ରକ୍ଷା ସହ କ୍ରୀଡାର ବିକାଶ ଦିଗରେ ମଧ୍ୟ ବିଶେଷ ଧ୍ୟାନ ଦେଇ ଆସିଛି। ଏହା ମଧ୍ୟରେ ଏହାକୁ ମିଶାଇ ୭୮ଟି ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍ ମଧ୍ୟ ଆୟୋଜନ କରିଛି। ବିଗତ ଦିନରେ ଓଡିଶା ପୋଲିସ ଦଳ ଜାତୀୟ ସ୍ତରରେ ବେଶ ସୁନାମ ରଖିଆସିଥିବା ବେଳେ ବର୍ତ୍ତମାନ ଏଦିଗରେ ଉପଯୁକ୍ତ ପ୍ରଶିକ୍ଷଣ ଲାଭ କରି କିଭଳି ପୂର୍ବ ସୁନାମକୁ ବଜାୟ ରଖିବ ସେ ନେଇ ପୋଲିସ ଖେଳାଳିମାନଙ୍କୁ ଆହ୍ୱାନ ସେ ଦେଇଥିଲେ। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡରେ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଆୟୋଜନକୁ ନେଇ ସେ ଆୟୋଜକ ରାଜ୍ୟ ପୋଲିସଙ୍କୁ କୃତଜ୍ଞତା ଜଣାଇଥିଲେ। ଫୁଟବଲ ଖେଳ କିଭଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକ ଲୋକପ୍ରିୟ ଖେଳ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରି ରାଜ୍ୟ ସରକାର ଓଡିଶାରେ ହକି ଭଳି ଫୁଟବଲ ବିଶ୍ୱକପ୍ ଆୟୋଜନ ପାଇଁ ନିଷ୍ପତ୍ତି ନେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଟିପିସି ଦୁଲିଙ୍ଗା କୋଇଲା ଖଣି ପ୍ରକଳ୍ପର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚିତ୍ତରଞ୍ଜନ ବାରିକ, ଡିଏଫଓ ଡ. ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ଫୁଟବଲ ଚାମ୍ପିୟନଶିପ୍‌ର ସମ୍ପାଦକ ତଥା ସୁନ୍ଦରଗଡ ଏସପି ସୌମ୍ୟା ମିଶ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ପୋଲିସ କ୍ରୀଡା ଅଧିକାରୀ ତଥା ଆସିଷ୍ଟାଣ୍ଟ କମାଡାଣ୍ଟ ବିଭୂତି ଭୂଷଣ ପରିଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ଚାମ୍ପିୟନ କଟକ ଓଏସଏପି ଷଷ୍ଠ ବାଟାଲିୟନର ଖେଳାଳି।

**ଓଏସଏପି ୫ମବାଟାଲିୟନ ବାରିପଦା ରନର୍ସ ଅପ୍**